# ବନଜା

# Banaja

# 2012



**Academy of Tribal Languages & Culture**

ST & SC Development Department

Bhubaneswar

# ବନଜା

# BANAJA

## 2012

ସମ୍ପାଦକ

ଶ୍ରୀ ବିଶ୍ୱର କୁମାର ନାୟକ


**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଓ ଉନ୍ନୟନ ବିଭାଗ

ଭୁବନେଶ୍ୱର

୨୦୧୨

# ବନଜା -୨୦୧୨


| | | |
|---|---|---|
| ସମ୍ପାଦକ | : | ଶ୍ରୀ ବିଶ୍ୱର କୁମାର ନାୟକ, ଆଇ.ଏ.ଏସ୍<br>ସଦସ୍ୟ ସଚିବ |
| ପ୍ରକାଶକ | : | ସଦସ୍ୟ ସଚିବ<br>**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**<br>ଆଦିବାସୀ ପ୍ରଦର୍ଶନୀ ପଡ଼ିଆ<br>ୟୁନିଟ୍ -୧, ଭୁବନେଶ୍ୱର -୭୫୧୦୦୯ |
| ପ୍ରକାଶନ | : | ଜାନୁୟାରୀ - ୨୦୧୨ |
| ମୁଦ୍ରଣ | : | ଭୋଲାନାଥ ପ୍ରେସ୍<br>୧୨୦୧/୧୬୦୧, ବମିଖାଲ,<br>ଭୁବନେଶ୍ୱର-୧୦ |

# BANAJA - 2012

**Editor**
Shri Biswar Kumar Nayak, IAS
Member Secretary

**©Publisher :**
Member Secretary
**Academy of Tribal Languages & Culture**
Adivasi Exhibition Ground
Unit-1, Bhubaneswar -751 009

January 2012

**Printed at :** Bholanath Press
1201/1601/, Bomikhal
Bhubaneswar-10

# ମୁଖବନ୍ଧ

ପରିବର୍ତ୍ତନ ସଂସାରର ଏକ ସ୍ୱଭାବସିଦ୍ଧ ପ୍ରକ୍ରିୟା । ସମୟ ସହ ତାଳ ଦେଇ ଏହା ଗତିଶୀଳ । ଜଗତଦୃଷ୍ଟି ଯେତେ ବ୍ୟାପକ, ପରିବର୍ତ୍ତନ ସେତେ କ୍ଷୀପ୍ରତର । ମାନବ ସଭ୍ୟତା ମଧ୍ୟ ଏହି ସ୍ରୋତରେ ନିଜକୁ ଖାପ୍ ଖୁଆଇ ପରିବର୍ତ୍ତନ କରୁଥାଏ; କିନ୍ତୁ ଜନଜାତି ସଭ୍ୟତା କଥା ନିଆରା । ଏମାନେ ନିଜସ୍ୱ ପରିମଣ୍ଡଳରେ ସୁରକ୍ଷିତ । ବାହ୍ୟ ଅନୁପ୍ରବେଶ ସହ ଏମାନେ ଅଭ୍ୟସ୍ତ ନୁହନ୍ତି । ଏ ଅନୁପ୍ରବେଶ ଜନଜାତି ସଂସ୍କୃତିରେ ସଂଘଟିତ ହୋଇଥିଲେ ମଧ୍ୟ ତା'କୁ ସହଜରେ ଏମାନେ ଗ୍ରହଣ କରିପାରିନାହାନ୍ତି । ତେବେ ବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧ ଜନଜାତି ସଂସ୍କୃତିରେ ବ୍ୟାପକ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଛି । କେବଳ ସକ୍ଷମ ହୋଇଛି ତା' ନୁହେଁ, ସାଂସ୍କୃତିକ ବିଘଟନ କରାଇ ମୂଳ ସତ୍ତାକୁ ବିଲୋପ କରିବାକୁ ମଧ୍ୟ ଚେଷ୍ଟିତ ହୋଇଛି । ଆଜି ଆମେ ଯେଉଁ ଜନଜାତି ସଂସ୍କୃତିକୁ ଦେଖୁଛେ; ଆଉ ଗୋଟିଏ ଦୁଇଟି ପିଢ଼ି ପରେ ତା'ର ନବକଳେବର ହୋଇସାରିଥିବ ।

ଆମେ ଯେତେ ସଂରକ୍ଷଣ କଲେ ସୁଦ୍ଧା ଅନୁପ୍ରବେଶ ରୋକିବା ସମ୍ଭବ ନୁହେଁ । ତେବେ ଆମ୍ ସଚେତନ ହୋଇ ପାରିଲେ ନିଜେ ନିଜ ପରମ୍ପରାକୁ ବଞ୍ଚାଇ ରଖିବା କେତେକାଂଶରେ ସମ୍ଭବ ।

**"ବନଜା-୨୦୧୨"** ଜନଜାତି ସଂସ୍କୃତିରେ ପରିବର୍ତ୍ତନ ଶିର୍ଷକ ପ୍ରକାଶିତ ପ୍ରବନ୍ଧ ସମୂହର ପ୍ରତିଫଳନ ମାତ୍ର । ସମସ୍ତ ଲେଖକ, ଲେଖିକା ତାଙ୍କ ଅନୁଭୂତି କଥା ଏଠାରେ ଉଲ୍ଲେଖ କରିଛନ୍ତି । ମନ୍ତବ୍ୟ ସବୁ ନିଜସ୍ୱ କିନ୍ତୁ ସେ ମଧ୍ୟରେ ବାସ୍ତବ ଚିତ୍ର ପ୍ରତିଫଳିତ ।

ଆଶା ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ଓ ଆଦୃତ ହେବ ।

**ବିଶ୍ୱର କୁମାର ନାୟକ**

# ସୂଚିପତ୍ର

## ଓଡିଆ ବିଭାଗ


| କ୍ର.ସଂ | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ପରିବର୍ତ୍ତନ ପଥେ ସାନ୍ତାଳ ସଂସ୍କୃତି | ଡ. ଦମୟନ୍ତୀ ବେଶ୍ରା | ୧ |
| ୨. | ପରିବର୍ତ୍ତନ ଧାରାରେ ପରଜା ଜନଜାତି | ରଂଜନ ପ୍ରଧାନ | ୬ |
| ୩. | ଆଦିବାସୀ ଚିତ୍ରକଳାର ମହାତ୍ମ୍ୟ | ଅଞ୍ଜନା  କୋଦମାସିଂହ | ୧୪ |
| ୪. | ଏକ ଆଦିବାସୀ ଗାଁରେ କିଛିଦିନର ଅନୁଭୂତି | ଲକ୍ଷ୍ମୀକାନ୍ତ ରଥ | ୨୩ |
| ୫. | ଢେମ୍‌ସା ନାଚୁଥିବା ଧାଂଡ଼ୀ ଓଠର ଉକୁଡ଼ା ହସ | ବିଜୟ ଉପାଧ୍ୟାୟ | ୨୬ |
| ୪. | ଅବକ୍ଷୟର ସନ୍ଧିକ୍ଷଣରେ ଆଦିବାସୀ ସଂସ୍କୃତି | ଡକ୍ଟର ରାଜେନ୍ଦ୍ର ପାଢ଼ୀ | ୩୩ |
| ୫. | ପରିବର୍ତ୍ତନଶୀଳତା ଭିତରେ ଗଣ୍ଡ ଆଦିବାସୀ ପରମ୍ପରା : | ସୁବାସ ଚନ୍ଦ୍ର ମିଶ୍ର | ୩୮ |


## ENGLISH SECTION


| Sl.No. | Creation | Creator | Page |
|---|---|---|---|
| 1. | "Changing Facet of Tribal Museum" | Trilochan Sahoo | 44 |
| 2. | SUSTAINABLE TRIBAL DEVELOPMENT THROUGH PRESERVATION OF CULTURE | Dr. Jagabandhu Samal | 55 |
| 3. | TRIBAL WORLD IN TRANSITION : ODISHAN TRIBIES A CASE STUDY | Dr . P. Patel | 62 |

## OUR CONTRIBUTORS

| | | | |
|---|---|---|---|
| 1. | Dr. Jagabandhu Samal | : | Professor,COATS, Koraput |
| 2. | Shri Trilochan Sahoo | : | Research Officer, SCSTRTI |
| 3. | Shri Bijay Upadhdhyaya | : | Tarlakota, Malkangiri |
| 4. | Dr. Rajendra Padhy | : | Kundra, Koraput |
| 5. | Shri Subash Ch. Mishra | : | Umarkote |
| 6. | Shri Laxmikanta Rath | : | Jeypore, Koraput |
| 7. | Dr. Damayanti Besra | : | Reader in Odiya, MPC College, Baripada |
| 8. | Shri Ranjan Pradhan | : | Researcher, Keonjhar |
| 9. | Ms. Anjana Kodama Singh | : | Researcher, Utkal University |
| 10. | Dr. Paramananda Patel | : | ATLC, Bhubaneswar |

# ପରିବର୍ତ୍ତନ ପଥେ ସାନ୍ତାଲ ସଂସ୍କୃତି

ଡ. ଦମୟନ୍ତୀ ବେଶ୍ରା

ସମୟର ସ୍ରୋତ ସର୍ବଗ୍ରାସୀ । ଜଗତରେ ଯାହା ଅଛି ଏବଂ ଯାହା ଘଟି ଯାଉଛି, ସେ ସବୁଥିରେ ସମୟ ତା'ର ଛାପ ନିଶ୍ଚିତ ଭାବରେ ଛାଡ଼ି ଦେଇଯାଏ । ସମୟ ଓ ଘଟଣାର ପ୍ରଭାବରେ ଜୀବନର ଗତିପଥ ମଧ୍ୟବଦଳେ । ଅବଶ୍ୟ ଲୋକାଚାର ଭଳି କେତେକ କର୍ମ-କାଣ୍ଡ ଯାହା ଲିପିବଦ୍ଧ ହୋଇ ପ୍ରଚଳିତ ହେଉଅଛି ତାହା କେତେକ ବୁଦ୍ଧିବାଦୀ ଲୋକମାନଙ୍କ ମଧ୍ୟରେ ସୀମିତ ରହିପାରେ, କିଂତୁ ଅନେକାଂଶରେ ବାହ୍ୟ ପ୍ରଭାବ ଅଥବା ରୁଚିର ଭିନ୍ନତାକୁ ଦେଇ ମୋଡ ବଦଳାଏ । ସଂସ୍କୃତି ସେହିଭଳି ଏକ ଆଚାର ଯାହାକୁ ଜାତି ଭିତ୍ତିରେ ପ୍ରତିପାଳନ କରାଯାଉଛି ।

ସାଧାରଣତଃ ଗୋଟାଏ ସଂସ୍କୃତି ସହିତ ପୂର୍ବ ନିର୍ଦ୍ଧାରିତ କେତେକ ନିୟମ ମାଧ୍ୟମରେ ଜାଗତିକ କର୍ମକାଣ୍ଡ ତଥା ସାମୟିକ ମହୋତ୍ସବମାନ ପାଳନ କରାଯାଇଥାଏ । ଏହା କୌଳିକ ବା ଜାତି ଭିତ୍ତିରେ ଗତିଶୀଳ ଥାଏ । ପରିବେଶ ଓ ପରିସ୍ଥିତିର ମଧ୍ୟ ଏଥିରେ ଯଥେଷ୍ଟ ଭୂମିକା ଥାଏ । ଗୋଟାଏ ଗୋଷ୍ଠୀ କିମ୍ବା ଗୋଟାଏ ଅଞ୍ଚଳକୁ ସୁହାଇଲା ଭଳି ଯେଉଁ ସବୁ କର୍ମକାଣ୍ଡକୁ ପୂର୍ବେ ନିର୍ଦ୍ଧାରଣ କରାଯାଇଥିଲା, ପରିବର୍ତ୍ତିତ ପରିସ୍ଥିତିରେ ତାହା ଭିନ୍ନତାକୁ ପ୍ରାପ୍ତ ହେଲାଣି । ଏହି କ୍ରମରେ ସେବର ଏବଂ ଏବର ସାନ୍ତାଲ ସଂସ୍କୃତିକୁ ଏଠାରେ ପର୍ଯ୍ୟାଲୋଚନା କରାଗଲା ।

ସାନ୍ତାଳ ସମାଜ ଏକ ଗୋଷ୍ଠୀଭିତ୍ତିକ ସମାଜ । ସାଙ୍ଖ୍ୟା ଏବଂ ଗୋତ୍ର ଭିନ୍ନ ଭିନ୍ନ ହୋଇଥିଲେ ହେଁ ବିଭିନ୍ନ ପୂଜା ଉପାସନା ଏବଂ ଉତ୍ସବାନୁଷ୍ଠାନ କ୍ଷେତ୍ରରେ ସମଗ୍ର ଗ୍ରାମ ଏକାକାର ହୋଇଯାଏ । ଗ୍ରାମର ମୁଖ୍ୟମାଝୀ, ଉପମୁଖ୍ୟ ଜଗମାଝୀ ବା ଗଡେତଙ୍କ ପୌରୋହିତ୍ୟରେ ସଂସ୍କାର କାର୍ଯ୍ୟମାନ ନିର୍ବାହ କରାଯାଏ । ସମାଜ ଦ୍ୱାରା ନିର୍ଣ୍ଣିତ ନିୟମରୁ ବିଚ୍ୟୁତ ହେବା ଗ୍ରାମାଞ୍ଚଳରେ ଆଦୌ ସମ୍ଭବ ନୁହେଁ । କାରଣ କେହି ତାକୁ ଅମାନ୍ୟ କରିବା ପାଇଁ ସାହସ କଲେ ସମାଜ ତାକୁ ବାସନ୍ଦ କରେ । ସୁତରାଂ ଗ୍ରାମାଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ମାର୍ଗ ଦେଇ ସମସ୍ତଙ୍କୁ ଗତି କରିବାକୁ ପଡ଼ିଥାଏ । ଯେ ପର୍ଯ୍ୟନ୍ତ ସମୁଦାୟ ସାନ୍ତାଳ କେବଳ ଗ୍ରାମାଞ୍ଚଳରେ ଗୁଜୁରାଣ ମେଣ୍ଟାଉଥିଲେ ସେ ପର୍ଯ୍ୟନ୍ତ ଜାଗତିକ ଶୃଙ୍ଖଳା ମଧ୍ୟରେ ଜୀବନ ଜିଇଁବାରେ ସମସ୍ତଙ୍କୁ ଭିନ୍ନ ଏକ ଆନନ୍ଦ ମିଳୁଥିଲା । କାରଣ କୌଣସି ପରିବାରର ଏକୋଇଶିଆ ହେଉ, ବିବାହ ହେଉ କିମ୍ବା ମୃତ୍ୟୁ ସଂସ୍କାର ହେଉ, ତାକୁ ମିଳିମିଶି କରୁଥିଲେ । ବିବାହରେ ଯୌତୁକ ପରି ବ୍ୟାଧିର ଅନୁପ୍ରବେଶ ଆଦୌ ସମ୍ଭବ ନ ଥିଲା । ସମାଜ ତାକୁ ସାକ୍ଟି

ଦେଉ ନଥିଲା ବରଂ ପୂର୍ବ ନିର୍ଣ୍ଣିତ ପଣରେ ହିଁ ସେ ସନ୍ତୁଷ୍ଟ ହେଉଥିଲା । ଭାଇଭାଗ, ଅବିବାହିତ ଭଉଣୀର ଭରଣ ପୋଷଣ ଆଦି କ୍ଷେତ୍ରରେ ଗ୍ରାମପଞ୍ଚ ଯାହା ନିଷ୍ପତ୍ତି କରୁଥିଲେ ତାହା ଥିଲା ଚୂଡାନ୍ତ । କିଂତୁ ସେହି ଗାଁଗୁଡ଼ିକ ବର୍ତ୍ତମାନ ସବୁ ପ୍ରକାରର ଆବଶ୍ୟକତା ମେଣ୍ଟାଇବାରେ ଅକ୍ଷମ । ଶିକ୍ଷା, କର୍ମନିଯୁକ୍ତି ଏବଂ ଚାଷଜମିର ଅଭାବକୁ ଦୂରୀଭୂତ କରିବା ପାଇଁ ଅନେକ ସେହି ପରିବେଶରୁ ବିଛିନ୍ନ ଜୀବନ ଯାପନ କରୁଛନ୍ତି । ତାହା ତାଙ୍କୁ ଗାଁର ସେହି ବ୍ୟବସ୍ଥାଠାରୁ ଦୂରେଇ ଦେଉଛି । କେଉଁଠାରେ ସେ କର୍ମ ନିଯୁକ୍ତି ପାଉଛି ଅଥବା ସ୍ଥାନାଭାବ ଜନିତ ସମସ୍ୟାର ସମାଧାନ ପାଇଁ ଯେଉଁଠାରେ ସିଏ ଚାଷଜମି ଓ ବାସସ୍ଥାନ ହାସଲ କରୁଛି, ସେଠାରେ ବହୁଜାତି ବହୁଭାଷୀମାନଙ୍କର ସମାଗମ ସାନ୍ତାଳମାନଙ୍କଠାରୁ ସହରତଳି କିମ୍ବା ସହରରେ ରହୁଥିବା ସାନ୍ତାଳମାନେ ଭିନ୍ନତାକୁ ଗ୍ରହଣ କଲେଣି ତାହା ନିମ୍ନରେ ଦିଆଗଲା ।

**ଜନ୍ମ ସଂସ୍କାର**

ସାନ୍ତାଳ ଶିଶୁଟିଏ ଜନ୍ମ ହେଲେ କେବଳ ଗୋଟାଏ ଗୃହ ନୁହେଁ, ସମଗ୍ର ଗ୍ରାମ୍ୟ ପରିବେଶ ଅଶୁଚି ହୁଏ । କୌଣସି ପ୍ରକାରର ପୂଜା ବା କର୍ମକର୍ମାଣି ଗ୍ରାମରେ କେହି କରି ପାରନ୍ତି ନାହିଁ । ଏଣୁ ଗ୍ରାମ୍ୟ ମୁଖ୍ୟର ସହାୟତାରେ ଗୃହକର୍ତ୍ତା ତିନି ଦିନ ମଧରେ 'ଛୁତ୍ ଫେଲାଅ' କାର୍ଯ୍ୟ ସମ୍ପାଦନ କରେ । ଏହା ଗୃହକୁ ଏବଂ ଗ୍ରାମ୍ୟ ପରିବେଶକୁ ପବିତ୍ର କରିବାର ଏକକର୍ମ । ସାଧାରଣତଃ ବୟସ୍କ ପୁରୁଷ ଓ ସ୍ତ୍ରୀ ଲୋକମାନେ ଏକତ୍ରିତ ହୋଇ ଘାସିବୁଢ଼ୀର ସହାୟତାରେ ଶୁଚି କାର୍ଯ୍ୟ କରିଥାନ୍ତି । ବିଧିବଦ୍ଧ ଭାବରେ ପୂଜାକରି ଶିଶୁଟିକୁ ଗୃହର ଏବଂ ଗ୍ରାମର ସଦସ୍ୟ ସୋଡା ପାଣିରେ ସିଝାଇ ଧୋଇଥାଏ ଓ ସ୍ତ୍ରୀ ଲୋକମାନଙ୍କୁ ଚିକିଟା ମାଟି ମିଶା ପଡ଼ିଆରେ ମୁଣ୍ଡ ଧୋଇ ତେଲ ମାଖି ଗାଧୋଇବା ପାଇଁ କହେ । ପୁରୁଷ ଲୋକମାନେ ସେହିପରି ଘାଟରେ ପୂଜାକରି ଗାଧୋଇ ଥାନ୍ତି । କିଛି ଦିନ ପରେ ଗୃହକର୍ତ୍ତାର ସୁବିଧା ଅନୁରୂପେ 'ଛୁତ୍ ଫେଲାଅ' ଅର୍ଥାତ୍ ନାମ କରଣ ସଂସ୍କାର କରାଯାଏ । ଶିଶୁଟିର ନାମକରଣ କଲାବେଳେ ପରଂପରାକୁ ବଜାୟ ରଖାଯାଏ । ଶିଶୁଟି ଯଦି ପୁଅ ହୋଇଥାଏ ତାକୁ ଜେଜେ ବାପାର ନାମ ଦିଆଯାଏ । ଯଦି ଝିଅ ହୋଇଥାଏ ତାକୁ ଜେଜେମାର ନାମ ଦିଆଯାଏ । ନାମକରଣ ସଂସ୍କାର ଉତ୍ସବ ନିମିତ୍ତ ଗୃହକର୍ତ୍ତା ଗ୍ରାମବାସୀଙ୍କୁ ହାଣ୍ଡିଆ ପିଇବାକୁ ଦିଏ । ନିମନ୍ତ୍ରିତ ଅତିଥି ଓ କୁଣିଆମାନଙ୍କ ପାଇଁ ଖାଇବା ପିଇବାର ବ୍ୟବସ୍ଥା କରେ । ଏହା ହେଉଛି ଜନ୍ମ ସଂସ୍କାର ପାଇଁ ସାନ୍ତାଳ ସମାଜର ବ୍ୟବସ୍ଥା ।

କିନ୍ତୁ ସହରମାନଙ୍କରେ ରହୁଥିବା ସାନ୍ତାଳମାନେ ଉପରୋକ୍ତ କର୍ମ ସବୁ ନ କରି ସିଧାସଳଖ ଭାବରେ ଏକୋଇଶିଆକୁ ଆପଣାର କଲେଣି । ଏଥିରେ ଘାଟରେ ପୂଜା କିମ୍ବା ଘାସିବୁଢ଼ୀ ଲୁଗା ସିଝାଇ ଧୋଇବା ଓ ସମୂହ ସ୍ନାନର ଆବଶ୍ୟକତା ପଡୁ ନାହିଁ । ଶିଶୁକୁ ଜେଜେବାପା ଜେଜେମାଆର ନାମ ନ ଦେଇ ଜାତକ ଅନୁସାରେ ନାମ ଦିଆଯାଉଛି । ଭୋଜିଭାତର ଆୟୋଜନ ମଧ କରାଯାଉଛି । ସାନ୍ତାଳମାନଙ୍କର ପୂଜା ବିଧି ସଂସ୍କାରର ପ୍ରତିଟି ପର୍ଯ୍ୟାୟରେ ଗ୍ରାମ ଦେବଦେବୀଙ୍କୁ ହାଣ୍ଡିଆ ରସି ଅର୍ପଣ କରିବାର ଯେଉଁ ବିଧି ଅଛି ତାହା ଏଠାରେ ଉପେକ୍ଷିତ ହେଉଛି ।

## ବିବାହ ସଂସ୍କାର

ସାନ୍ତାଳ ବିବାହ କେବଳ ଦୁଇଟି ପରିବାରକୁ ଯୋଡ଼େ ନାହିଁ ବରଂ ଦୁଇଟି ଗ୍ରାମକୁ ମଧ ସଂପର୍କରେ ଯୋଡ଼େ । ଏହି ହେତୁରୁ ସମସ୍ତ ବିବାହରେ ଦୁଇଟି ଗ୍ରାମର ପ୍ରତିନିଧି ଭାବରେ ଗ୍ରାମ୍ୟମୁଖ୍ୟ ମାଝୀ ସହିତ ଦୁଇ ପକ୍ଷର ମୁରବୀ ଏବଂ ମଧସ୍ଥ (ରାୟବାର)ର କେତୋଟି ପର୍ଯ୍ୟାୟରେ ଆଲୋଚନା ହୋଇଥାଏ । ବିବାହ ପାଇଁ ଜାତକ ମିଳାଇବା, ଗଣନା କରାଇବା ଭଳି ପ୍ରଥାକୁ ସାନ୍ତାଳମାନେ ବିଚାରକୁ ନିଅନ୍ତି ନାହିଁ । ବିବାହ ପାଇଁ ଶୁଭାଶୁଭର ବିଚାର ଏହିକର୍ମ ନିମିତ୍ତ ଯିବା ଆସିବା ଭିତରେହିଁ ସେମାନେ କରିଥାନ୍ତି । ବରପକ୍ଷରୁ ଝିଅ ଘରକୁ ଯିବାବେଳେ କିମ୍ବା ଝିଅ ପକ୍ଷରୁ ବର ଘରକୁ ଯିବାବେଳେ କେଉଁ କେଉଁ ଘଟଣା ଦୃଷ୍ଟିଗୋଚର ହେଲେ ଅଶୁଭ ତାହା ମଧ ସେମାନଙ୍କୁ ବେଶ ଜ୍ଞାତ । କୌଣସି ଅଶୁଭ ସଙ୍କେତ ପାଇ ନଥିଲେ ଥରେ ଗ୍ରାମର ମୁଖିଆ ସେଇ କାମ ପାଇଁ ବାହାରି ସାରିଥିଲେ ବିବାହକୁ ସେମାନେ ଆଉ ଭାଙ୍ଗିବାକୁ ଦିଅନ୍ତି ନାହିଁ । ଏତା ହେଉଛି ଗାଁର ପ୍ରଥା । ସହରର ସଙ୍ଗ ଦୋଷରେ ପଡ଼ି ଦେଖା ଶିଖାରେ ମନ୍ଦିର, ବ୍ରାହ୍ମଣଠାରୁ ଆରମ୍ଭ କରି ଯୌତୁକ, ଭୋଜିଭାତ ଆଦିର ଆୟୋଜନ ଆଡମ୍ବର ସହକାରେ କରାଯାଉଛି । ଯେଉଁଠି ବରପକ୍ଷକୁ ନିଜର ଖାଇବା ପିଇବାର ଆୟୋଜନ ନିଜକୁହିଁ କରିବାକୁ ପଡୁଥିଲା ତାହା ଏବେ କନ୍ୟା ପକ୍ଷକୁ ଲଦି ଦିଆଯାଉଛି । କନ୍ୟାପଣ ଭାବରେ ଯେଉଁଠି ବରପକ୍ଷ ଗାଇ ବଳଦ ଦେଉଥିଲା ସେଠାରେ ଦେବାତ ଦୂରର କଥା ଅଡି ବସିଲାଣି ଗାଡି ଘୋଡାଠାରୁ ଆରମ୍ଭ କରି କୋଠବାଡ଼ି । ପୁଣି ଶିକ୍ଷାର ପ୍ରସାର ଫଳରେ ବର୍ତ୍ତମାନର ଯୁବପିଢ଼ି ଡାକ୍ତର, ଇଞ୍ଜିନିୟର, ଆଇ.ଏ.ଏସ୍., ଆଦି ହୋଇ ରାଜ୍ୟ ବାହାରେ କର୍ମ ନିଯୁକ୍ତି ପାଇ ରହିଲେଣି । ଏମାନେ ସମାଜ ତଥା ଅଭିଭାବକ ମାନଙ୍କଠାରୁ ଦୂରରେ ରହୁଥିବାରୁ ସାମାଜିକ ପରଂପରାକୁ ଭୁଲି ଅଣ ଆଦିବାସୀ ପୁଅଝିଅଙ୍କୁ ପ୍ରେମ ବିବାହ କରୁଛନ୍ତି । ସାନ୍ତାଳ ସମାଜ ଏପରି ବିବାହକୁ ସମ୍ମତ ଦିଏ ନାହିଁ ଫଳରେ ସେମାନେ ଆଉ ଗାଁକୁ ଫେରୁ ନାହାନ୍ତି । ସହରରେ ଏ ସଂପର୍କୀୟ ବ୍ୟବସ୍ଥା ଏବେ ଚେର ଧରିଥିଲେ ହେଁ ଯେଉଁଠାରେ ସଂଖ୍ୟାଧିକ ସାନ୍ତାଳ ଅଛନ୍ତି ସେହି ସ୍ଥାନ ମାନଙ୍କରେ ପୁଣି ମୌଳିକତା ମୁଣ୍ଡ ଟେକିଲାଣି ।

## ମୃତ୍ୟୁ ସଂସ୍କାର

ସାନ୍ତାଳ ଗ୍ରାମରେ କେବଳ ସୁଖର ନୁହେଁ ଦୁଃଖର ମଧ ସମସ୍ତେ ସାଥୀ । ଶିଶୁର ଜନ୍ମରେ ଯେପରି ବ୍ୟକ୍ତିର ମୃତ୍ୟୁରେ ମଧ ସେହିପରି ଗ୍ରାମ ଅଶୁଚି ହୁଏ । ତେଣୁ ଶବ ସତ୍କାର ଠାରୁ ଆରମ୍ଭ କରି ଶୁଦ୍ଧିକ୍ରିୟା ଓ ତା'ପରେ ଅସ୍ଥି ବିସର୍ଜନର ସମସ୍ତ କାର୍ଯ୍ୟକୁ ଗ୍ରାମପଞ୍ଚର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ କରାଯାଏ । କାହାର ମୃତ୍ୟୁ ହେଲେ ପରିବାରର ସଦସ୍ୟ ଗ୍ରାମର ଡାକୁଆ (ଗଡେତ୍) ଏବ ଗ୍ରାମର ମୁଖ୍ୟ(ମୋଝୀ)କୁ ବାର୍ତ୍ତାଦିଏ । ସେମାନେ ତତ୍କ୍ଷଣାତ୍ ବ୍ୟବସ୍ଥା (ଦାହ ଅଥବା କବର) ସଂପର୍କରେ ଆଲୋଚନା କରି ଗଡେତ୍ ପ୍ରତିଘରେ ସେ ସଂପର୍କରେ ଖବର ଦେଇ ଆସେ ।

ଦାହ କ୍ଷେତ୍ରରେ ପ୍ରତିଘରୁ କିଛି କିଛି କାଠ ସଂଗ୍ରହ କରି ଗ୍ରାମବାସୀମାନେ ମୃତକ ଘରେ ପହଞ୍ଚନ୍ତି । ମୃତ୍ୟୁ ପରର କେତେକ କର୍ମକୁ ପରିବାରର ସଦସ୍ୟମାନଙ୍କ ଦ୍ୱାରା କରାଇ ମିଳିମିଶି ଶବକୁ ନିଆଯାଏ ଶ୍ମଶାନକୁ । ସେମାନେ ଶବକୁ ଦାହ ଅଥବା କବର ଦେଲାପରେ ସ୍ନାନ କରି ଘରକୁ ଫେରନ୍ତି । ଅନୁରୂପ

ଭାବରେ ପ୍ରାୟ ପ୍ରତିଘରୁ ଏକତ୍ରିତ ହୋଇଥିବା ସ୍ତ୍ରୀ ଲୋକମାନେ ପରିବାରର ସ୍ତ୍ରୀ ଲୋକମାନଙ୍କୁ ସ୍ନାନାଦି କାର୍ଯ୍ୟ କରାନ୍ତି ଏବଂ ତାଙ୍କର ଖାଇବାର ଆୟୋଜନ କରାଯାଏ । ଛୁତିକା ପରି ମୃତ୍ୟୁରେ ମଧ ତିନିଦିନ ମଧରେ ଶୁଚିକର୍ମ 'ତେଲ ନାହାନ' କରାଯାଏ । ତା'ପରେ ସୁବିଧା ଅନୁସାରେ ଶୁଦ୍ଧିକ୍ରିୟା ପାଇଁ ଆୟୋଜନ ହୁଏ । ମୃତକ ପରିବାରର ଯେତେସବୁ ବନ୍ଧୁବାନ୍ଧବ ଥାନ୍ତି, ସେମାନଙ୍କୁ ଗ୍ରାମବାସୀମାନେ ଜଣାଇବାର ଦାୟିତ୍ୱ ନିର୍ବାହ କରନ୍ତି । କିନ୍ତୁ ଏହି ମର୍ମରେ ସହରାଞ୍ଚଳରେ ସଂସ୍କାର କାର୍ଯ୍ୟ ହେଉନାହିଁ । ବ୍ରାହ୍ମଣ ଓ ବୈଷ୍ଣବମାନଙ୍କର ସହାୟତାରେ ଦଶାହ କାର୍ଯ୍ୟ ସବୁ ସମାପନ ହେଉଛି । ଅସ୍ଥି ବିସର୍ଜନ ବେଳାରେ ସମାଗମ ସାନ୍ତାଳମାନଙ୍କର ଘନବସତି ଅଞ୍ଚଳମାନଙ୍କରେ ଯେଭଳି ଭାବରେ ଦେଖିବାକୁ ମିଳେ ତାହା ଅନେକଙ୍କୁ ବିସ୍ମିତ କରେ । ଅସ୍ଥି ବିସର୍ଜନ ଏକ ଶୋକ ଉତ୍ସବ । ପ୍ରିୟଜନର ସ୍ମୃତିକୁ ସବୁଦିନ ପାଇଁ ବିସର୍ଜନ ଦିଆଯାଏ ନଦୀ ଘାଟରେ । ଏଥିରେ କିନ୍ତୁ ସାନ୍ତାଳମାନେ ଦୁଃଖ ପ୍ରକଟ ନକରି ଜୀବନକୁ ସହଜ ସ୍ୱାଭାବିକ କରନ୍ତି । ଏଠାରେ ଲୋକ ଗୀତର କିୟଦଂଶ ଉଦ୍ଧାର କଲେ ବିସର୍ଜନ ବେଳାର ଇଚ୍ଛା ସ୍ପଷ୍ଟ ହେବ ।

"ହାରାକେଦ୍‌ମେ ବାବୁ ବୁରୁ କେଦ୍‌ମେ
ଧୁତି ଦାହ୍‌ଲିତିଞ୍ଜ ସାଜାଅ କେଦ୍‌ମେ
ଇଞ୍ଜ ବାବୁଞ୍ଜ ଗୁଜୁଃରେଦ
ନାଇତେଦ ବାବୁ ଇଦି ଇଞ୍ଜମେ
ନାଇତେଦ ଇଦିରେଦ ମେଦ୍‌ଦାଃ ଆଲମ ଜରୟ
ବାହାମ୍ ବହେଲ ରେଦ ବାବୁ ମେଦ୍‌ଦାଃ ଜରୟେମେ ।"

ସାମୂହିକ ଅସ୍ଥି ବିସର୍ଜନ ବେଳେ ଏହି ଗୀତ ବୋଲାଯାଏ । ଲୋକ ମୁଖର ଏହି ଗୀତ ଅସ୍ଥି ହୋଇ ବିସର୍ଜିତ ହେଉଥିବା ମୃତ ଲୋକମାନଙ୍କର ଗୀତ ଜୀବିତମାନଙ୍କ ମୁଖରେ ମୃତମାନେ ଗୀତ ମାଧ୍ୟମରେ ଉଲ୍ଲିଖିତ ଗୀତିଟିରେ କହୁଛନ୍ତି - "ବାବୁରେ ! ତୋତେ ଲାଳନ ପାଳନ କରି ବଡ କଲି । ଧୋତି ପଗଡିରେ ତୋତେ ସଜେଇଲି । ମୁଁ ଗଲା ପରେ ମୋତେ ଗଙ୍ଗାକୁ ନେଇଯିବୁ । ଗଙ୍ଗାକୁ ଯିବା ସମୟରେ ଦୁଃଖରେ ଅଶ୍ରୁ ଝରାଇବୁ ନାହିଁ । କିନ୍ତୁ ମୋ ପୁଷ୍ପ(ଅସ୍ଥି)କୁ ବିସର୍ଜନ କଲାବେଳେ ନିଶ୍ଚୟ ଅଶ୍ରୁ ଝରାଇବୁ ।"

ସାନ୍ତାଳ ସମାଜରେ ବ୍ୟକ୍ତି ମରିଗଲା ପରେ ତାର ଗୁଣାବଳୀର ବାହୁନି ବାହୁନି କାନ୍ଦିବା ପରଂପରା ଅଛି । ବ୍ୟକ୍ତିକୁ ହରାଇବା ଦୁଃଖରେ କାନ୍ଦିବା ସମୟରେ ମୃତ ବ୍ୟକ୍ତି ପ୍ରତି ଥିବା ଆନ୍ତରୀକତା, ମମତ୍ୱ ବୋଧ ପ୍ରକାଶ ପାଏ । ତା' ସହିତ ମୃତ ବ୍ୟକ୍ତିକୁ ପ୍ରତୀକାତ୍ମକ ଭାବେ ସମ୍ବୋଧନ କରିବାରେ ଯେଉଁ ଶବ୍ଦ ଗାମ୍ଭୀର୍ଯ୍ୟ ଥାଏ ତାହା ଶୁଣିଥିବା ବ୍ୟକ୍ତିକୁ ମଧ ଦୁଃଖାଭିଭୂତ କରିଦିଏ । କିନ୍ତୁ ବର୍ତ୍ତମାନ ବାହୁନୀ କାନ୍ଦିବା ପ୍ରାୟ ଲୋପ ହେବାକୁ ବସିଲାଣି । ସାନ୍ତାଳ ସଂସ୍କୃତିର ଏହା ମଧ ଏକ ବିଶିଷ୍ଟ ଅଙ୍ଗ ଅଟେ ।

**ଖାଦ୍ୟପେୟ ଓ ବେଶଭୂଷା**

ଅଳ୍ପକରେ ସନ୍ତୁଷ୍ଟ ହେବାର ଅନ୍ୟନାମ ହେଉଛି ଆଦିବାସୀ ଜୀବନ । ତୋରାଣି ଟିକେ, ଶାଗ ପଖାଳ ଟିକେ ଅଥବା ହାଣ୍ଡିଆ ବେଲାଏ ପାଇଗଲେ ସେମାନେ ଆତ୍ମିକ ତୃପ୍ତି ପାଆନ୍ତି । ଖାଇବାରେ ସେମାନେ ସ୍ୱାଦ

## ବିବାହ ସଂସ୍କାର

ସାନ୍ତାଳ ବିବାହ କେବଳ ଦୁଇଟି ପରିବାରକୁ ଯୋଡ଼େ ନାହିଁ ବରଂ ଦୁଇଟି ଗ୍ରାମକୁ ମଧ ସଂପର୍କରେ ଯୋଡ଼େ । ଏହି ହେତୁରୁ ସମସ୍ତ ବିବାହରେ ଦୁଇଟି ଗ୍ରାମର ପ୍ରତିନିଧି ଭାବରେ ଗ୍ରାମ୍ୟମୁଖ୍ୟ ମାଝୀ ସହିତ ଦୁଇ ପକ୍ଷର ମୁରବୀ ଏବଂ ମଧସ୍ଥ (ରାୟବାର)ର କେତୋଟି ପର୍ଯ୍ୟାୟରେ ଆଲୋଚନା ହୋଇଥାଏ । ବିବାହ ପାଇଁ ଜାତକ ମିଳାଇବା, ଗଣନା କରାଇବା ଭଳି ପ୍ରଥାକୁ ସାନ୍ତାଳମାନେ ବିଚାରକୁ ନିଅନ୍ତି ନାହିଁ । ବିବାହ ପାଇଁ ଶୁଭାଶୁଭର ବିଚାର ଏହିକର୍ମ ନିମିତ୍ତ ଯିବା ଆସିବା ଭିତରେହିଁ ସେମାନେ କରିଥାନ୍ତି । ବରପକ୍ଷରୁ ଝିଅ ଘରକୁ ଯିବାବେଳେ କିମ୍ବା ଝିଅ ପକ୍ଷରୁ ବର ଘରକୁ ଯିବାବେଳେ କେଉଁ କେଉଁ ଘଟଣା ଦୃଷ୍ଟିଗୋଚର ହେଲେ ଅଶୁଭ ତାହା ମଧ ସେମାନଙ୍କୁ ବେଶ ଜ୍ଞାତ । କୌଣସି ଅଶୁଭ ସଙ୍କେତ ପାଇ ନଥିଲେ ଥରେ ଗ୍ରାମର ମୁଖିଆ ସେଇ କାମ ପାଇଁ ବାହାରି ସାରିଥିଲେ ବିବାହକୁ ସେମାନେ ଆଉ ଭାଙ୍ଗିବାକୁ ଦିଅନ୍ତି ନାହିଁ । ଏତା ହେଉଛି ଗାଁର ପ୍ରଥା । ସହରର ସଙ୍ଗ ଦୋଷରେ ପଡ଼ି ଦେଖା ଶିଖାରେ ମନ୍ଦିର, ବ୍ରାହ୍ମଣଠାରୁ ଆରମ୍ଭ କରି ଯୌତୁକ, ଭୋଜିଭାତ ଆଦିର ଆୟୋଜନ ଆଡମ୍ବର ସହକାରେ କରାଯାଉଛି । ଯେଉଁଠି ବରପକ୍ଷକୁ ନିଜର ଖାଇବା ପିଇବାର ଆୟୋଜନ ନିଜକୁହିଁ କରିବାକୁ ପଡୁଥିଲା ତାହା ଏବେ କନ୍ୟା ପକ୍ଷକୁ ଲଦି ଦିଆଯାଉଛି । କନ୍ୟାପଣ ଭାବରେ ଯେଉଁଠି ବରପକ୍ଷ ଗାଈ ବଳଦ ଦେଉଥିଲା ସେଠାରେ ଦେବାତ ଦୂରର କଥା ଅଡି ବସିଲାଣି ଗାଡି ଘୋଡାଠାରୁ ଆରମ୍ଭ କରି କୋଠବାଡ଼ି । ପୁଣି ଶିକ୍ଷାର ପ୍ରସାର ଫଳରେ ବର୍ତ୍ତମାନର ଯୁବପିଢ଼ି ଡାକ୍ତର, ଇଞ୍ଜିନିୟର, ଆଇ.ଏ.ଏସ୍., ଆଦି ହୋଇ ରାଜ୍ୟ ବାହାରେ କର୍ମ ନିଯୁକ୍ତି ପାଇ ରହିଲେଣି । ଏମାନେ ସମାଜ ତଥା ଅଭିଭାବକ ମାନଙ୍କଠାରୁ ଦୂରରେ ରହୁଥିବାରୁ ସାମାଜିକ ପରଂପରାକୁ ଭୁଲି ଅଣ ଆଦିବାସୀ ପୁଅଝିଅଙ୍କୁ ପ୍ରେମ ବିବାହ କରୁଛନ୍ତି । ସାନ୍ତାଳ ସମାଜ ଏପରି ବିବାହକୁ ସମ୍ମତ ଦିଏ ନାହିଁ ଫଳରେ ସେମାନେ ଆଉ ଗାଁକୁ ଫେରୁ ନାହାନ୍ତି । ସହରରେ ଏ ସଂପର୍କୀୟ ବ୍ୟବସ୍ଥା ଏବେ ଚେର ଧରିଥିଲେ ହେଁ ଯେଉଁଠାରେ ସଂଖ୍ୟାଧିକ ସାନ୍ତାଳ ଅଛନ୍ତି ସେହି ସ୍ଥାନ ମାନଙ୍କରେ ପୁଣି ମୌଳିକତା ମୁଣ୍ଡ ଟେକିଲାଣି ।

## ମୃତ୍ୟୁ ସଂସ୍କାର

ସାନ୍ତାଳ ଗ୍ରାମରେ କେବଳ ସୁଖର ନୁହେଁ ଦୁଃଖର ମଧ ସମସ୍ତେ ସାଥୀ । ଶିଶୁର ଜନ୍ମରେ ଯେପରି ବ୍ୟକ୍ତିର ମୃତ୍ୟୁରେ ମଧ ସେହିପରି ଗ୍ରାମ ଅଶୁଚି ହୁଏ । ତେଣୁ ଶବ ସତ୍କାର ଠାରୁ ଆରମ୍ଭ କରି ଶୁଦ୍ଧିକ୍ରିୟା ଓ ତା'ପରେ ଅସ୍ଥି ବିସର୍ଜନର ସମସ୍ତ କାର୍ଯ୍ୟକୁ ଗ୍ରାମପଞ୍ଚର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ କରାଯାଏ । କାହାର ମୃତ୍ୟୁ ହେଲେ ପରିବାରର ସଦସ୍ୟ ଗ୍ରାମର ଡାକୁଆ (ଗଡେତ୍) ଏବ ଗ୍ରାମର ମୁଖ୍ୟ(ମାଝୀ)କୁ ବାର୍ତ୍ତାଦିଏ । ସେମାନେ ତତ୍‌କ୍ଷଣାତ୍ ବ୍ୟବସ୍ଥା (ଦାହ ଅଥବା କବର) ସଂପର୍କରେ ଆଲୋଚନା କରି ଗଡେତ୍ ପ୍ରତିଘରେ ସେ ସଂପର୍କରେ ଖବର ଦେଇ ଆସେ ।

ଦାହ କ୍ଷେତ୍ରରେ ପ୍ରତିଘରୁ କିଛି କିଛି କାଠ ସଂଗ୍ରହ କରି ଗ୍ରାମବାସୀମାନେ ମୃତକ ଘରେ ପହଞ୍ଚନ୍ତି । ମୃତ୍ୟୁ ପରର କେତେକ କର୍ମକୁ ପରିବାରର ସଦସ୍ୟମାନଙ୍କ ଦ୍ୱାରା କରାଇ ମିଳିମିଶି ଶବକୁ ନିଆଯାଏ ଶ୍ମଶାନକୁ । ସେମାନେ ଶବକୁ ଦାହ ଅଥବା କବର ଦେଲାପରେ ସ୍ନାନ କରି ଘରକୁ ଫେରନ୍ତି । ଅନୁରୂପ

ଭାବରେ ପ୍ରାୟ ପ୍ରତିଘରୁ ଏକତ୍ରିତ ହୋଇଥିବା ସ୍ତ୍ରୀ ଲୋକମାନେ ପରିବାରର ସ୍ତ୍ରୀ ଲୋକମାନଙ୍କୁ ସ୍ନାନାଦି କାର୍ଯ୍ୟ କରାନ୍ତି ଏବଂ ତାଙ୍କର ଖାଇବାର ଆୟୋଜନ କରାଯାଏ । ଛୁତିକା ପରି ମୃତ୍ୟୁରେ ମଧ ତିନିଦିନ ମଧରେ ଶୁଚିକର୍ମ 'ତେଲ ନାହାନ' କରାଯାଏ । ତା'ପରେ ସୁବିଧା ଅନୁସାରେ ଶୁଦ୍ଧିକ୍ରିୟା ପାଇଁ ଆୟୋଜନ ହୁଏ । ମୃତକ ପରିବାରର ଯେତେସବୁ ବନ୍ଧୁବାନ୍ଧବ ଥାନ୍ତି, ସେମାନଙ୍କୁ ଗ୍ରାମବାସୀମାନେ ଜଣାଇବାର ଦାୟିତ୍ୱ ନିର୍ବାହ କରନ୍ତି । କିନ୍ତୁ ଏହି ମର୍ମରେ ସହରାଞ୍ଚଳରେ ସଂସ୍କାର କାର୍ଯ୍ୟ ହେଉନାହିଁ । ବ୍ରାହ୍ମଣ ଓ ବୈଷ୍ଣବମାନଙ୍କର ସହାୟତାରେ ଦଶାହ କାର୍ଯ୍ୟ ସବୁ ସମାପନ ହେଉଛି । ଅସ୍ଥି ବିସର୍ଜନ ବେଳାରେ ସମାଗମ ସାନ୍ତାଳମାନଙ୍କର ଘନବସତି ଅଞ୍ଚଳମାନଙ୍କରେ ଯେଉଁଭଳି ଭାବରେ ଦେଖିବାକୁ ମିଳେ ତାହା ଅନେକଙ୍କୁ ବିସ୍ମିତ କରେ । ଅସ୍ଥି ବିସର୍ଜନ ଏକ ଶୋକ ଉତ୍ସବ । ପ୍ରିୟଜନର ସ୍ମୃତିକୁ ସବୁଦିନ ପାଇଁ ବିସର୍ଜନ ଦିଆଯାଏ ନଦୀ ଘାଟରେ । ଏଥିରେ କିନ୍ତୁ ସାନ୍ତାଳମାନେ ଦୁଃଖ ପ୍ରକଟ ନକରି ଜୀବନକୁ ସହଜ ସ୍ୱାଭାବିକ କରନ୍ତି । ଏଠାରେ ଲୋକ ଗୀତର କିୟଦଂଶ ଉଦ୍ଧାର କଲେ ବିସର୍ଜନ ବେଳାର ଇଚ୍ଛା ସ୍ପଷ୍ଟ ହେବ ।

"ହାରାକେଦ୍‌ମେ ବାବୁ ବୁରୁ କେଦ୍‌ମେ
ଧୂତି ଦାହ୍‌ଲିଟିଞ୍ଜ ସାଜାଅ କେଦ୍‌ମେ
ଇଞ୍ଜ ବାବୁଞ୍ଜ ଗୁଜୁଃରେଦ
ନାଇତେଦ ବାବୁ ଇଦି ଇଞ୍ଜମେ
ନାଇତେଦ ଇଦିରେଦ ମେଦ୍‌ଦାଃ ଆଲମ ଜରୟ
ବାହାମ୍ ବହେଲ ରେଦ ବାବୁ ମେଦ୍‌ଦାଃ ଜରୟେମେ ।"

ସାମୂହିକ ଅସ୍ଥି ବିସର୍ଜନ ବେଳେ ଏହି ଗୀତ ବୋଲାଯାଏ । ଲୋକ ମୁଖର ଏହି ଗୀତ ଅସ୍ଥି ହୋଇ ବିସର୍ଜିତ ହେଉଥିବା ମୃତ ଲୋକମାନଙ୍କର ଗୀତ ଜୀବିତମାନଙ୍କ ମୁଖରେ ମୃତମାନେ ଗୀତ ମାଧମରେ ଉଲ୍ଲିଖିତ ଗୀତିଟିରେ କହୁଛନ୍ତି - "ବାବୁରେ ! ତୋତେ ଲାଳନ ପାଳନ କରି ବଡ କଲି । ଧୋତି ପଗଡିରେ ତୋତେ ସଜେଇଲି । ମୁଁ ଗଲା ପରେ ମୋତେ ଗଙ୍ଗାକୁ ନେଇଯିବୁ । ଗଙ୍ଗାକୁ ଯିବା ସମୟରେ ଦୁଃଖରେ ଅଶ୍ରୁ ଝରାଇବୁ ନାହିଁ । କିନ୍ତୁ ମୋ ପୁଷ୍ପ(ଅସ୍ଥି)କୁ ବିସର୍ଜନ କଲାବେଳେ ନିଶ୍ଚୟ ଅଶ୍ରୁ ଝରାଇବୁ ।"

ସାନ୍ତାଳ ସମାଜରେ ବ୍ୟକ୍ତି ମରିଗଲା ପରେ ତାର ଗୁଣାବଳୀର ବାହୁନି ବାହୁନି କାନ୍ଦିବା ପରଂପରା ଅଛି । ବ୍ୟକ୍ତିକୁ ହରାଇବା ଦୁଃଖରେ କାନ୍ଦିବା ସମୟରେ ମୃତ ବ୍ୟକ୍ତି ପ୍ରତି ଥିବା ଆନ୍ତରୀକତା, ମମତ୍ୱ ବୋଧ ପ୍ରକାଶ ପାଏ । ତା' ସହିତ ମୃତ ବ୍ୟକ୍ତିକୁ ପ୍ରତୀକାତ୍ମକ ଭାବେ ସମ୍ବୋଧନ କରିବାରେ ଯେଉଁ ଶବ୍ଦ ଗାମ୍ଭୀର୍ଯ୍ୟ ଥାଏ ତାହା ଶୁଣିଥିବା ବ୍ୟକ୍ତିକୁ ମଧ ଦୁଃଖାଭିଭୂତ କରିଦିଏ । କିନ୍ତୁ ବର୍ତ୍ତମାନ ବାହୁନୀ କାନ୍ଦିବା ପ୍ରାୟ ଲୋପ ହେବାକୁ ବସିଲାଣି । ସାନ୍ତାଳ ସଂସ୍କୃତିର ଏହା ମଧ ଏକ ବିଶିଷ୍ଟ ଅଙ୍ଗ ଅଟେ ।

**ଖାଦ୍ୟପେୟ ଓ ବେଶଭୂଷା**

ଅଳ୍ପକରେ ସନ୍ତୁଷ୍ଟ ହେବାର ଅନ୍ୟନାମ ହେଉଛି ଆଦିବାସୀ ଜୀବନ । ତୋରାଣି ଟିକେ, ଶାଗ ପଖାଳ ଟିକେ ଅଥବା ହାଣ୍ଡିଆ ବେଲାଏ ପାଇଗଲେ ସେମାନେ ଆତ୍ମିକ ତୃପ୍ତି ପାଆନ୍ତି । ଖାଇବାରେ ସେମାନେ ସ୍ୱାଦ

ନଖୋଜିବା ଲୋକ । ସେଥିପାଇଁ ଅନେକ ପ୍ରକାରର ଜଙ୍ଗଲୀ ଶାଗକୁ ସେମାନେ ଖାଇ ପାରନ୍ତି । ଗେଣ୍ଡା, ଶାମୁକା, କାଇ ଆଦି ସହଜ ଲଭ୍ୟ ଦ୍ରବ୍ୟରେ ସେମାନେ ଚରମ ତୃପ୍ତି ପାଆନ୍ତି । ବର୍ତ୍ତମାନ କିନ୍ତୁ ସାନ୍ତାଳମାନଙ୍କର ରୁଚି ବଦଳିଗଲାଣି । ଚଳଣି ବଦଳି ଗଲାଣି । ଗାଁଠାରୁ ଆରମ୍ଭ କରି ସହରରେ ବାସ କରୁଥିବା ସାନ୍ତାଳମାନେ ମସଲାଯୁକ୍ତ ଖାଦ୍ୟ ଖାଇବାରେ ଅଭ୍ୟସ୍ତ ହେଲେଣି ।

ବେଶଭୂଷା କ୍ଷେତ୍ରରେ ମଧ ଯାହା ସଭ୍ୟ ବୋଲାଉଥିବା ସମାଜକୁ ଲାଗେ ପୁଙ୍ଗୁଳା, ତାହାହିଁ ତାଙ୍କର ପୋଷାକ । ସେହି ସରଳତାକୁ ଏବେ ବହୁଳ ଭାବରେ ଅସଭ୍ୟ ବର୍ବର ଆଖ୍ୟା ଦିଆଯାଉ ଥିବାରୁ ଯାହା ଏକଦା ତାଙ୍କର ସୃଷ୍ଟି କରି ପାରିଥିଲା ପରିଚୟ ତାହା ପରିବର୍ତ୍ତନ ହେଲାଣି । ବିଭିନ୍ନ ପୂଜା ପାର୍ବଣ, ଉତ୍ସବ ଅନୁଷ୍ଠାନ ତଥା ସାହିତ୍ୟ ସଭାମାନଙ୍କରେ କିଛି ଲୋକ ପାରଂପରିକ ବସ୍ତ୍ର ପରିଧାନ କରୁଥିଲେ ହେଁ ଅଧିକାଂଶ ସାନ୍ତାଳ ରାଜ୍ୟର ପୋଷାକକୁ ଆପଣାର କରିଛନ୍ତି । ବେଶ ଭୂଷା, ସାଜ ସଜା, ଅଳଙ୍କାର ତଥା ପ୍ରସାଧନ ସାମଗ୍ରୀ ବ୍ୟବହାରର ନିଶା ସେମାନଙ୍କୁ ବେଶ୍ ଘାରିଲାଣି ।

**ଦୈବ ବିଶ୍ୱାସ ଓ ପୂଜା ପାଠ**

ତାଙ୍କର ଦୈବ ବିଶ୍ୱାସ ଏକଦା ଜାହିରା ପୀଠ ମଧରେ ସୀମିତ ଥିଲା । ଶକ୍ତିକୁ ଅତି ମାତ୍ରାରେ ସେମାନେ ଉପାସନା କରୁଥିଲେ । ସମସ୍ତ ପ୍ରକାରର ପୂଜାରେ ବଳି ପ୍ରଥାର ପ୍ରାବଲ୍ୟ ଥିଲା । ବୃକ୍ଷକୁ, ପଥରକୁ ସେମାନେ ଦେବତା ଜ୍ଞାନ କରୁଥିଲେ । କିନ୍ତୁ ସହରୀ କରଣର ରାକ୍ଷସ ସେହି ଚିନ୍ତାଧାରା ଠାରୁ ତାଙ୍କୁ ଆସ୍ତେ ଆସ୍ତେ ଦୂରେଇ ଦେଲାଣି । ତାଙ୍କର ଜାହିରା ଚାଳିଆ ଛଣ ଘାସରେ ଅବା ନଡାରେ ଛାଉଣୀ କରାଯାଇଥାଏ । ମାତ୍ର ଅଧୁନା ଛଣ ଆଉ ନଡାର ସ୍ଥାନ ଖପର ଓ ଟାଇଲ ଆଦରି ନେଲାଣି । ଯେଉଁ ସହର ବା ଶିଳ୍ପାଞ୍ଚଳଗୁଡ଼ିକରେ ସଂଖ୍ୟାଧିକ ସାନ୍ତାଳ ବସବାସ କଲେଣି ସେଠାରେ ଜାହିରା ଚାଳିଆକୁ ଛାତ କରି ଦିଆଯାଇଛି । ଜାହିରା ଚାଳିଆ ତଳେ 'ମାରାଂବୁରୁ, ଜାହେର ଆୟ, ମଣେକ ତୁରୁୟକ, ଅବସ୍ଥାନ କରନ୍ତି । ତାଙ୍କ ପାଇଁ ତାହାହିଁ ମନ୍ଦିର । ପରନ୍ତୁ ଏବେ "ମାରାଂବୁରୁ'ଙ୍କ ପାଇଁ ସ୍ୱତନ୍ତ୍ର ମନ୍ଦିର ମଧ ନିର୍ମାଣ ହେଲାଣି । ଭୋଗରାଗ ଅର୍ପଣ କରିବାରେ ମଧ ପରିବର୍ତ୍ତନ ଆସିଲାଣି । ବଳି ଓ ହାଣ୍ଡିଆ ପରିବର୍ତ୍ତେ କ୍ଷୀର, କଦଳୀ, ନଡ଼ିଆ, ଲଡୁ ଅର୍ପଣ କରିବାର ପ୍ରଚଳନ କଲେଣି । ପୁଣି ହିନ୍ଦୁ ଦେବଦେବୀ ମନ୍ଦିରରେ ମଧ ପୂଜାର୍ଚ୍ଚନା କରୁଛନ୍ତି ।

ଏତଦ୍ ବ୍ୟତୀତ ପିଲାମାନଙ୍କର ଜନ୍ମ ଦିନ, ବିବାହ ବାର୍ଷିକ, ଶ୍ରାଦ୍ଧ ବାର୍ଷିକ ପାଳନ କରିବା ବିଧି ସାନ୍ତାଳ ସମାଜରେ ନଥିଲା । କିନ୍ତୁ ଅଧୁନା ଏସବୁ ମଧ ପାଳନ କରିବାର ଦୃଷ୍ଟିଗୋଚର ହେଲାଣି ।

ସଂସ୍କୃତି ଗୋଟାଏ ଜାତିର ଆତ୍ମା । ତାହାର ଗତି ଅନ୍ତଃ ସଲିଳା ଫଲଗୁ ସମ । ତେଣୁ ତାର ଗତି ଧରା ପଡ଼େ ନାହିଁ । ଆଜିର ଜଗତୀକରଣ, ଉଦ୍ୟୋଗୀ କରଣ, ବିସ୍ଥାପନ ଓ ପ୍ରଯୁକ୍ତି ବିଜ୍ଞାନର ପ୍ରସାର ଫଳରେ ଗ୍ରାମଠାରୁ, ସମାଜଠାରୁ ବ୍ୟକ୍ତି ଦୂରେଇଯାଉଛି । ଯନ୍ତ୍ର ସଭ୍ୟତାର କବଳରେ କବଳିତ ହୋଇ ମଣିଷର ହୃଦୟ ମଧ ଯନ୍ତ୍ର ପାଲଟି ଗଲାଣି । ବ୍ୟକ୍ତି - ସମାଜ- ପଡୋଶୀ- ଆତ୍ମଜ ମଧରେ ଯେଉଁ ସ୍ନେହ - ସହାନୁଭୂତିର ଡୋର ଥିଲା ତାହା ଆଜି ହୁଗୁଳା ହୋଇ ଛିଣ୍ଡି ଛିଣ୍ଡି ଯାଉଛି । ସଂସ୍କୃତି ପରିବର୍ତ୍ତନ ଶୀଳ, ଏହା ନିଶ୍ଚିତ । କିଂତୁ ପରିବର୍ତ୍ତନ ନାମରେ ମୌଳିକତାକୁ ହେୟ ମନେ କରି ଭୁଲିଯିବା କୌଣସି ଜାତିର ଶୁଭ ଲକ୍ଷଣ ନୁହେଁ । ତେଣୁ ପରିବର୍ତ୍ତିତ ସଂସ୍କୃତିର ଗତି କୁଆଡ଼େ ତାହା ସମୟ ହି କହିବ ।

# ପରିବର୍ତ୍ତନ ଧାରାରେ ପରଜା ଜନଜାତି

ରଂଜନ ପ୍ରଧାନ

ଓଡ଼ିଶାରେ ବସବାସ କରୁଥିବା ଆଦିବାସୀମାନଙ୍କ ମଧ୍ୟରୁ ପରଜାମାନେ ହେଉଛନ୍ତି ଏକ ପ୍ରମୁଖ ପ୍ରାଚୀନ ଆଦିବାସୀ ଗୋଷ୍ଠୀ । ଓଡ଼ିଶାର ଆଦିବାସୀ ମଧ୍ୟରେ ଶତକଡ଼ା ୫ ପ୍ରତିଶତ ହେଉଛନ୍ତି କେବଳ ପରଜା । ପରଜାମାନେ ସମଗ୍ର ଓଡ଼ିଶାର ବିଭିନ୍ନ ସ୍ଥାନରେ ଦେଖାଯାଉଥିବାବେଳେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ହିଁ ଏମାନେ ବହୁଳ ଭାବେ ବସବାସ କରନ୍ତି । ଓଡ଼ିଶା ପରଜା ଜନସଂଖ୍ୟାର ଶତକଡ଼ା ୯୧ ପ୍ରତିଶତ ଥିବା ଅବିଭକ୍ତ କୋରାପୁଟ ଜିଲ୍ଲାକୁ ପରଜାମାନଙ୍କ ରାଜ୍ୟ କହିଲେ ଭୁଲ୍ ହେବନି । ୧୯୬୧ ମସିହା ଜନଗଣନା ରିପୋର୍ଟ ଅନୁସାରେ, ସମଗ୍ର ଓଡ଼ିଶାରେ ବସବାସ କରୁଥିବା ମୋଟ ୬୨ ପ୍ରକାର ଆଦିବାସୀଙ୍କ ସଂଖ୍ୟା ମିଶି ୪୨,୨୩,୭୫୭ ଥିଲାବେଳେ ସେଥିମଧ୍ୟରୁ ପରଜାଙ୍କ ସଂଖ୍ୟା ଥିଲା ୧,୫୯,୮୬୬; ଅର୍ଥାତ୍ ଓଡ଼ିଶାରେ ପରଜା ଆଦିବାସୀଙ୍କ ସଂଖ୍ୟା ମିଶି ୪୨,୨୩,୭୫୭ ଥିଲାବେଳେ ସେଥିମଧ୍ୟରୁ ପରଜାଙ୍କ ସଂଖ୍ୟା ଥିଲା ୧,୫୯,୮୬୭; ଅର୍ଥାତ୍ ଓଡ଼ିଶାରେ ପରଜା ଆଦିବାସୀଙ୍କ ସଂଖ୍ୟା ସମଗ୍ର ଆଦିବାସୀ ଜନସଂଖ୍ୟାର ୩.୮୭ ପ୍ରତିଶତ ଥିଲା । ୧୯୬୧ ମସିହା ବେଳକୁ ଓଡ଼ିଶାରେ ପ୍ରତି ୧୦୦ ଜଣ ଆଦିବାସୀଙ୍କ ମଧ୍ୟରେ ୪ ଜଣ ପରଜା ଥିଲେ । ସେହିପରି ୧୯୭୧ ମସିହା ଜନଗଣନା ରିପୋର୍ଟ ଅନୁସାରେ, ସମଗ୍ର ଓଡ଼ିଶାରେ ମୋଟ ଆଦିବାସୀ ଜନସଂଖ୍ୟା ୫୦,୭୨,୯୩୬ ଥିଲାବେଳେ ସେମାନଙ୍କ ମଧ୍ୟରୁ ପରଜାମାନଙ୍କ ସଂଖ୍ୟା ଥିଲା ୨,୦୬,୬୯୯ । ଅର୍ଥାତ୍ ୧୯୭୧ ମସିହା ବେଳକୁ ଓଡ଼ିଶାର ମୋର ଆଦିବାସୀ ଜନସଂଖ୍ୟାର ୪.୦୭ ପ୍ରତିଶତ ଥିଲା ପରଜା ଜନସଂଖ୍ୟା । ସେହିପରି ୧୯୮୧ ମସିହା ଜନଗଣନା ରିପୋର୍ଟ ଅନୁସାରେ, ଓଡ଼ିଶାରେ ମୋଟ ଆଦିବାସୀ ଜନସଂଖ୍ୟା ୫୯,୧୫, ୦୬୭ ଥିଲାବେଳେ ପରଜାଙ୍କ ସଂଖ୍ୟା ଥିଲା ୨,୬୭,୧୮୪ । ସେତେବେଳେ ପରଜା ଜନସଂଖ୍ୟା ଓଡ଼ିଶାର ମୋଟ ଆଦିବାସୀ ଜନସଂଖ୍ୟାର ୪.୫୧ ପ୍ରତିଶତ ଥିଲା । ଅର୍ଥାତ୍ ୧୯୮୧ ମସିହା ବେଳକୁ ଓଡ଼ିଶାରେ ୧୦୦ ଜଣ ଆଦିବାସୀଙ୍କ ମଧ୍ୟରେ ୫ ଜଣ ପରଜା ଥିଲେ । ୧୯୯୧ ମସିହା ଜନଗଣନା ଅନୁସାରେ ଓଡ଼ିଶାର ମୋଟ ଆଦିବାସୀଙ୍କ ସଂଖ୍ୟା ୭୦,୩୨, ୨୧୪ ଥିଲାବେଳେ ପରଜାଙ୍କ ସଂଖ୍ୟା ଥିଲା ୩,୫୩,୩୩୬; ଅର୍ଥାତ୍ ସେତେବେଳେ ମୋଟ ଆଦିବାସୀ ଜନସଂଖ୍ୟାର ୫.୦୨ ପ୍ରତିଶତ ଥିଲେ ପରଜା ।

୧୯୬୧ ମସିହା ଜନଗଣନା ଅନୁସାରେ ଓଡ଼ିଶାରେ ପରଜାମାନଙ୍କ ସଂଖ୍ୟା ୧,୫୯,୮୬୬ ଥିଲାବେଳେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ପରଜାଙ୍କ ସଂଖ୍ୟା .୩୭,୭୪୯ ଥିଲା । ୧୯୬୧ ମସିହାରେ

ଓଡ଼ିଶାରେ ଥିବା ମୋଟ ଜନସଂଖ୍ୟାର ୮୬ ପ୍ରତିଶତ ପରଜା କେବଳ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଥିଲେ । ୧୯୭୧ ମସିହା ଜନଗଣନା ବେଳକୁ ଓଡ଼ିଶାରେ ପରଜାଙ୍କ ସଂଖ୍ୟା ବୃଦ୍ଧିପାଇ ୨,୦୬,୬୯୯ରେ ପହଞ୍ଚିଥିଲା ବେଳକୁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏହି ସଂଖ୍ୟା ପହଞ୍ଚିଥିଲା ୧,୯୩,୭୩୬ରେ । ୧୯୭୧ ମସିହା ବେଳକୁ ଓଡ଼ିଶାରେ ଥିବା ମୋଟ ପରଜା ଜନସଂଖ୍ୟାର ୯୪ ପ୍ରତିଶତ ପରଜା କେବଳ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଥିଲେ । ୧୯୮୧ ମସିହା ଜନଗଣନା ଅନୁଯାୟୀ ଓଡ଼ିଶାରେ ପରଜା ଆଦିବାସୀଙ୍କ ସଂଖ୍ୟା ବୃଦ୍ଧି ପାଇ ୨,୬୭,୧୮୪ରେ ପହଞ୍ଚିଥିଲାବେଳେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ମଧ ପରଜାଙ୍କ ସଂଖ୍ୟା ବୃଦ୍ଧି ପାଇଁ ୨,୪୭,୩୦୪ରେ ପହଞ୍ଚିଥିଲା । ୧୯୮୧ ମସିହା ବେଳକୁ ଓଡ଼ିଶାରେ ଥିବା ମୋଟ ପରଜା ଜନସଂଖ୍ୟା ୯୩ ପ୍ରତିଶତ ପରଜା କେବଳ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଥିଲେ । ୧୯୯୧ ମସିହା ଜନଗଣନା ରିପୋର୍ଟ ଅନୁସାରେ, ଓଡ଼ିଶାରେ ପରଜାଙ୍କ ସଂଖ୍ୟା ୩,୫୩,୩୩୬ରେ ପହଞ୍ଚିଥିଲା ବେଳକୁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ପରଜା ସଂଖ୍ୟା ୩,୨୨,୫୪୫ ଥିଲା । ଅର୍ଥାତ୍ ୧୯୯୧ ମସିହା ବେଳକୁ ଓଡ଼ିଶାର ମୋଟ ପରଜା ଜନସଂଖ୍ୟାର ୯୧ ପ୍ରତିଶତ ପରଜା କେବଳ ଅବିଭକ୍ତ କୋରାପୁଟ ଜିଲ୍ଲାର ବାସିନ୍ଦା ଥିଲେ । ଏହି ଜନଗଣନା ରିପୋର୍ଟକୁ ଅନୁଧ୍ୟାନ କଲେ ଓଡ଼ିଶାରେ ପରଜାମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଲକ୍ଷ୍ୟ କରିହେବ; ଯାହା ଏହି ଜାତି ପାଇଁ ଏକ ଆଶ୍ୱାସନାର ବିଷୟ । ଅନେକ ପ୍ରାଚୀନ ଜନଜାତି ବିଲୁପ୍ତ ହେବାକୁ ଯାଉଥିବାବେଳେ ପରଜାଙ୍କ ସଂଖ୍ୟା ବୃଦ୍ଧି ଖୁସିର ବିଷୟ । ପରଜାମାନେ ଅବିଭକ୍ତ କୋରାପୁଟ ଜିଲ୍ଲା କଳାହାଣ୍ଡି ଜିଲ୍ଲାମାନଙ୍କରେ କାଁଭାଁ ବସବାସ କରୁଥିବା ଜଣାଯାଏ । କୋରାପୁଟ ଜିଲ୍ଲାର କୋରାପୁଟ, ସେମିଳିଗୁଡ଼ା, ପଟାଙ୍ଗି, ନନ୍ଦପୁର, ଲମତାପୁଟ, ଦଶମନ୍ତପୁର, ଲକ୍ଷ୍ମୀପୁର, ଜୟପୁର, ବୋରିଗୁମା, ବୈପାରୀଗୁଡ଼ା, କୁନ୍ଦୁରା ଆଦି ଅଞ୍ଚଳରେ ବାସ କରନ୍ତି । ମାଲ୍‌କାନ୍‌ଗିରି ଜିଲ୍ଲାର ମାଲକାନ୍‌ଗିରି ଓ କୁଡୁମୁଲୁଗୁମା ବ୍ଲକ୍‌ରେ ମଧ ପରଜା ଦେଖିବାକୁ ମିଳନ୍ତି । ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁର, ନନ୍ଦାହାଣ୍ଡି, ତେନ୍ତୁଳିଖୁଣ୍ଟି, ପାପଡ଼ାହାଣ୍ଡି, ଡାବୁଗାଁ, ଝରିଗାଁ ବ୍ଲକ୍‌ରେ ପରଜାମାନେ ବାସ କରନ୍ତି । ରାୟଗଡ଼ା ଜିଲ୍ଲାର ରାୟଗଡ଼ା ଓ କାଶୀପୁର ବ୍ଲକ୍‌ରେ ପରଜା ମଧ ବସବାସ କରୁଥିବା ଦେଖାଯାଏ ।

ପରଜା ଆଦିବାସୀମାନେ ବହୁତ ସରଳ ଓ ପରିଶ୍ରମୀ । ଏମାନେ ବେଶ୍ ଅତିଥି ପରାୟଣ । ବହିରାଗତ ଅଣଆଦିବାସୀଙ୍କ ସହ ସହଜରେ ମିଶିଯିବା ହେଉଛି ପରଜାମାନଙ୍କର ଅନ୍ୟ ଏକ ଭଲ ଗୁଣ । ଆଦିବାସୀମାନଙ୍କର ଗୋଟିଏ ବିଶେଷ ଗୁଣ ହେଉଛି ସେମାନଙ୍କର ଗୋଷ୍ଠୀ ଜୀବନ (community life) ସେମାନେ ଗୋଷ୍ଠୀଗତ ଭାବେ ଜୀବନକୁ ଉପଭୋଗ କରିଥାନ୍ତି । ପ୍ରତ୍ୟକ ପର୍ବପର୍ବାଣିରେ ସେମାନେ ଏକତ୍ରିତ ହୁଅନ୍ତି ଓ ପରସ୍ପର ମଧରେ ସୁଖ, ଆନନ୍ଦ ବାଣ୍ଟିଥାନ୍ତି । ପରଜାମାନଙ୍କର ଗୋଷ୍ଠୀ ଜୀବନ ଆଜି ବିପନ୍ନ । ଆଜି ପରଜା ଗାଁଟିରେ, ଗାଁ ମୁଖିଆ 'ମୁଦୁଲି' ବା 'ନାୟକ' ଏବଂ 'ଯାନୀ'ଙ୍କ ପ୍ରାସଙ୍ଗିକତା ଅନୁଭବ କରି ହେଉନି । ପରଜା ଗାଁର ବେରଣ ମୁଣ୍ଡା ଓ ନିଶାଣ୍ ମୁଣ୍ଡାର ଚିତ୍ର ବଦଳି ଯାଇଛି । ତତ୍କାଳୀନ ଗାଁ ପ୍ରାଶାସନିକ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଘଟିଛି । ସେତେବେଳେ ରାଜତନ୍ତ୍ର ଦ୍ୱାରା ନିଯୁକ୍ତି ପାଇଥିବା 'ମୁଦୁଲି / ନାୟକ', 'ଯାନୀ', 'ଚଲାଣ'ଙ୍କର ଏବେ ଆଉ ପ୍ରାସଙ୍ଗିକତା ନାହିଁ । ବର୍ତ୍ତମାନର ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ଗାଁରେ ୱାର୍ଡ

ମେମ୍ବର, ସରପଞ୍ଚ ଗାଁର ବିଭିନ୍ନ ସମସ୍ୟାରେ ମୁଣ୍ଡ ଖେଳେଇ ସମାଧାନ କରିବାକୁ ଚେଷ୍ଟା କରୁଛନ୍ତି । ତେବେ 'ଯାନୀ', 'ଗୁରୁମାଇ'ଙ୍କର ଗୁରୁତ୍ୱ ଏବେବି ପରଜା ସମାଜରେ କିଛି ମାତ୍ରାରେ ଅକ୍ଷୁର୍ଣ୍ଣ ରହିଛି । ବିନା 'ଗୁରୁମାଇ'ର ଏବେ ପରଜାମାନଙ୍କର ବାଲିଯାତ୍ରା ସମ୍ଭବ ହୋଇପାରୁନି । ପରଜା ଗାଁରେ 'ଯାନୀ' ଧାର୍ମିକ ମୁଖିଆ ଥିଲାବେଳେ "ମୁଦୁଲି" ପ୍ରଶାସନିକ ମୁଖିଆ ଥିଲେ । ଗାଁରେ "ଭାତ ନାୟକ", "ଚଲାଣ", "ଦିସାରୀ", "ଗୁରୁମାଇ"ଙ୍କର ଆଉ ବିଶେଷ ଭୂମିକା ପରିଲକ୍ଷିତ ହେଉନାହିଁ । ଗାଁରେ ଏବେ "ୱାର୍ଡ଼ମେମ୍ବର" ଗାଁ ମୁଖିଆର ସ୍ଥାନ ନେଇଛନ୍ତି ।

ପରଜା ସମାଜରେ କେହି ଦୋଷ କଲେ ତାକୁ ଉପଯୁକ୍ତ ଶାସ୍ତି ପ୍ରଦାନ କରାଯାଏ । ଗାଁର "ବେରମୁଣ୍ଡା"ଠାରେ ଗାଁସଭା ବସି ଦୋଷୀଙ୍କୁ ଦଣ୍ଡ ଦିଆଯାଏ । ଗାଁ ମୁଖିଆ 'ଯାନୀ' ଓ 'ମୁଦୁଲି'ଙ୍କ ଉପସ୍ଥିତିରେ ଦୋଷୀର ଦଣ୍ଡବିଧାନ କରାଯାଏ । ଦୋଷୀଙ୍କୁ କିପରି ଦଣ୍ଡବିଧାନ କରାଯିବ ତାହା ଗାଁ ମୁଖିଆ 'ମୁଦୁଲି', 'ନାୟକ' ଓ 'ଜାନି' ନିଷ୍ପତ୍ତି ନେଉଥିଲେ । ଅଭିଯୁକ୍ତଙ୍କଠାରୁ ଜୋରିମାନା ସରୂପ କିଛି ଟଙ୍କା ଦେବାକୁ ପଡ଼ିଥାଏ । ଏହି ଜୋରିମାନା ଅର୍ଥରେ କିଛି ମଦ କିମ୍ବା ଧୂଆଁପତ୍ର କିଣାଯାଏ । ଏହାକୁ ସମସ୍ତେ ସାଥୀହୋଇ ପାନ କରନ୍ତି । ପରଜାମାନେ 'ଲନ୍ଦା' ପିଇ କୁକୁଡ଼ା ମାଂସ ଖାଇ ଖୁସି ମନାନ୍ତି । ଧାଙ୍ଗଡ଼ା, ଧାଙ୍ଗିଡ଼ିମାନେ ନାଚଗୀତ କରନ୍ତି । ପୂର୍ବ କାଳରେ ଏପରି ଦଣ୍ଡ ବିଧାନ କରାଯାଉଥିଲା । ତେବେ ଆଜିର ଯୁଗରେ ଅନେକ କ୍ଷେତ୍ରରେ ଦଣ୍ଡିତ ପରଜା ସନ୍ତୁଷ୍ଟ ହେଉନି, ସେ ଥାନା କିମ୍ବା କୋର୍ଟକୁ ଆସିବାକୁ ଅଧିକ ପସନ୍ଦ କରୁଛି । ଗାଁ ମୁଖିଆଙ୍କ ନିଷ୍ପତ୍ତିଠାରୁ କୋର୍ଟର ରାୟକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେ କରୁଛି ଦଣ୍ଡିତ ପରଜାଟି । ପୂର୍ବେ ଅଧିକାଂଶ ମାମଲା ଗାଁରେ ଫଇସଲା ହୋଇଯାଉଥିବାବେଳେ ବର୍ତ୍ତମାନ ଏହା ଥାନା, କଚେରୀକୁ ଆସୁଛି ।

ଦିନ ଥିଲା, ଗୋଟିଏ ଅତି ସାଧାରଣ ପର୍ବରେ ପରଜାମାନେ ଏକତ୍ରିତ ହୋଇ ଲନ୍ଦା ପିଉଥିଲେ । ପୂଷ୍ ପୂନେଇଁରେ ଚୁଟିଆ ପୁଡ୍‌ଗା, ସେମି ପୁଡ୍‌ଗା ଖାଇ ଲନ୍ଦା ପିଇ ପରଜାମାନେ ଜୀବନକୁ ଚମତ୍କାର ଭାବେ ଉପଭୋଗ କରୁଥିଲେ । ଏହି ଅବସରରେ ଗାଁର ପ୍ରତି ଘରୁ ଲନ୍ଦା ଆଦାୟ ହେଉଥିଲା । ସମସ୍ତ ଲନ୍ଦା ଗାଁର ବେରଣ ମୁଣ୍ଡା ନିକଟରେ ଗାଁ ମୁଖିଆ ଓ ଯାନୀଙ୍କ ମାର୍ଫତରେ ଦାଖଲ ହେଉଥିଲା ଏବଂ ଏହାକୁ ସମସ୍ତେ ମିଶି ପିଉଥିଲେ ଏବଂ ନାଚଗୀତ କରୁଥିଲେ । ସେ ମୁହୂର୍ତ୍ତ ଆଜି ବିସ୍ମୃତ । ଅଜି ପରଜାଟିଏ ନିଜେ ଏକଲା ତା ଘରେ ଲନ୍ଦା ପିଇ ଖୁସି ହେଉଛି । ସେ ଆଉ ବେରଣ ମୁଣ୍ଡା ନିକଟକୁ ଆସୁନି ଓ ଅନ୍ୟମାନଙ୍କ ସାଥୀରେ ଲନ୍ଦା ପିଉନାହିଁ । ଏମିତି କାହିଁକି ଘଟିଛି ? କେହି ଏହାର କାରଣ ଖୋଜିଛନ୍ତି ?

ପରଜାମାନଙ୍କ ପାରଂପରିକ ଖାଦ୍ୟରେ ଏବେ ଏବେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଗଲାଣି । ମାଣ୍ଡିଆରୁ ପ୍ରସ୍ତୁତ ଯେକୌଣସି ଖାଦ୍ୟ ହେଉଛି ପରଜାଙ୍କ ମୁଖ୍ୟ ଖାଦ୍ୟ । ଏହା ବ୍ୟତୀତ ପରଜାମାନେ ଜଙ୍ଗଲଜାତ ଦ୍ରବ୍ୟ, ପନିପରିବା, ଶିମ୍ବ, କୋବି, ଶାଗ, ବିଭିନ୍ନ ପ୍ରକାର ମଞ୍ଜି, କାନ୍ଦୁଲ, ବିଭିନ୍ନ ପ୍ରକାର ଗଛର ମୂଳ, କନ୍ଦା, ଆମ୍ବ, କୋଇଲି, ତେନ୍ତୁଳି, ପାଣି କଖାରୁ, ସୁଆଁ, ଜନା (ମକା), ଜନ୍ଦିରି(ବାଜରା), କୁମୁଡ଼ା (କଖାରୁ), ବାଉଁଶ କରଡ଼ି, କୋଲଥ, ମୁଗ, ଚୁଟିଆ ମୂଷା ଆଦି ପଶୁପକ୍ଷୀର ମାଂସ ଭକ୍ଷଣ କରନ୍ତି । କିଛି ପରଜା

ତଥା କନ୍ଧ ପରଜାମାନେ ଗୋରୁମାଂସ ଭକ୍ଷଣ ମଧ କରନ୍ତି । ଜଙ୍ଗଲୀ ପଶୁ ହରିଣ, ବାର୍ହା, ଶମ୍ବର, କୁଟ୍ରା ଆଦିର ମାଂସ ପରଜାମାନେ ଖାଆନ୍ତି । ତେବେ ଏଭଳି ବିରଳ ଜଙ୍ଗଲୀ ପଶୁ ବର୍ତ୍ତମାନ ଆଉ ମିଳୁ ନଥିବାରୁ ପରଜାମାନେ ଏହି ଖାଦ୍ୟ ଆଉ ପାଉ ନାହାନ୍ତି । ମାତ୍ର, ପରଜାମାନେ ଏହା ସହିତ ଚାଉଳ, ଡାଲି ଓ ଅନ୍ୟାନ୍ୟ ତର୍କାରୀ ଖାଇବା ଆରମ୍ଭ କଲେଣି । ଏମାନେ ମୁଖ୍ୟତଃ ରାଶି ତେଲକୁ ଖାଇବା ତେଲ ଭାବେ ବ୍ୟବହାର କରିଥାନ୍ତି । ମାଣ୍ଡିଆରୁ ପ୍ରସ୍ତୁତ ଚୂନାରେ **'ମାଣ୍ଡିଆ ପେଜ'**, **'ମାଣ୍ଡିଆ ଅଣ୍ଡା'** ପରଜାଙ୍କ ପ୍ରମୁଖ ଖାଦ୍ୟ । ମାଣ୍ଡିଆ ଚୂନାରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ପିଠା ଏମାନଙ୍କ ପ୍ରିୟ ଖାଦ୍ୟ । ବିଭିନ୍ନ ପର୍ବପର୍ବାଣୀ ସମୟରେ ପରଜା ରମଣୀମାନେ ମାଣ୍ଡିଆ ଚୂନାରେ ପିଠା ପ୍ରସ୍ତୁତ କରିଥାନ୍ତି । ଭାତ ମିଶା ପେଜରେ ଡାଲି ତର୍କାରୀ ନ ହେଲେ ମଧ ଚଳିଯାଏ । ସେମାନେ ଦନାରେ ଭାତ ମିଶା ପେଜକୁ ବାଢ଼ି ଗୋଟିଏ ହାତରେ ଧରି ଅନ୍ୟ ହାତରେ ଲୁଣ ଓ ଲଙ୍କା ବ୍ୟବହାର କରିଥାନ୍ତି । ଖାଦ୍ୟ ସହିତ ବେଳେବେଳେ ବାସୀ ପେଜରେ ବିଭିନ୍ନ ପନିପରିବାକୁ ନେଇ ଆମ୍ବଟ ବା ଖଟା ପ୍ରସ୍ତୁତ କରି ଖାଇଥାନ୍ତି । ରାତିରେ ସେମାନେ ଭାତ ଓ ବିଭିନ୍ନ ପନିପରିବାକୁ ନେଇ ତର୍କାରୀ ରାନ୍ଧି ଖାଇବା ସଙ୍ଗେ ସଙ୍ଗେ ତୋରାଣି ମଧ ପିଇଥାନ୍ତି । ପରଜାମାନେ ମାଣ୍ଡିଆ ପେଜ ଉପରେ ବେଶୀ ଗୁରୁତ୍ୱ ଦେଇଥାନ୍ତି । ଭାତ ନଖାଇ ମଧ ମାଣ୍ଡିଆ ପେଜ ପିଇ ଦିନ ବିତାଇ ଦେଇଥାନ୍ତି । ବେଳେବେଳେ ସେମାନେ ବିଭିନ୍ନ ଗଛର ଚେରମୂଳକୁ ମଧ ଖାଦ୍ୟ ଭାବେ ବ୍ୟବହାର କରିଥାନ୍ତି । ଭାତ ସାଙ୍ଗରେ କୋଳଥ ଡାଲି ଖାଇବା ଦେଖାଯାଏ । ପରଜାମାନେ ଭାତକୁ **'ଲାଏ'** ଓ ଅନ୍ୟାନ୍ୟ ଯେତେ ତର୍କାରୀକୁ 'କୁଚା' କହନ୍ତି । ଏହା ବ୍ୟତୀତ **ସୁଆଁଭାତ, ଜନା (ମକା)** ଆଦି ପରଜାମାନଙ୍କ ଖାଦ୍ୟ । ସୁଆଁ ଘାସର ମଞ୍ଜିକୁ ସଂଗ୍ରହ କରି ସେମାନେ ସୁଆଁ ଭାତ ପ୍ରସ୍ତୁତ କରନ୍ତି । ଜନା (ମକା) ସେମାନେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରନ୍ତି । ମକାକୁ ପୋଡିକରି ଖାଆନ୍ତି । ମକାକୁ ଗୁଣ୍ଡ କରି **'ଜନାପିଠା'** କରନ୍ତି । ଏହା ବ୍ୟତୀତ ଚୁଟିଆ ମୂଷା ପୋଡା ପରଜାମାନଙ୍କର ଅତି ପ୍ରିୟ ଚାଖଣା । ଲନ୍ଦା କିମ୍ବା ପେଣ୍ଡମ୍ ସାଙ୍ଗକୁ ଚୁଟିଆ ମୂଷା ପୋଡ଼ା ହୋଇଗଲେ ପରଜାମାନଙ୍କର ଆନନ୍ଦ କହିଲେ ନସରେ । ପୁଷ୍ ପୁନେଇଁ ବେଳକୁ ପରଜାମାନେ ପୁଷ୍ ପୁନେଇଁ 'ଭୋଗି' (କାଠ ନିଆଁ)ରେ ଚୁଟିଆ ମୂଷା ପୋଡ଼ି ଖାଆନ୍ତି । ଲୁଣ, ଲଙ୍କା ଦିଆଯାଇଥିବା ଏହି ସିଝା ଚୁଟିଆ ମାଂସକୁ **'ଚୁଟିଆ ପୁଡ୍‌ଗା'** କହନ୍ତି । ପରଜାମାନେ ପୁଷ୍ ପୁନେଇଁ ବେଳେ **'ସେମି ପୁଡ୍‌ଗା'** କରି ଖାଆନ୍ତି । ପରଜାମାନେ ଜନ୍ଦିରି ଅର୍ଥାତ୍ ବାଜରାକୁ ଗୁଣ୍ଡ କରି **'ଜିନ୍ଦିର ଲିଆ'** ମଧ ଖାଦ୍ୟ ଭାବେ ବ୍ୟବହାର କରନ୍ତି । ଏହା ବ୍ୟତୀତ 'ଇନ୍ଦିରି ପିଠା' ମଧ ପରଜାମାନଙ୍କର ଅନ୍ୟ ଏକ ଖାଦ୍ୟ । ବିରି ଓ ଚାଉଳକୁ ସିଝାଇ ଏକ ପ୍ରକାର ଖାଦ୍ୟ ପ୍ରସ୍ତୁତ କରନ୍ତି, ଯାହାକୁ **'ବିରି ଭାତ'** କହନ୍ତି । ପ୍ରଥମେ ଚାଉଳକୁ ହାଣ୍ଡିରେ ଗରମ ପାଣିରେ ଫୁଟେଇ ଭାତ ପ୍ରସ୍ତୁତ କରାଯାଏ ଏବଂ ଏହି ଭାତକୁ ପରଜାମାନେ ଖାଆନ୍ତି । **'କୋଡ୍‌ଡିଙ୍ଗ ଲାଏ'** ବା **କୋଳଥ ଭାତ** ପରଜାମାନଙ୍କର ଆଉ ଏକ ପ୍ରକାର ଖାଦ୍ୟ । **'ଟାକୁ ପିଠା'** ମଧ ଖାଆନ୍ତି । ମାତ୍ର ଏହିସବୁ ପାରଂପରିକ ଖାଦ୍ୟରେ ବେଶ୍ ପରିବର୍ତ୍ତନ ଦେଖା ଗଲାଣି । ପରଜାମାନେ ଏବେ ସରକାରଙ୍କ ଦୁଇ ଟଙ୍କିଆ ଚାଉଳର ଭାତ ସାଙ୍ଗକୁ ତେଲମସଲା ଦେଇ ତରକାରୀ ରୋଷେଇ କଲେଣି ।

ସରକାର ଘୋଷଣା କରୁଛନ୍ତି, ଆଦିବାସୀମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ, ମନା

ନାହିଁ । ଭଲ ପଦକ୍ଷେପ । ହେଲେ, ଯୋଜନାର ଦଶନ୍ଧି ଦଶନ୍ଧି ବିତିଯିବା ପରେ ସେମାନଙ୍କର କ'ଣ କ'ଣ ବିକାଶ ଘଟିଛି କିମ୍ବା ଅବକ୍ଷୟ ହୋଇଛି ତାହା ସମୀକ୍ଷାସାପେକ୍ଷ ।

ଆଜିର ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଯୋଗୁଁ ପରଜା ପିଲାଟି ନା ନିର୍ଦ୍ୱନ୍ଦରେ ଆସିପାରୁଛି ସ୍କୁଲ୍‌କୁ ନା ଫେରି ଯାଇ ପାରୁଛି ତା ପ୍ରିୟ ଡ଼ଙ୍ଗରକୁ ? ଫଳସ୍ୱରୂପ ପରଜା ପିଲାଟି ସ୍କୁଲକୁ ଆସି ପୂରାପୁରି ଶିକ୍ଷିତ ହୋଇପାରୁନି କି ତା'ର ଡଙ୍ଗର ସଂସ୍କୃତିକୁ ଆପଣାର କରି ରଖିପାରୁନି ।

ଆଜି ପରଜା ପିଲାଟି ଭୁଲି ଯାଇଛି ତା'ର ପ୍ରିୟ ଡଙ୍ଗରକୁ ଓ ଜଙ୍ଗଲକୁ । ଭୁଲି ଯାଇଛି ତା'ର ପ୍ରିୟ ତୁଙ୍ଗୁତୁଙ୍ଗାକୁ ଓ ଟଇଁଲାକୁ । ଭୁଲି ଯାଇଛି ତା' ପ୍ରିୟ ଢେମ୍‌ସା ନାଚକୁ ଓ ଶିକାର ସଙ୍ଗୀତକୁ । ଭୁଲି ଯାଇଛି ତା ପ୍ରିୟ ମାତୃଭାଷାକୁ । ଭୁଲି ଯାଇଛି ତା ପ୍ରିୟ ସଂସ୍କୃତିକୁ । ଭୁଲି ଯାଇଛି ତା ପ୍ରିୟ ପରମ୍ପରାକୁ । ସର୍ବୋପରି ଭୁଲି ଯାଇଛି ତା ନିଜର ପ୍ରିୟ ପରିଚୟକୁ । ଭୁଲି ଯାଇଛି ତା ବୁନିଆଦ୍‌କୁ । ପରଜା ପିଲାଟି ନା ଭଲ ଓଡ଼ିଆ କହି ପାରୁଛି ନା ଭଲ, ତା ନିଜର ପରଜା (ପେଙ୍ଗୋ) ଭାଷାକୁ ଉଚ୍ଚାରଣ କରିପାରୁଛି ? ସେ ଏକ ଅପମିଶ୍ରିତ ଭାଷାର ଜାଲରେ ଛନ୍ଦି ହୋଇ ନିଜକୁ ପ୍ରକାଶ କରିବାକୁ ଅସମର୍ଥ ହୋଇପଡୁଛି ।

ସବୁଠୁ ବେଶି କ୍ଷତି ହୋଇଛି ପରଜାଙ୍କ 'ଗୋଷ୍ଠୀ ଜୀବନ' । ପରଜା ଗାଁଟିରେ ଆଜି ଆଉ 'ଧାଙ୍ଗଡ଼ା ବସା' କି 'ଧାଙ୍ଗିଡ଼ି ବସା' ନାହିଁ । ପରଜା ଯୁବକ, ଯୁବତୀଙ୍କ ଶୃଙ୍ଖଳିତ ଜୀବନ ଗଢ଼ିବାରେ ପ୍ରମୁଖ ଭୂମିକା ତୁଲେଇ ଆସୁଥିବା ଏହି ଧାଙ୍ଗଡ଼ା ଓ ଧାଙ୍ଗିଡ଼ି ଘର ଏବେ ପାଲଟି ଯାଇଛି ଇତିହାସ । ପରଜାମାନେ ସେଦିନ ପାଳି ଆସୁଥିବା ପରବ୍ ଆଜି ପାଳୁଥିବା ପରବ୍ ମଧ୍ୟରେ ସୃଷ୍ଟି ହୋଇଛି ଆକାଶ ପାତାଳ ଫରକ । ଆଜି 'ଚଇତ୍ ପରବ୍'ରେ 'ବେଣ୍ଟ୍' ଯାତ୍ରାର ପ୍ରାସଙ୍ଗିକତା ମନେ ହେଉନାହିଁ । କାରଣ ଜଙ୍ଗଲ ଥିଲେ ସିନା 'ବେଣ୍ଟ' । ଜଙ୍ଗଲ ନଥିଲେ କି 'ବେଣ୍ଟ' ।

ଯଦିବା କାଁଭାଁ କିଛି ଜଙ୍ଗଲ ରହିଯାଇଛି, ତେବେ । ପରଜାମାନଙ୍କୁ 'ବେଣ୍ଟ' କରିବାକୁ ପ୍ରଶାସନ ପକ୍ଷରୁ ଅଙ୍କୁଶ ଲଗାଯାଉଛି । 'ବେଣ୍ଟ' ଯାତ୍ରା ଏକ ଦଣ୍ଡନୀୟ ଅପରାଧ ଏବଂ ଏହା କଲେ ସେମାନଙ୍କୁ କଠୋର ଦଣ୍ଡ ମିଳିବ ବୋଲି ପ୍ରଶାସନ ପକ୍ଷରୁ ଟିଭି, ରେଡ଼ିଓରେ ଘନଘନ ବିଜ୍ଞାପନ ପ୍ରକାଶ କରାଯାଉଛି । ଏହା ଦ୍ୱାରା ସେମାନଙ୍କ ଧାର୍ମିକ ଭାବନା ଓ ପରମ୍ପରା ପ୍ରତି ଏକ ଆଘାତ୍ ପହଞ୍ଚୁଛି । ଅନ୍ୟ ପକ୍ଷରେ ପ୍ରଶାସନର ଯୁକ୍ତିକୁ ଅଗ୍ରାହ୍ୟ କରିହେବନି । ଗୋଟିଏ ପଟେ ଜଙ୍ଗଲ ଜନ୍ତୁଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ପ୍ରଶାସନ ଅଣ୍ଟା ଭିଡି ବାହାରିଲାବେଳେ ଅନ୍ୟ ପକ୍ଷରେ ଆଦିବାସୀଙ୍କ ପରଂପରା ଓ ସଂସ୍କୃତି ପ୍ରତି ପଦାଘାତ ।

ଏବେ ଧୀରେ ଧୀରେ ପରଜାମାନଙ୍କର ସଂସ୍କୃତି ବିପନ୍ନ ହେବାରେ ଲାଗିଛି । ତେବେ ସବୁଠୁ ବେଶି ବିପନ୍ନ ହୋଇଛି ପରଜାମାନଙ୍କ ନିଜ ମାତୃଭାଷା । ଆଜି ପ୍ରକୃତ ପରଜା ଭାଷାକୁ ଖୋଜି ପାଇବା କଷ୍ଟକର ହୋଇପଡ଼ିଛି । ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ପରଜାଙ୍କ ମଧ୍ୟରେ ସାଧାରଣତଃ ଭାଷାଗତ ପାର୍ଥକ୍ୟ ଥାଏ; ମାତ୍ର ସେମାନଙ୍କର ଯେଉଁ ଏକ ସାଧାରଣ ପରଜା ଭାଷା ଥିଲା (ପେଙ୍ଗୋ ଭାଷା) ତାହା ଏବେ ବିଲୁପ୍ତପ୍ରାୟ । ବର୍ତ୍ତମାନ ପରିପ୍ରେକ୍ଷୀରେ ପରଜା ଭାଷା, ଓଡ଼ିଆ ଓ କୋରାପୁଟିଆ

ଦେଶିଆ ଭାଷା ଦ୍ୱାରା ଆକ୍ରାନ୍ତ । ପରଜା ଭାଷା ଦିନକୁ ଦିନ ତାର ସତ୍ତା ହଜାଇବାକୁ ବସିଛି । ଭୌଗୋଳିକ ଅବସ୍ଥିତିକୁ ନେଇ ପରଜାମାନଙ୍କ ଭାଷାରେ ଭିନ୍ନତା ପରିଲକ୍ଷିତ ହେଉଛି । କଳାହାଣ୍ଡି ଓ ନବରଙ୍ଗପୁର ସୀମାନ୍ତବର୍ତ୍ତୀ ଅଞ୍ଚଳ (ମୈଦଲପୁର, ପାପଡ଼ାହାଣ୍ଡି, ତେନ୍ତୁଳିଖୁଣ୍ଟି, ଜୟପାଟଣା, କୋକସରା, ଥୁଆମୂଳ ରାମପୁର)ର ପରଜାମାନେ ଏକ ପ୍ରକାର ଭାଷା ବ୍ୟବହାର କରୁଥିବାବେଳେ କୋରାପୁଟ ଜିଲ୍ଲାର ବୈପାରିଗୁଡ଼ା, ଜୟପୁର, କୁନ୍ଦୁରା, ବୋରିଗୁମ୍ମା, ନନ୍ଦପୁର, ଲମତାପୁଯ, ପଟାଙ୍ଗୀ, ସେମିଳିଗୁଡ଼ା ପରଜାମାନଙ୍କ ଭାଷାରେ ଭିନ୍ନତା ଲକ୍ଷ୍ୟ କରାଯାଇପାରେ । ଏହା ବ୍ୟତୀତ ନବରଙ୍ଗପୁର, ନନ୍ଦାହାଣ୍ଡି, କୋଷାଗୁମୁଡ଼ା, ଡାବୁଗାଁ ଅଞ୍ଚଳର ପରଜାମାନଙ୍କ ଭାଷା ଓଡ଼ିଆ ଭାଷାର ନିକଟତମ ଭାଷା ଭଳି ପ୍ରତୀୟମାନ ହୁଏ । ଏମାନେ ମୁଖ୍ୟତଃ ଦେଶିଆ ଭାଷା ବ୍ୟବହାର କରନ୍ତି ।

କଳାହାଣ୍ଡି ଓ ନବରଙ୍ଗପୁର ସୀମାନ୍ତବର୍ତ୍ତୀ ଅଞ୍ଚଳ (ମୈଦଲପୁର, ପାପଡ଼ାହାଣ୍ଡି, ତେନ୍ତୁଳିହାଣ୍ଡି, ଜୟପାଟଣା, କୋକସରା, ଥୁଆମୂଳ ରାମପୁର), ରାୟଗଡ଼ା ଜିଲ୍ଲାର କାଶୀପୁର ଓ କୋରାପୁଟ ଜିଲ୍ଲାର ଦଶମନ୍ତପୁର ଅଞ୍ଚଳର ପରଜାମାନେ ମୁଖ୍ୟତଃ 'ପେଙ୍ଗୋ' ପରଜା ଏବଂ ସେମାନେ 'ପେଙ୍ଗୋ' ଭାଷା ବ୍ୟବହାର କରନ୍ତି । କୋରପୁଟ ଜିଲ୍ଲାର ବୈପାରୀଗୁଡ଼ା. ଜୟପୁର, କୁନ୍ଦୁରା, ବୋରିଗୁମ୍ମା, ନନ୍ଦପୁର, ଲମତାପୁଟ, ପଟାଙ୍ଗୀ, ସେମିଳିଗୁଡ଼ାରେ 'ଝୋଡ଼ିଆ' ପରଜାମାନେ ଦେଖିବାକୁ ମିଳନ୍ତି । ଏମାନେ ପାଖାପାଖି ଓଡ଼ିଆ ଓ ଦେଶିଆ ଭାଷା ବ୍ୟବହାର କରିଥାନ୍ତି । ତେବେ 'ପେଙ୍ଗୋ' ଭାଷା ପରଜାମାନଙ୍କ ଦ୍ୱାରା ବହୁଳ ବ୍ୟବହୃତ । ତେବେ ଏହି ଭାଷାଟି ଆଜି ବିଲୁପ୍ତ ପ୍ରାୟ । ଅବଶ୍ୟ ଗବେଷକ ରଂଜନ ପ୍ରଧାନ ତାଙ୍କ 'ପରଜା ଜୀବନ ଓ ସଂସ୍କୃତି' ପୁସ୍ତକରେ କିଛି ପେଙ୍ଗୋ ଭାଷାକୁ ଉଦ୍ଧାର କରିବାକୁ ପ୍ରୟାସ କରିଛନ୍ତି ।

ଉଦ୍‌ବେଗର ବିଷୟ ହେଉଛି, ପରଜାମାନେ ସେମାନଙ୍କ ନିଜ ଭାଷାକୁ ଭୁଲି ଓଡ଼ିଆ ଭାଷାକୁ ଆପଣେଇ ନେଇଛନ୍ତି । ଓଡ଼ିଆ ଭାଷାକୁ ଆପଣେଇବା କିଛି ମନ୍ଦ ନୁହେଁ, ମାତ୍ର ସେମାନଙ୍କ ନିଜ ଭାଷାକୁ ପାଶୋରି ଯିବା ଚିନ୍ତାଦାୟକ । ଉଦାହରଣସ୍ୱରୂପ ପରଜା ଭାଷା (ପେଙ୍ଗୋ)ରେ ମୟୂରକୁ ମାଲ୍ କୁହାଯାଉଥିବା ବେଳେ ହେଟାବାଘକୁ ବେଣ୍ଣ, କୁକୁଡ଼ାକୁ କୁଜୁ, ଭାତକୁ ଲାଏ, ଡାଲି, ତର୍କାରୀକୁ କୁଚା, କଙ୍କଡ଼ାକୁ କୁପିଙ୍ଗ୍, କୁକୁରକୁ ନିକୁଡ୍, ମାଂସକୁ ଜେଇ, ମାଛକୁ ମୀନ୍‌କୁ ଆଦି କହନ୍ତି । ପରଜା ଓ କନ୍ଧମାନଙ୍କ ଭାଷା ମଧ୍ୟରେ ଅନେକ ସାମଞ୍ଜସ୍ୟ ପରିଲକ୍ଷିତ ହୋଇଥାଏ । ଏହି ଦୁଇ ଭାଷା ଦ୍ରାବିଡ଼ ଭାଷାଶ୍ରେଣୀ ଅନ୍ତର୍ଭୁକ୍ତ । ବର୍ତ୍ତମାନ ପରଜାମାନେ ଭାତକୁ ଭାତ, ତର୍କାରୀକୁ ତର୍କାରୀ, ମାଂସକୁ ମାଂସ, ମାଛକୁ ମାଛ, କୁକୁଡ଼ାକୁ କୁକୁଡ଼ା ଏବଂ କୁକୁରକୁ କୁକୁର କହୁଛନ୍ତି; ଯାହାକି ମୂଳତଃ ଓଡ଼ିଆ ଭାଷା ।

ସାଧାରଣତଃ ପରଜା (ପେଙ୍ଗୋ ପରଜା ଓ କନ୍ଧ ପରଜା) ଓ କନ୍ଧ ଭାଷା ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି । 'ପରଜାମାନେ କନ୍ଧମାନଙ୍କର ଉତ୍ତରପୀଢ଼ି' ବୋଲି ଆର୍.ସି.ଏସ୍. ବେଲ୍ ମଧ୍ୟ ଉଲ୍ଲେଖ କରିଛନ୍ତି । ତେବେ ବର୍ତ୍ତମାନ ପରଜାମାନେ କ୍ରମେ ତାଙ୍କର ଏହି ନିଜ ଭାଷାକୁ ଭୁଲିବାକୁ ଆରମ୍ଭ କଲେଣି । ସେମାନେ ପ୍ରାୟତଃ ଓଡ଼ିଆ ଓ କୋରାପୁଟିଆ ଦେଶିଆ ଭାଷାରେ ଏବେ କଥାବାର୍ତ୍ତା କରିବାକୁ ପସନ୍ଦ କରୁଛନ୍ତି ।

ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ପାପଡ଼ାହାଣ୍ଡି ବ୍ଲକ୍‌ର ପଣ୍ଡିକୋଟ, ରଜାମାଟି, ମିରିଗୁଡ଼ା, କୋଷାଗୁମୁଡ଼ନ୍, ବ୍ଲକର ମିଚିଆ, ହଳଦିଗୁଣ୍ଡି, ମାଲେକୋଟ ଓ କୋରାପୁଟ ଜିଲ୍ଲା ଅନ୍ତର୍ଗତ ବୋରିଗୁମ୍ମା ବ୍ଲକ୍‌ର ଟେଙ୍କର, ମୁଦୁଲିଗୁଡ଼ା, ଇନ୍ଦରପୁର, ଗୁରୁମାଇଗୁଡ଼ା, ଜୟପୁର ବ୍ଲକ୍‌ର ହରଡ଼ାପୁଟ, ମଜୁରାଗୁଡ଼ା ଆଦି ପରଜା ଗାଁରେ କିଛି ଦିନ କାମ କରିବା ପରେ ମୋର ଅନ୍ୟ ଏକ ଅନୁଭୂତି ଜାତ ହୋଇଛି । ମୁଁ ପରଜାମାନଙ୍କ ଅସ୍ତ୍ରଶସ୍ତ୍ର ଓ ଶିକାର ଜୀବନ ସମ୍ପର୍କରେ ଜାଣିବାକୁ ଚାହିଁଥିଲି, ମାତ୍ର ଲାଭ କରିଥିଲି ଏକ ନୂଆ ଅନୁଭୂତି । ଆଜି ପରଜାଟି ପାଖରେ ତା'ର ପରାପଂରିକ ଅସ୍ତ୍ରଶସ୍ତ୍ର ନାହିଁ କହିଲେ ଚଳେ । ପାପଡାହାଣ୍ଡି ବ୍ଲକ୍‌ର ମିରିଗୁଡ଼ା ଗାଁର ପରଜା ପୁଷୁ ଯାନୀ ବହୁ କଷ୍ଟରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଏକ ଧନୁଶରକୁ ଆଣି ମୋତେ ଦେଖେଇଥିଲେ । ସେଦିନ ସେ ମୋ ଉଦ୍ଦେଶ୍ୟରେ କହିଥିବା ତା'ର ଉକ୍ତିକୁ ମୁଁ ଉଦ୍ଧାର କରୁଛି, "ବାବୁ, ଜଙ୍ଗଲ କାହିଁ ଯେ, ଶିକାର କରିବୁ"। ଦିନକ ଦିନ ଜଙ୍ଗଲ ଲୋପ ପାଇ ଯାଉଥିବାରୁ ତା' ସହିତ ଲୋପ ପାଇଯାଉଛି ପରଜାମାନଙ୍କର ଶିକାର ସଂସ୍କୃତି ଏବଂ ତତ୍‌ସମ୍ପର୍କିତ ଉତ୍ସବ ଓ ପର୍ବପର୍ବାଣୀ ।

ତେବେ ତାଙ୍କର ସଂସ୍କୃତିକୁ ବଞ୍ଚେଇ ରଖିବାକୁ ହେଲେ, ସେମାନଙ୍କ ପାଇଁ କ'ଣ ନୂଆ ଜଙ୍ଗଲ ସୃଷ୍ଟି କରାଯାଇପାରିବ ? ସେମାନେ ପୂଜା କରିବା ପାଇଁ ଜଙ୍ଗଲରେ 'ବାଘ ଦେବତା'ଙ୍କୁ କୃତ୍ରିମ ପ୍ରଜନନ ମାଧ୍ୟମରେ ଉତ୍ପନ୍ନ କରାଯାଇପାରିବ ? ସେମାନଙ୍କ ଡଙ୍ଗର ଦେବତାଙ୍କୁ ପଥର ମାଫିଆଙ୍କୁ ଡିନାମାଇଟ୍ କବଳରୁ ଉଦ୍ଧାର କରାଯାଇପାରିବ ? ବହୁ ଅସମାହିତ ପ୍ରଶ୍ନ ଆମ ମନରେ ଉଠିବା ସାଭାବିକ ।

ସେମାନଙ୍କର ପାରମ୍ପରିକ ମାଣ୍ଡିଆ ପ୍ରସ୍ତୁତ 'ଲନ୍ଦା' ଓ ଚାଉଳ ପ୍ରସ୍ତୁତ 'ପେଣ୍ଡମ୍' ପ୍ରକୃତରେ ଆଜିର ଅପମିଶ୍ରିତ ଇଥାଇଲ୍ ଆଲକୋହଲ୍ ଠାରୁ କ'ଣ ଯଥେଷ୍ଟ ନିରାପଦ ନୁହେଁ ? ଆଜି ସହଜରେ ଓ ଅତି ଶୀଘ୍ର ମଦ ରାନ୍ଧିବା ପାଇଁ ସଭ୍ୟ ମଣିଷ ୟୁରିଆ ଭଳି ରାସାୟନିକ ସାର, ବ୍ୟାଟେରୀଗୁଣ୍ଡ ଓ ନାନା ପ୍ରକାର ବିଷାକ୍ତ ଦ୍ରବ୍ୟ ମିଶାଇବାକୁ ଆଦିବାସୀଙ୍କୁ ଶିକ୍ଷା ଦେଉଛି । ଏମାନଙ୍କ ପ୍ରଭାବରେ ଆସି, ଆଜି ଆଦିବାସୀମାନେ 'ପେଣ୍ଡମ୍'ରେ ବିଭିନ୍ନ ପ୍ରକାର ଔଷଧ ଓ ରାସାୟନିକ ଦ୍ରବ୍ୟ ମଧ୍ୟ ମିଶେଇଲେଣି, ଯାହାକି ବିପଦଜନକ ।

ତେବେ ଖାଲି ଯେ, ପରଜା ସମାଜର ଅବକ୍ଷୟ ଘଟିଛି, ତାହା ନୁହେଁ, ବହୁ କ୍ଷେତ୍ରରେ ପରଜାମାନେ ସମୃଦ୍ଧ ହୋଇ ପାରିଛନ୍ତି । ଅନେକ ପରଜା ଯୁବକ ଉଚ୍ଚ ଶିକ୍ଷାଲାଭ କରି ଆଜି ପ୍ରତିଷ୍ଠା ଅର୍ଜନ କରିବାରେ ସଫଳ ହୋଇ ପାରିଛନ୍ତି । ଏହା ମୋତେ ବିଶେଷ ଉତ୍ସାହିତ କରିଛି । ଲକ୍ଷ୍ମୀପୁର ବ୍ଲକ୍‌ର ପରଜା ଯୁବକ ଡାକ୍ତର ଈଶ୍ୱର ଚନ୍ଦ୍ର ମୁଦୁଲି ଆଜି ରାଜ୍ୟର ଜଣେ ଖ୍ୟାତାନାମା ବିଶେଷଜ୍ଞ ଡାକ୍ତର ଭାବେ ତାଙ୍କର ସତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । କଳାହାଣ୍ଡି ଜିଲ୍ଲାର କୋକସରା ବ୍ଲକ୍ କରସୁଲି ଗାଁର ପରଜା, ପୁରନ୍ଦର ପୂଜାରୀ ଓଡ଼ିଶା ପ୍ରାଶାସନିକ ସେବା (O.A.S.) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଆଜି ଜଣେ ଉଚ୍ଚ ପଦାଧିକାରୀ ଭାବେ ଅଭିଷିକ୍ତ ହୋଇ ସାରିଛନ୍ତି । ଶ୍ରୀ ପୂଜାରୀ ପୂର୍ବରୁ କୋରାପୁଟରେ ଆଞ୍ଚଳିକ ପରିବହନ ଅଧିକାରୀ ଥିଲେ ଏବଂ ବର୍ତ୍ତମାନ କଳାହାଣ୍ଡି ଜିଲ୍ଲାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟ ତୁଲାଉଛନ୍ତି । ସେହିପରି ମାଲ୍‌କାନ୍‌ଗିରି ଜିଲ୍ଲାର ଗୋବିନ୍ଦପାଲି ବ୍ଲକ୍‌ର ପରଜା ଯୁବକ ପ୍ରମୋଦ ଖରା ମଧ୍ୟ ଡାକ୍ତର (ଏମ୍‌ବିବିଏସ୍)

ଭାବେ ବେଶ୍ ଜଣାଶୁଣା ହୋଇ ସାରିଲେଣି । ଦାମନଯୋଡ଼ିର ପରଜା ଡାକ୍ତର ଉଦୟ ନାଥ ଖରା ପଶୁ ଡାକ୍ତର ଭାବେ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି । ଏହା ବ୍ୟତୀତ ଡାକ୍ତର ଈଶ୍ୱର ମୁଦୁଲିଙ୍କ ଭାଇ ଜଣେ ପ୍ରାଧ୍ୟାପକ ଭାବେ ସୁନାମ ଅର୍ଜନ କରିଥିବାବେଳେ ବହୁ ପରଜା ଯୁବକ ଏବେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିଲେଣି । ପରଜା ସମାଜ ପାଇଁ ଏହା ଏକ ଶୁଭ ସୂଚନା । ରାଜନୀତିରେ ପରଜାମାନେ ଯେ, ପଛରେ ପଡି ନାହାନ୍ତି, ତାହାର ଏକ ଜ୍ୱଳନ୍ତ ଉଦାହରଣ ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ମାନିଗାଁର ପରଜା ବୃଦ୍ଧ ମୁଦି ନାୟକ । ଜିଲ୍ଲାର ପ୍ରଥମ ଆଦିବାସୀ ବିଧାୟକ ଭାବେ ସେ ଏକ ଇତିହାସ ସୃଷ୍ଟି କରିପାରିଛନ୍ତି । ଯେତେବେଳେ କୌଣସି ଆଦିବାସୀ ରାଜନୀତିକୁ ଆସି ନଥିଲେ, ସେତେବେଳେ ଜଣେ ପରଜା ହୋଇପାରିଥିଲା ଜିଲ୍ଲାର ପ୍ରଥମ ଆଦିବାସୀ ବିଧାୟକ ।

ତେବେ ପରଜାମାନଙ୍କୁ ଏକତ୍ରିତ ଓ ଶୃଙ୍ଖଳିତ କରିବା ପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲାରେ 'ପରଜା ସମାଜ ବିକାଶ ପରିଷଦ' ନାମରେ ଏକ ସଂଗଠନ ଗଢ଼ାଯାଇଛି । ଏହା ଅତ୍ୟନ୍ତ ଉତ୍ସାହପ୍ରଦ ଖବର । ଏହି ସମାଜ ଏବେ ପରଜାମାନଙ୍କ ସଂସ୍କୃତି ଓ ପରମ୍ପରାର ପୁନରୁଦ୍ଧାର ପାଇଁ ଆଗେଇ ଆସିଛି । ସମାଜରୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବା ଏବଂ ପରଜାମାନଙ୍କ ଆର୍ଥିକ ତଥା ସାମାଜିକ ବିକାଶ ଦିଗରେ ପଦକ୍ଷେପ ଉଦ୍ଦେଶ୍ୟରେ ଏହି ସମାଜ କାର୍ଯ୍ୟରତ ।

# ଆଦିବାସୀ ଚିତ୍ରକଳାର ମହାତ୍ମ୍ୟ

ଅଞ୍ଜନା କୋଦମାସିଂହ
ଗବେଷିକା, ନୃତତ୍ତ୍ୱ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ

ଓଡ଼ିଶା ଏକ ଆଦିବାସୀ ବହୁଳ ରାଜ୍ୟ । ଏଠାରେ ସମ୍ବିଧାନ ସ୍ୱୀକୃତ ୬୨ ପ୍ରକାରର ଆଦିବାସୀ ବିଭିନ୍ନ ଜିଲ୍ଲାରେ ବସବାସ କରୁଛନ୍ତି । ଏହି ଆଦିବାସୀମାନେ ସେମାନଙ୍କର ସଂସ୍କୃତି, ଭାଷା, କଳା, କଳାବସ୍ତୁ, ଧର୍ମ, ଜୀବନଶୈଳୀ ଇତ୍ୟାଦିରେ ନିଜ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛନ୍ତି ।

ଆର୍ଯ୍ୟ ଆଗମନର ବହୁ ପୂର୍ବରୁ ଆଦିବାସୀମାନେ ଭାରତରେ ବସବାସ କରୁଥିବାର ଜଣାପଡ଼େ । ପ୍ରକୃତିର ମୁକ୍ତ ଆବହାୱାରେ ବଢ଼ି, ଘନ ଅରଣ୍ୟ ଓ ଦୁର୍ଗମ ପାହାଡ଼ ଗୁମ୍ଫାକୁ ଆଶ୍ରୟସ୍ଥଳୀ କରି, ସେମାନେ ନିଜ ଜୀବନକୁ ସରସ ସୁନ୍ଦର କରି ଚଳୁଥିଲେ । ଖାଦ୍ୟ, ବାସସ୍ଥାନ ଓ ନିଜର ସୁରକ୍ଷାର ଆବଶ୍ୟକତାକୁ ନେଇ ସେମାନେ ପ୍ରଥମେ ସମାଜ ଗଢ଼ିଲେ । ସମାଜ ମଧ୍ୟରେ ରହି ଜୀବନକୁ ସରସ ସୁନ୍ଦର କରିବା ପାଇଁ ବିବିଧ ଉପାଦାନମାନ ବିକଶିତ କଲେ । କଳାକୌଶଳ ଏଇଠୁ ସୃଷ୍ଟି ହେଲା । ଏହି କଳାକୌଶଳ ଭାବ ସେମାନଙ୍କ ଚିତ୍ରକଳାକୁ ମହିମାମଣ୍ଡିତ କଲା । ଚିତ୍ରକଳା ଆଦିବାସୀ ସଂସ୍କୃତି ସହିତ ଓତଃପ୍ରୋତଃ ଭାବରେ ଜଡ଼ିତ ହେଲା । ସେମାନଙ୍କର ଦୈନନ୍ଦିନ ଜୀବନରେ ବ୍ୟବହାର୍ଯ୍ୟ ଉପକରଣ, ଗୃହନିର୍ମାଣ, ଧର୍ମପାଳନ ସହିତ ସମନ୍ୱିତ ହେଲା ଏବଂ ଯୁଗକୁଯୁଗ ଗଡ଼ି ଚାଲିଲା । ଚିତ୍ରଗୁଡ଼ିକୁ ଆକର୍ଷିତ କରିବା ପାଇଁ ସେମାନଙ୍କର ପ୍ରାକୃତିକ ପରିବେଷ୍ଟନୀରୁ ବିବିଧ ପ୍ରକାରର ରଙ୍ଗ ସଂଗ୍ରହ କରି ସୌନ୍ଦର୍ଯ୍ୟ ବିମଣ୍ଡିତ କଲେ । ଚିତ୍ରକଳା ମଧ୍ୟରେ ବିଭିନ୍ନ ପ୍ରକାରର ପ୍ରାକୃତିକ ଦୃଶ୍ୟ ଯଥା - ନଦୀ, ନାଳ, ଝରଣା, ପାହାଡ଼, ପର୍ବତ ବିଭିନ୍ନ ପ୍ରକାର ପଶୁପକ୍ଷୀ ଯଥା - ମଇଁଷି, ଛେଳି, ମୟୂରପେଣା, ବାଘ, ଚଢ଼େଇ ଏହା ବ୍ୟତୀତ ମଣିଷ ଶିକାର କରୁଥିବାର ଦୃଶ୍ୟ, ଯୁଦ୍ଧ ଦୃଶ୍ୟ ସ୍ଥାନ ପାଇଲା । ଜୀବନ ଚକ୍ରରେ ସଂଘଟିତ ବିବିଧ କ୍ରିୟାକଳାପ ଏଥିରେ ସ୍ଥାନିତ ହେଲା । ଆୟତାକାର, ବର୍ଗାକାର ଓ ବୃତ୍ତାକାର ତଥା ତ୍ରିଭୁଜାକୃତି ଚିତ୍ରଗୁଡ଼ିକ ଶୋଭିତ ହେଲା ।

ଏହିସବୁ ଚିତ୍ରକଳା ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାର ଚେଙ୍ଗପାହାଡ଼, ଗର୍ଜନ ପାହାଡ଼, ଧନୁରାବିଂଶ, ଜମକାଳି ଓ ଉଷା କୋଠିରେ; ଝାରସୁଗୁଡ଼ା ଜିଲ୍ଲାର ଲୋପ୍ ଓ ବିକ୍ରମଖୋଲ, ସମ୍ବଲପୁର ଜିଲ୍ଲାର ଲାଣ୍ଡିମାଳ, ସୋନପୁର ଜିଲ୍ଲାର ପୁଜା ଡୁଙ୍ଗୁରୀ, ନୂଆପଡ଼ା ଜିଲ୍ଲାର ଯୋଗୀମଠ ଓ କଳାହାଣ୍ଡି ଜିଲ୍ଲାର ଗୁଡ଼ହାଣ୍ଡିରେ ଦେଖିବାକୁ ମିଳିଥାଏ । ଏହିସବୁ ପର୍ବତ ଗୁମ୍ଫାଗୁଡ଼ିକ ଆଦିବାସୀମାନଙ୍କର ପାରଂପରିକ ଚିତ୍ରକଳାର ମୂକସାକ୍ଷୀ ରୂପେ ଆଜି ବି ଦଣ୍ଡାୟମାନ ।

ସଭ୍ୟତାର କ୍ରମ ବିକାଶ ଘଟିଛି । ତତ୍‌ସହ ମାନସିକତାରେ ପରିବର୍ତ୍ତନ ଆସିଛି । ଚିତ୍ରକଳା ଏହି ପରିବର୍ତ୍ତନର ସାମ୍‌ନା କରିଥିଲେ ମଧ୍ୟ ଆଜିବି ଉଦ୍‌ଜୀବିତ ରହିପାରିଛି । ଅଧିକାଂଶ ଆଦିବାସୀ ଗୋଷ୍ଠୀ ନିଜ ନିଜର ଚିତ୍ରକଳାର ସ୍ୱାତନ୍ତ୍ର୍ୟ ବଜାୟ ରଖିଛନ୍ତି । ଚିତ୍ରକଳା ଶିକ୍ଷା ପାଇଁ ସେମାନେ କୌଣସି ଆନୁଷ୍ଠାନିକ ତାଲିମ୍ ପାଇନାହାନ୍ତି । ଦେଖି ଶିଖି ଅନୁଭବ ଓ ଅନୁଭୂତିରୁ, ସମାଜର ଅଭିଜ୍ଞ ବ୍ୟକ୍ତିମାନଙ୍କଠାରୁ ଏହି କଳା ଅଭ୍ୟାସ ଲାଭ କରିଥାନ୍ତି । ପ୍ରାୟତଃ ଚିତ୍ରକଳା ଗୁଡ଼ିକ ସେମାନଙ୍କର ଘର କାନ୍ଥରେ ଚିତ୍ରିତ ହୋଇଥାଏ । ଚିତ୍ର ଆଙ୍କିବା ପାଇଁ ଚାଉଳ ପିଠଉ ଓ ବିଭିନ୍ନ ପ୍ରକାରର ରଙ୍ଗମାଟି ବ୍ୟବହାର କରାଯାଇଥାଏ । ଚିତ୍ରଗୁଡ଼ିକ ବିଭିନ୍ନ ପରିସ୍ଥିତି, ପ୍ରସଙ୍ଗ ଓ ଆବଶ୍ୟକତାକୁ ନେଇ କରାଯାଇଥାଏ । ଓଡ଼ିଶାରେ ପ୍ରାୟ ଅଧିକାଂଶ ଆଦିବାସୀମାନଙ୍କର କିଛି ନା କିଛି ସ୍ୱତନ୍ତ୍ର ଚିତ୍ରକଳା ରହିଛି । ମାତ୍ର ଏଥିମଧ୍ୟରୁ ଲାଞ୍ଜିଆ ସଉରା, ସାନ୍ତାଳ, କନ୍ଧ, କୁଟିଆ କନ୍ଧ, ପାଉଡ଼ି ଭୂୟାଁ, ଜୁଆଙ୍ଗ ସଂପ୍ରଦାୟର ଚିତ୍ରକଳା ସୁଦୃଶ୍ୟ । ଚିତ୍ରକଳାର ଭୂୟୋବିକାଶ ନେଇ ଅନେକ ଜନଶ୍ରୁତି ରହିଥିଲେ ମଧ୍ୟ ସେମାନଙ୍କ ଚିତ୍ରକଳା ସଂପର୍କରେ ସଂକ୍ଷିପ୍ତରେ ଉଲ୍ଲେଖ କରାଯାଇଛି ।

**ଲାଞ୍ଜିଆ ସଉରା ଚିତ୍ରକଳା : ଇଡିତାଲ୍**

ଲାଞ୍ଜିଆ ସଉରା, ସଉରା ଜନଜାତିର ଏକ ପ୍ରାଚୀନତମ ଉପଗୋଷ୍ଠୀ । ଏମାନେ ଓଡ଼ିଶାର ଗଜପତି ଜିଲ୍ଲାର ଗୁମ୍ମା ଅଞ୍ଚଳରେ, ରାୟଗଡ଼ା ଜିଲ୍ଲାର ଗୁଣପୁର ବ୍ଲକ ଅଞ୍ଚଳରେ ବସବାସ କରନ୍ତି । ଚିତ୍ରକଳା ପାଇଁ ସେମାନଙ୍କର ପ୍ରସିଦ୍ଧି ରହିଛି । ସେମାନଙ୍କ ଚିତ୍ରକଳା ଧାର୍ମିକ ଓ ଜଡ଼ଚେତନା ଉପରେ ଆଧାରିତ । ଏହି ଚିତ୍ରକଳା ଆଜି ପର୍ଯ୍ୟନ୍ତ ବି ରହସ୍ୟମୟ । ସେମାନେ ମୁଖ୍ୟତଃ ଘରର ଭିତର କାନ୍ଥରେ ଚିତ୍ର ଅଙ୍କନ କରିଥାନ୍ତି । ଏହି କାନ୍ଥ ଚିତ୍ରକୁ ସେମାନଙ୍କର ଲୌକିକ ଭାଷାରେ ଇଡିତାଲ୍ କୁହାଯାଇଥାଏ । ସଉରା ଭାଷାରେ "ଇଡ଼"ର ଅର୍ଥ ଚିତ୍ର ଓ "ତାଲ୍"ର ଅର୍ଥ କାନ୍ଥ । ପ୍ରାୟତଃ ବାଷଠି ପ୍ରକାରର ଇଡିତାଲ୍ ସେମାନେ ବିଭିନ୍ନ ଆବଶ୍ୟକତାକୁ ନେଇ ଭିନ୍ନ ଭିନ୍ନ ସମୟରେ ଅଙ୍କନ କରାଇଥାନ୍ତି ଯଥା :-

* କୃଷିର ଉନ୍ନତି ନିମନ୍ତେ ଚିତ୍ର
* ଜନ୍ମିତ ଶିଶୁର ରକ୍ଷାଣବେକ୍ଷଣ ନିମନ୍ତେ ଚିତ୍ର
* ରୋଗ ନିରାକରଣ ପାଇଁ ନିବେଦିତ ଚିତ୍ର
* ପୋଡୁଚାଷ ରକ୍ଷା ଉଦ୍ଦେଶ୍ୟରେ ଚିତ୍ର
* ବିପଦ ଆପଦ ପାଇଁ ରକ୍ଷାକର୍ତ୍ତାଙ୍କ ଉଦ୍ଦେଶ୍ୟରେ ଚିତ୍ର
* ସର୍ବଶାନ୍ତି ପାଇଁ ଚିତ୍ର

ପରିବାରର ବିଭିନ୍ନ ଆବଶ୍ୟକତାକୁ ନେଇ ଏହି ଚିତ୍ର ଅଙ୍କନ କରିବା ପାଇଁ ଇଡ଼ିତାଲ୍‌ମାର୍ (ଚିତ୍ରକାର)ଙ୍କୁ ଆମନ୍ତ୍ରଣ କରାଯାଇଥାଏ । ଚିତ୍ର ଅଙ୍କନ କରିବା ପୂର୍ବରୁ କାନ୍ଥଟିକୁ ଲିପାପୋଛା କରି ପରିଷ୍କାର ରଖାଯାଇଥାଏ । ଚିତ୍ରଟି ଘରର ଶୟନ ପ୍ରକୋଷ୍ଠରେ ବା ଗୃହର ପ୍ରବେଶ ପଥ ସାମ୍ନାରେ କିମ୍ବା ହାଣ୍ଡିଶାଳ

କାନ୍ଥରେ ଅଙ୍କନ କରାଯାଇଥାଏ । ଚାଉଳ ଚୂନା ପାଣିରେ ଏହିସବୁ ଚିତ୍ର ଅଙ୍କନ କରାଯାଇଥାଏ । ଏହା ବ୍ୟତୀତ ସେମାନେ ଖଣିଜ ମାଟିରୁ ପ୍ରସ୍ତୁତ ନାଲି ରଙ୍ଗ, ଅଙ୍ଗାରରୁ ପ୍ରସ୍ତୁତ କଳାରଙ୍ଗ ମଧ୍ୟ ବ୍ୟବହାର କରିଥାନ୍ତି । ବର୍ତ୍ତମାନ ଆଧୁନିକ ସଭ୍ୟତାର ସଂସ୍ପର୍ଶରେ ଆସି ସେମାନେ ବଜାରରୁ ନୀଳ ପାଉଡର, ସିନ୍ଦୂର ଇତ୍ୟାଦି କିଣି ଚିତ୍ରରେ ବ୍ୟବହାର କରୁଛନ୍ତି । ଚିତ୍ର ଅଙ୍କନ କରିବା ପାଇଁ ଇଡ଼ିତାଲମାର୍ ସାଧାରଣତଃ ଖଜୁରି କାଠି, ବାଉଁଶ କାଠି ଓ କିଆପଟର ଅଗ୍ର ଭାଗକୁ ଛେଦନ କରି ବ୍ରସ ପରି ବ୍ୟବହାର କରିଥାଏ । ଇଡ଼ିତାଲ୍‌ମାର୍ (ଚିତ୍ରକାର) ଚିତ୍ରକରିସାରିବା ପରେ କୁଡ଼ାନ୍‌ବୋଇ ବା କୁଡ଼ାନ୍‌ମାର୍ (ଯେଉଁମାନେ ତାନ୍ତ୍ରିକ ବିଦ୍ୟା ଦ୍ୱାରା ରୋଗ ଭଲ କରିପାରନ୍ତି) ସେହି ଚିତ୍ରଟିକୁ ସଂଶୋଧିତ କରିଥାନ୍ତି ।

ଏହି ଚିତ୍ରରେ ପୃଥିବୀର ସମସ୍ତ ଜଡ଼ ଓ ଚେତନଶକ୍ତିକୁ ସ୍ଥାନ ଦିଆହୋଇଥାଏ । ଚିତ୍ରଗୁଡ଼ିକରେ ସାଧାରଣତଃ ବିଭିନ୍ନ ସାଙ୍କେତିକ ଚିହ୍ନ ବା ମୋଟିଫ୍ ରହିଥାଏ ଓ ତାହା ଭିନ୍ନ ଭିନ୍ନ ଅର୍ଥକୁ ବୁଝାଇଥାଏ । ଏହି ସଙ୍କେତ ସବୁ ଗୋଟିଏ ଗୋଟିଏ ଅକ୍ଷର ସଦୃଶ ଏବଂ ଏହିପରି କିଛି ଅକ୍ଷର ସମଷ୍ଟିରେ ଏହା ଏକ ସଂପୂର୍ଣ୍ଣ ଅର୍ଥ ବ୍ୟକ୍ତ ହୋଇଥାଏ । ଚିତ୍ରଗୁଡ଼ିକୁ ସାଧାରଣତଃ ଆୟତାକାର, ବର୍ଗାକାର ଓ ଗୋଲାକାର ବିଶିଷ୍ଟ କୋଠରି ମଧ୍ୟରେ ଆବଦ୍ଧ କରି ରଖାଯାଇଥାଏ । ସେମାନଙ୍କର ବିଶ୍ୱାସ ଯେ ସେମାନଙ୍କର ପୂର୍ବପୁରୁଷଙ୍କର ଆତ୍ମା ଏହି ଚିତ୍ର କୋଠରି ମଧ୍ୟରେ ବାସ କଲେ ଶାନ୍ତି ପାଇବେ । ଏହି ଚିତ୍ରରେ ବିଭିନ୍ନ ଦେବଦେବୀଙ୍କୁ ସ୍ଥାନ ଦିଆଯାଇଥାଏ । ପ୍ରତ୍ୟକ୍ଷ ଭାବରେ ଦେବଦେବୀଙ୍କ ସାଦୃଶ୍ୟ ରୂପ ନଥାଏ । ଚିତ୍ରରେ ବିଭିନ୍ନ ପ୍ରକାରର ପଶୁପକ୍ଷୀଙ୍କ ଚିତ୍ର ଯଥା - ହାତୀ, ଘୋଡ଼ା, ହରିଣ, ମୟୁର ଦେଖିବାକୁ ମିଳିଥାଏ । କାରଣ ସେମାନଙ୍କର ଧାରଣା ବିଭିନ୍ନ ପ୍ରକାରର ଦେବଦେବୀ ଏହିସବୁ ପଶୁପକ୍ଷୀ ଆରୋହଣ କରି ଆସିବେ । ବର୍ତ୍ତମାନ ସେମାନେ ବିବିଧ ଚିତ୍ର ଯଥା, ମୋଟର ସାଇକେଲ, ବସ୍, କାର୍ ଏପରିକି ଉଡ଼ାଜାହାଜ ମଧ୍ୟ ଚିତ୍ରରେ ଅଙ୍କାଇଛନ୍ତି କାରଣ ଏଥିରେ ମଧ୍ୟ ସେମାନଙ୍କର ପୂର୍ବପୁରୁଷଙ୍କ ଆତ୍ମା ଓ ଦେବଦେବୀ ମଧ୍ୟ ଆରୋହଣ କରି ଆସିଥାଆନ୍ତି । ଏହିପରି ଲାଞ୍ଜିଆ ସଉରା ସମାଜ ଏପରି ଏକ ଚିତ୍ର ପ୍ରସ୍ତୁତ କରେ ଯେଉଁଥିରେ କି ସେ ସମସ୍ତ ଶକ୍ତିକୁ ଆବାହାନ କରିଥାଏ ଓ ଘରର ମଙ୍ଗଳ ନିମନ୍ତେ ପୂଜା କରି ଏହି ଚିତ୍ର ସମ୍ମୁଖରେ (ଛୋଟ ଛୋଟ ପଶୁପକ୍ଷୀର) ବଳି ଉତ୍ସବ କରିଥାଏ ।

ଇଡିତାଲ୍ ପ୍ରତି ସେମାନଙ୍କର ଭକ୍ତି ଓ ବିଶ୍ୱାସ ଅତୁଟ । ସେମାନଙ୍କର ବିଶ୍ୱାସ ଯେ ଏହି ଚିତ୍ରଗୁଡ଼ିକ ମଙ୍ଗଳକାରକ । ସେମାନଙ୍କର ଗୃହରେ ଏହି ଚିତ୍ର ଇଷ୍ଟଦେବ ରୂପେ ପୂଜିତ । ଏହି ଚିତ୍ରର ମହାନତା ଉପଲବ୍ଧି କରି ତାହାକୁ ଘର ଭିତରେ ସାଇତି ରଖିବା ଏକ ସୁପ୍ରାଚୀନ ପରମ୍ପରା ।

**କନ୍ଧ ଚିତ୍ରକଳା - ମାଞ୍ଜିଗୁଣ୍ଡା**

ଓଡ଼ିଶାରେ ବସବାସ କରୁଥିବା ଆଦିବାସୀମାନଙ୍କ ମଧ୍ୟରେ କନ୍ଧ ସଂଖ୍ୟା ସର୍ବାଧିକ । ଏମାନେ ମୁଖ୍ୟତଃ ଅବିଭକ୍ତ ଫୁଲବାଣୀ, କୋରାପୁଟ, ଗଂଜାମ, କଳାହାଣ୍ଡି, ସମ୍ବଲପୁର ଓ ଢେଙ୍କାନାଳ ଜିଲ୍ଲାଗୁଡ଼ିକରେ ବସବାସ କରିଥାନ୍ତି । ସେମାନଙ୍କର ସ୍ଥାନୀୟ ଭାଷାରେ କାନ୍ଥରେ ଅଙ୍କନ କରାଯାଉଥିବା ଚିତ୍ରକଳାକୁ 'ମାଞ୍ଜିଗୁଣ୍ଡା' କୁହାଯାଏ ।

ଘରର ବାହାର କାନ୍ଥରେ ଅଙ୍କିତ ଚିତ୍ର ଘରର ସୌନ୍ଦର୍ଯ୍ୟବର୍ଦ୍ଧନ ପାଇଁ ଉଦ୍ଦିଷ୍ଟ । ମାତ୍ର ଘର ଭିତର କାନ୍ଥରେ ହୋଇଥିବା ଚିତ୍ରକଳା ସେମାନଙ୍କର ରକ୍ଷଣଶୀଳତା ଓ ପାରମ୍ପରିକ ବିଶ୍ୱାସର ପାତ୍ର । ଏମାନେ ନିଜେ ଚାଉଳ ଚୂନାରେ ପିଠଉ କରି ଚିତ୍ର କରିଥାନ୍ତି ଏବଂ ଚିତ୍ରକୁ ସୌନ୍ଦର୍ଯ୍ୟବର୍ଦ୍ଧନ କରିବା ପାଇଁ ପାହାଡ଼ରୁ ମିଳୁଥିବା ଢାଉ ପଥରରୁ ନାଲି ରଙ୍ଗ ତିଆରି କରି ବ୍ୟବହାର କରିଥାନ୍ତି । ଏହା ବ୍ୟତୀତ ସେମାନେ ବଜାରରୁ ମିଳୁଥିବା ବିଭିନ୍ନ ପ୍ରକାରର ଗୁଣ୍ଡ ରଙ୍ଗ କିଣି ସେଥିରେ ଜଡ଼ା ତେଲ ମିଶାଇ ଚିତ୍ରରେ ବ୍ୟବହାର କରୁଛନ୍ତି । ଚିତ୍ର କରିବାପାଇଁ ସେମାନେ ତନ୍ତୁ ମୁକ୍ତ ଖଜୁରୀ କାଠି, ବାଉଁଶ କାଠି ଓ କିଆପଟର ଅଗ୍ରଭାଗକୁ ଛେଦନ କରି ଛୋଟ ବ୍ରସ ପରି ବ୍ୟବହାର କରିଥାନ୍ତି । ବିଭିନ୍ନ ପର୍ବପର୍ବାଣିରେ କାନ୍ଥରେ ଚିତ୍ର କରିବା ଏମାନଙ୍କର ପରଂପରା ବିଧି । ସେମାନେ ପାଳୁଥିବା ବିଭିନ୍ନ ପର୍ବପର୍ବାଣୀ ଯଥା - ମେରିଆ ପର୍ବ, ଘଣ୍ଟ ପର୍ବ, କେତୁ ପର୍ବ ଅବସରରେ କାନ୍ଥରେ ଚିତ୍ର ଅଙ୍କନ କରିଥାନ୍ତି ।

ବାହାର କାନ୍ଥରେ ଅଙ୍କିତ ଚିତ୍ର ସାଧାରଣତଃ ତ୍ରିଭୁଜ ପରି । ଲମ୍ବ ଭାବରେ ଧାଡ଼ି ଧାଡ଼ି ହୋଇ ଏକ ରେଖା ଉପରେ ତ୍ରିଭୁଜଗୁଡ଼ିକ ଅଙ୍କା ହୋଇଥାଏ । ଏହି ତ୍ରିଭୁଜଗୁଡ଼ିକ ସେମାନଙ୍କର ସଂକେତ ରୂପେ ବ୍ୟବହୃତ ହୁଏ । ତ୍ରିଭୁଜ ବ୍ୟତିତ ଏହି ଚିତ୍ରଗୁଡ଼ିକ ବୃତ୍ତ, ବିନ୍ଦୁ, ଛକି, ଲମ୍ବରେଖା ଦ୍ୱାରା ସଂଯୋଜିତ । ବିନ୍ଦୁ ଦ୍ୱାରା ଅଂଳକରଣ ଯୋଗୁଁ ରେଖାର ସରଳ ଗତି ନଥାଏ । କେତେକ ଚିତ୍ରର ଉପରିଭାଗରେ ଓଡ଼ିଆ ଅନୁକରଣର 'ଓଁ' ଅକ୍ଷର ନାଲି ରଙ୍ଗରେ ଲେଖା ଲେଖାଯାଇଛି । ଏହା ଏକ ଶୁଭ ସଙ୍କେତ ରୂପେ ଗ୍ରହଣ କରାଯାଇଥାଏ ।

ବର୍ତ୍ତମାନ ହିନ୍ଦୁ ପରମ୍ପରାରେ ପ୍ରଭାବିତ ହୋଇ ସେମାନେ ରାମ, ସୀତା, ଦୁର୍ଗା ଦେବୀ ଓ ଜଗନ୍ନାଥଙ୍କର ଚିତ୍ର କାନ୍ଥରେ ଆଙ୍କୁଛନ୍ତି । ଏହାଛଡ଼ା ପଦ୍ମ ଫୁଲ, ଧନୁଶର, ତ୍ରିଶୁଳ ଇତ୍ୟାଦିର ଚିତ୍ର ମଧ ସେମାନଙ୍କର ଚିତ୍ରକଳାରେ ସ୍ଥାନ ପାଉଛି । ଆଧୁନିକ ସଭ୍ୟତାର ସଂସ୍ପର୍ଶରେ ଆସିବାରୁ ସେମାନଙ୍କର ଚିତ୍ରକଳାରେ ପାରପଂରିକ ଚିତ୍ରଶୈଳୀ ସହ କ୍ୟାଲେଣ୍ଡର ଚିତ୍ରର ସମନ୍ୱୟ ଦେଖିବାକୁ ମିଳୁଛି ।

**କୁଟିଆକନ୍ଧ ଚିତ୍ରକଳା - ଟିକାଙ୍ଗକୁଡ଼ା**

କୁଟିଆ କନ୍ଧ, କନ୍ଧ ଜନଜାତିର ଏକ ଉପଗୋଷ୍ଠୀ । ଏମାନେ ସାଧାରଣତଃ କନ୍ଧମାଳ ଜିଲ୍ଲାର ବେଲଘର ଅଞ୍ଚଳର ବସବାସ କରିଥାନ୍ତି । ଏମାନଙ୍କ ଚିତ୍ରକଳା ଅତି ସାଧାରଣ । କୁଟିଆ କନ୍ଧ ଭାଷାରେ ଚିତ୍ରକୁ 'ଟିକାଙ୍ଗକୁଡା' କୁହାଯାଏ । ପ୍ରାୟ ସବୁ ପର୍ବପର୍ବାଣିରେ ସେମାନେ କାନ୍ଥରେ ଚିତ୍ର କରିଥାନ୍ତି । ଚିତ୍ରଗୁଡ଼ିକ ଚାଉଳ ଚୂନା (ପିଠଉ) ପାଣିରେ ହେବା ସହିତ ଅନ୍ୟ ରଙ୍ଗର ମଧ ହୋଇଥାଏ । କେବଳ ସ୍ତ୍ରୀ ଲୋକମାନେ ହାତର ଆଙ୍ଗୁଳି ଛିଟା ଓ ଟୋପି ଦ୍ୱାରା ଚିତ୍ର ଅଙ୍କନ କରିଥାନ୍ତି । ସେମାନଙ୍କର କିଛି ଚିତ୍ରକଳା ବିଧି ନଥାଏ । ଚିତ୍ରର ବିଷୟବସ୍ତୁ ମଧ ସେପରି କିଛି ରହିନଥାଏ । କେବଳ ହାତର ଆଙ୍ଗୁଳି ଛାପ, ଛିଟିକା ଦ୍ୱାରା ଘରର ଦୁଆର ବନ୍ଧ ଚାରିପାଖରେ ଚିତ୍ର କରି ପୂର୍ଣ୍ଣ କରିଥାନ୍ତି । ଠାଏ ଠାଏ କଳା ରଙ୍ଗର ଟୋପା ମଧ ଦେଇ ସଜାଇଥାନ୍ତି । ଟୋପା ଦ୍ୱାରା ଫୁଲ, କଳାରଙ୍ଗର ଛକି ଗାର ଇତ୍ୟାଦି ପକାଇ ଘରକାନ୍ଥକୁ ସଜାଇଥାନ୍ତି । କୁଟିଆ କନ୍ଧମାନଙ୍କର ଚିତ୍ରକଳାର ଆଉ ଏକ ନମୁନା ହେଲା ଦେହରେ ଚିତାକୁଟା । ନିଜ ଶରୀରକୁ କ୍ଷତବିକ୍ଷତ କରି ସେମାନେ

ବିଭିନ୍ନ ପ୍ରକାରର ଚିତ୍ର ଯଥା ଫୁଲ, ପତ୍ର, ଡାଳ, କୋଠି ଇତ୍ୟାଦି ଅଙ୍କନ କରିଥାନ୍ତି । ଦେହର ବିଭିନ୍ନ ଅଂଶ ଯଥା ମୁଖମଣ୍ଡଳ, ବାହୁହାତ, ଛାତି, ପାଦ ଓ ଜଂଘ ଇତ୍ୟାଦିରେ ଚିତାକୁଟାଇ ଖୁବ୍ ଆନନ୍ଦ ପାଆନ୍ତି । ଚିତା କୁଟାଇବା କୁଟିଆ କନ୍ଧଙ୍କର କଳା ପ୍ରବଣତାର ନମୁନା ।

**କିସାନ ଚିତ୍ରକଳା :**

କିସାନ୍‌ମାନେ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରେ ବସବାସ କରିଥାନ୍ତି । କିସାନ ଅର୍ଥ କୃଷକ । ଏମାନଙ୍କର ପର୍ବପର୍ବାଣିଗୁଡ଼ିକ ମୁଖ୍ୟତଃ କୃଷିଭିତ୍ତିକ । ବର୍ଷସାରା ପାଳନ କରୁଥିବା ପର୍ବପର୍ବାଣିଗୁଡ଼ିକରେ କାନ୍ଥରେ ଝୋଟି ଆଙ୍କିବା ସେମାନଙ୍କର ପାରଂପରିକ ପ୍ରଥା । ବର୍ତ୍ତମାନ ସେମାନେ ଓଡ଼ିଆମାନଙ୍କର ସଂସ୍ପର୍ଶରେ ଆସି ଓଡ଼ିଆଙ୍କ ସହ ମିଶି ଅଧିକାଂଶ ହିନ୍ଦୁ ପର୍ବପର୍ବାଣି ପାଳନ କରିଥାନ୍ତି । ସେଥିପାଇଁ ସେମାନଙ୍କର ଝୋଟି ଚିତ୍ରରେ ହିନ୍ଦୁ ଧର୍ମର ସାଙ୍କେତିକ ଚିତ୍ର ପରିଲକ୍ଷିତ ହୋଇଥାଏ ।

କିସାନ ଚିତ୍ରକଳା ଲୌକିକ ପରଂପରା ଉପରେ ଆଧାରିତ ଓ ଅର୍ଥବ୍ୟଞ୍ଜକ । ଆନୁଷ୍ଠାନିକ ପର୍ବପର୍ବାଣିରେ ସେମାନେ ପ୍ରଥମେ ଦେବତା ଓ ଋଷିମାନଙ୍କୁ ନିଜର ଅପରାଧ ମାର୍ଜନା କରିବା ପାଇଁ ସ୍ତୁତି କରିଥାନ୍ତି । ତେଣୁ ଚିତ୍ରରେ ଆରାଧ୍ୟ ଦେବଦେବୀମାନଙ୍କ ସାକାର ରୂପ ଆଙ୍କିଥାନ୍ତି । ସାତଟି ରେଖା ପାଖକୁ ପାଖ ଲମ୍ବ ଭାବରେ ପକାଇ ସାଙ୍କେତିକ ଅର୍ଥରେ ଚିତ୍ର କାଟିଥାନ୍ତି । ଏହି ସାତଗୋଟି ରେଖା ସାତଟି ଋଷିଙ୍କୁ ବୁଝାଇଥାଏ । ଦୈବିଦୁର୍ବିପାକରୁ ରକ୍ଷା ପାଇଁ ଯାହାକୁ ପ୍ରଥମେ ପୂଜାର୍ଚ୍ଚନା କରାଯାଇଥାଏ । ହିନ୍ଦୁ ଦେବତା ଗଣ, ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ଚିତ୍ର ମଧ୍ୟ ଅନୁରୂପ ସାଙ୍କେତିକ ଧାରାରେ ଅଙ୍କା ହୋଇଥାଏ । 'ମା' ଦୁର୍ଗାଙ୍କୁ ଆରାଧନା କରିବା ପାଇଁ ସେମାନେ କାନ୍ଥରେ ସାତଟି ଶୂନ ଆଙ୍କିଥାନ୍ତି । ମହାଲକ୍ଷ୍ମୀ ପୂଜାରେ ମଧ୍ୟ ବୃତ୍ତ ମଧ୍ୟରେ ଏକ ଲମ୍ବ ରେଖା ଆଙ୍କି ଦେବୀଙ୍କୁ ସୂଚିତ କରିଥାନ୍ତି । ସାଧାରଣତଃ ସ୍ତ୍ରୀ ଲୋକମାନେ ପ୍ରତ୍ୟେକ ପର୍ବପର୍ବାଣିରେ ଏହିସବୁ ଚିତ୍ରର ଆଙ୍କିଥାନ୍ତି ।

କିସାନ ଚିତ୍ରର ବିଷୟବସ୍ତୁ ସାଧାରଣତଃ କୃଷିକର୍ମଭିତ୍ତିକ । ଚିତ୍ର ନକରି ଚାଷ କାର୍ଯ୍ୟ ଆରମ୍ଭ କଲେ ଭଲ ଫସଲ ହୁଏନାହିଁ ବୋଲି ଏମାନଙ୍କର ଧାରଣା । ଚିତ୍ର କରିବା ପୂର୍ବରୁ ଏମାନେ ଦେବଦେବୀଙ୍କ ଉଦ୍ଦେଶ୍ୟରେ ପୂଜା ଓ ପ୍ରାର୍ଥନା କଲାପରେ ଚିତ୍ର ଆରମ୍ଭ କରନ୍ତି । ସେମାନଙ୍କ ଧାରଣା ଚିତ୍ର କରିବା ଏକ ଧର୍ମୀୟ ଆଚରଣ ଓ ପରଂପରା । ସେମାନେ ବର୍ଷର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କାନ୍ଥ ଚିତ୍ର ଅଙ୍କନ କରିଥାନ୍ତି । ଯେପରି ଅକ୍ଷୟ ତୃତୀୟା ସମୟରେ ଗୃହପାଳିତ ପଶୁପକ୍ଷୀ, କୃଷି ଉପକରଣ ଓ ଗଛଲତାର ଚିତ୍ର ଅଙ୍କନ କରିଥାନ୍ତି । କୃଷିର ଉନ୍ନତି ପାଇଁ କାନ୍ଥରେ ଗାଈ, ବଳଦ, କୁକୁଡ଼ା, ଛେଳି, ମୟୂର, ଶୁଆ ଇତ୍ୟାଦି ସହିତ ଧାନ ଗଛ, କଖାରୁ ଇତ୍ୟାଦି ଚିତ୍ର ଅଙ୍କିତ ହୋଇଥାଏ । ଏହାଛଡ଼ା ହଳ କରୁଥିବାର ଦୃଶ୍ୟ, ଧାନ କଟା ଓ ଧାନ କଲେଇ ବୋହୁଥିବାର ଚିତ୍ର ଆଙ୍କିଥାନ୍ତି । ଏହିସବୁ ଚିତ୍ର କରିବାର ଉଦ୍ଦେଶ୍ୟ ହେଉଛି ଦେବଦେବୀ ମାନେ ସନ୍ତୁଷ୍ଟ ହୋଇ ବର ପ୍ରଦାନ କଲେ କୃଷିର ଉନ୍ନତି । ଲକ୍ଷ୍ମୀ ପୂଜା ସମୟରେ ଲକ୍ଷ୍ମୀପାଦ, କଳସ, ପଦ୍ମଫୁଲ ଇତ୍ୟାଦିର ଚିତ୍ର କରି କଳସ ଉପରେ ଆମ୍ବପତ୍ର ଓ ଡାଳର ଚିତ୍ର କରାଯାଏ । ଦେବୀଓଷା, କିସାନ ଜାତିର ଏକ ମୁଖ୍ୟ

ପର୍ବ । ଏହି ସମୟରେ କାନ୍ଥରେ ବିଭିନ୍ନ ପ୍ରକାର ପକ୍ଷୀ, ଗଛଲତା ସହିତ ଦେବୀଙ୍କର ପ୍ରତିମା ଅଙ୍କନ କରି ସୁନ୍ଦର ଭାବରେ ସଜାଇଥାନ୍ତି । ସେମାନଙ୍କର ବିଶ୍ୱାସ ଯିଏ ଯେତେ ସୁନ୍ଦର କରି ଦେବୀଙ୍କୁ ସଜାଇପାରିଲା ଘରବାଡ଼ିରେ ତା'ର ଫସଲ ସେତେ ବେଶି ହୋଇଥାଏ । କିସାନ ଚିତ୍ରକଳା ସେମାନଙ୍କର ସାମାଜିକ ଅନୁଷ୍ଠାନ ଦ୍ୱାରା ସ୍ୱୀକୃତ ।

**ଜୁଆଙ୍ଗ ଚିତ୍ରକଳା**

ଜୁଆଙ୍ଗ ମାନେ ଓଡ଼ିଶାର କେନ୍ଦୁଝର ଜିଲ୍ଲାରେ ବସବାସ କରନ୍ତି । ସେମାନେ ଗୋନାସିକା ପର୍ବତମାଳାକୁ ତାଙ୍କର ଉତ୍ପତ୍ତିସ୍ଥଳ ରୂପେ ବିବେଚନା କରନ୍ତି ଓ ବିଭିନ୍ନ ବସ୍ତୁରେ ତାହାକୁ ପରିସ୍ଫୁଟ କରିଥାନ୍ତି । ଜୁଆଙ୍ଗମାନଙ୍କର ଚିତ୍ରକଳାଗୁଡ଼ିକ କାନ୍ଥରେ ଦୃଷ୍ଟିଗୋଚର ନହେଲେ ମଧ୍ୟ ସେମାନଙ୍କ ନିତ୍ୟବ୍ୟବହୃତ ଦ୍ରବ୍ୟରେ ସିମୀତ ହୋଇରହିଥାଏ । ବାଉଁଶ ବା କାଠରୁ ପାନିଆ ଭଳି ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ସତନ୍ତ୍ର ରୂପରେ ପ୍ରସ୍ତୁତ କରିବା ସମୟରେ ନାନା ପ୍ରକାର କ୍ଷୁଦ୍ର ଅଥଚ ମୋଟିଫ୍ ଯୁକ୍ତ ଚିତ୍ର ହୋଇଥାଏ । ଲତା, ଚକି, ଠିକିରି, ମନୁଷ୍ୟ, ପଶୁପକ୍ଷୀ ଇତ୍ୟାଦିର ରେଖାଚିତ୍ର ଲୁହା ତାମ୍ପଣ ଦ୍ୱାରା ଖୋଦିତ ହୋଇ ସୁନ୍ଦର ଦିଶେ । ସୂକ୍ଷ୍ମ ଖୋଦନକଳା ପ୍ରବୀଣ ଏହି ଜୁଆଙ୍ଗ ଜନଜାତିଙ୍କର କଳାଶୈଳୀ ପ୍ରାଚୀନ ପରମ୍ପରାକୁ ବଞ୍ଚାଇ ରଖିପାରିଛି । ସେମାନଙ୍କର ସୂକ୍ଷ୍ମ ଖୋଦନ କଳା ପ୍ରଶଂସନୀୟ । ଏପରି ଚିତ୍ରକଳା ଲାଉତର୍କି, ଲାଉମାଣ ଉପରେ ମଧ୍ୟ ଦେଖିବାକୁ ମିଳିଥାଏ ।

**ସାନ୍ତାଳ ଚିତ୍ରକଳା : ଚିଇଃତା**

ସାନ୍ତାଳମାନେ ଓଡ଼ିଶାର ମୟୂରଭଞ୍ଜ. କେନ୍ଦୁଝର, ବାଲେଶ୍ୱର ଜିଲ୍ଲାରେ ବହୁଳ ଭାବରେ ବସବାସ କରନ୍ତି । ଏମାନଙ୍କର ବାସଗୃହ ବିଭିନ୍ନ ଚିତ୍ରକଳାରେ ପରିପୂର୍ଣ୍ଣ ହୋଇ ଅତ୍ୟନ୍ତ ଆକର୍ଷଣୀୟ ହୋଇଥାଏ । ଗ୍ରାମ ରାସ୍ତାର ଉଭୟ ପାର୍ଶ୍ୱରେ ଘର ଗୁଡ଼ିକ ଧାଡ଼ି ଧାଡ଼ି ହୋଇ ନିର୍ମିତ ହୋଇଥାଏ । ଘରଗୁଡ଼ିକ ବିଭିନ୍ନ ରଙ୍ଗ ଓ ମାଟିରେ ଲିପା ହୋଇଥିବାରୁ ଦୂରରୁ ଅତ୍ୟନ୍ତ ଚମତ୍କାର ଦିଶେ । ମହିଳାମାନେ ଏହି ଚିତ୍ରକଳା ବିଭିନ୍ନ ପର୍ବପର୍ବାଣି ସମୟରେ କରିଥାନ୍ତି । ଘରର ସୌନ୍ଦର୍ଯ୍ୟ ବର୍ଦ୍ଧନ କରିବା ସେମାନଙ୍କର ଆର୍ଥିକ ଅବସ୍ଥା ଉପରେ ନିର୍ଭର କରିଥାଏ । ସେମାନେ ମୁଖ୍ୟତଃ ଧଳା ରଙ୍ଗ ପାଇଁ ଧଳା ଚୂନପଥର, ଓ କଳାରଙ୍ଗ ପାଇଁ ଟାୟାର ଓ କୁଟାପୋଡ଼ି ମାଟିରେ ମିଶାଇ କଳାରଙ୍ଗ, ନାଲିରଙ୍ଗ ପାଇଁ ନାଲି ମାଟି ବ୍ୟବହାର କରିଥାନ୍ତି । ଘରର କାନ୍ଥ ଉପର ଓ ତଳ ଭାଗ ସାଧାରଣତଃ ଦୁଇଟି ରଙ୍ଗରେ ଲିପାଯାଇଥାଏ ଏବଂ ତା' ଉପରେ ଖୁବ୍ କମ୍ ଠାଏ ଠାଏ ଚିତ୍ରଟାଏ ଅଙ୍କିତ ହୋଇଥାଏ । ନାନା ପ୍ରକାର ଫୁଲଗଛ, ଲତା ଇତ୍ୟାଦି ଅଙ୍କନ କରି ଘର କାନ୍ଥକୁ ସଜାଇଥାଏ, ଯାହା ସରଳ ଅଥଚ ସୌନ୍ଦର୍ଯ୍ୟବୋଧକ । ପ୍ରାୟତଃ ଚିତ୍ରଗୁଡ଼ିକ କାନ୍ଥରେ, ଝରକାର ଚାରିପାଖ, ଦ୍ୱାର ବନ୍ଧ ଉପରେ ଦୃଷ୍ଟିଗୋଚର ହୋଇଥାଏ ।

**ପାଉଡ଼ିଭୂୟାଁ - ଚିତ୍ରକଳା - ଝାଂଜରା**

ପାଉଡ଼ିଭୂୟାଁମାନେ ଅନ୍ୟତମ ପ୍ରାଚୀନତମ ଜନଜାତି ଗୋଷ୍ଠୀ । ଏମାନେ ଓଡ଼ିଶାର ସୁନ୍ଦରଗଡ଼, କେନ୍ଦୁଝର ଓ ସମ୍ବଲପୁର ଜିଲ୍ଲାରେ ବସବାସ କରନ୍ତି । ଏମାନଙ୍କର ଚିତ୍ରକଳା ସାମାଜିକ ଅନୁଷ୍ଠାନ ଦ୍ୱାରା

ସ୍ୱୀକୃତ । ସାଧାରଣତଃ ବିଭିନ୍ନ ପର୍ବପର୍ବାଣି ଓ ବିଭାଘର ଉତ୍ସବରେ ଘର ଦ୍ୱାର ଲିପାପୋଛା କରି କାନ୍ଥରେ ଚିତ୍ର କରିବା ଏମାନଙ୍କର ପରଂପରା । ସେମାନଙ୍କର ଲୌକିକ ଭାଷାରେ ଚିତ୍ରକଳାକୁ ଝାଂଜରା କୁହାଯାଇଥାଏ । ସାଧାରଣତଃ ସ୍ତ୍ରୀ ଲୋକମାନେ ଚାଉଳ ପିଠଉ ବ୍ୟବହାର କରି ଏହି ଚିତ୍ର ଅଙ୍କନ କରିଥାନ୍ତି ।

ଏମାନେ ପାଳନ କରୁଥିବା ପର୍ବ ମଧ୍ୟରେ ଠାକୁରାଣୀ ଓଷା ଓ ବିଶିରି ଓଷା ପ୍ରସିଦ୍ଧ । ଏହି ପର୍ବରେ ଠାକୁରାଣୀ ଘର କାନ୍ଥକୁ ଆଙ୍ଗୁଳି ଟୋପା ଓ ଛିଟା ଦେଇ ଆକର୍ଷଣୀୟ ଝାଞ୍ଜରା ଅଙ୍କନ କରିଥାନ୍ତି ।

ବର୍ତ୍ତମାନ ହିନ୍ଦୁ ପରମ୍ପରାର ପ୍ରଭାବରେ ବିଭିନ୍ନ ପର୍ବପର୍ବାଣି ଯଥା - ଅକ୍ଷୟ ତୃତୀୟା, ରଜ, ମକର ଇତ୍ୟାଦି ପାଳନ କରୁଛନ୍ତି । ଏହି ପର୍ବପର୍ବାଣିରେ ସେମାନେ କାନ୍ଥରେ ଅତ୍ୟନ୍ତ ସୁନ୍ଦର ଚିତ୍ର ଅଙ୍କନ କରି କରିଥାନ୍ତି ।

ଅକ୍ଷୟ ତୃତୀୟାକୁ ସେମାନେ ତ୍ରିତିୟା କହିଥାନ୍ତି । ଏହି ପର୍ବରେ କୃଷି କାର୍ଯ୍ୟ ଆରମ୍ଭ କରାଯାଇଥାଏ ଓ ଭଲ ଫସଲ ପାଇଁ ସାଧାରଣତଃ କୃଷିଭିତ୍ତିକ ଚିତ୍ର ଯଥା - ମଣିଷଟିଏ ହଳ କରୁଥିବାର ଚିତ୍ର, ଧାନ ବୁଣୁଥିବାର ଚିତ୍ର ଅଙ୍କନ କରାଯାଇଥାଏ । ବିଭିନ୍ନ ପର୍ବପର୍ବାଣି ବ୍ୟତୀତ ବାହାଘର ଉତ୍ସବରେ ମଧ୍ୟ ଏମାନେ ଘରର କାନ୍ଥରେ ବିଭିନ୍ନ ଚିତ୍ର ଆଙ୍କିଥାନ୍ତି ।

**ଅନ୍ୟାନ୍ୟ ଆଦିବାସୀଙ୍କ ଚିତ୍ରକଳା :**

ଉପର ବର୍ଣ୍ଣିତ ଆଦିବାସୀମାନଙ୍କ ଚିତ୍ରକଳା ବ୍ୟତୀତ ଓଡ଼ିଶାର ଅନ୍ୟାନ୍ୟ ଆଦିବାସୀଙ୍କର ନିଜସ୍ୱ ଚିତ୍ରକଳା ରହିଛି । ଯଥା - ଗଣ୍ଡ, ବିନ୍‌ଝାଲ୍, ମାଙ୍କିଡ଼ିଆ, ଭୂମିଜ ଚିତ୍ରକଳା ମଧ୍ୟ ଅତ୍ୟନ୍ତ ଉତ୍କୃଷ୍ଟ । ଏମାନଙ୍କର ଚିତ୍ରକଳା ଭିନ୍ନ ଭିନ୍ନ ରକମର । ନିଜର କଳାକୌଶଳକୁ ଆଧାର କରି ପ୍ରତ୍ୟେକ ଆଦିବାସୀ, ଚିତ୍ର ଆଙ୍କିବାର ଧିରୀଣ । ଏହି ଚିତ୍ରକଳାର ହିଁ ସେମାନଙ୍କର ନିରାଡ଼ମ୍ବର ଜୀବନଯାତ୍ରା, ସହଜ ଅଭିବ୍ୟକ୍ତି , ଲୌକିକ ବିଶ୍ୱାସ ଓ ସାଧୁତା ପରିପ୍ରକାଶ କରିଥାଏ ।

**ଚିତ୍ରକଳାର ବିଶେଷତ୍ୱ :**

* ଆଦିବାସୀ ଚିତ୍ରକଳା ଆଦିବାସୀମାନଙ୍କର କଳାନୁରାଗୀ ଭାବ ଓ ଦକ୍ଷତାର ପ୍ରତୀକ ।
* ଚିତ୍ରକଳା ସେମାନଙ୍କର ଧାର୍ମିକ ଚେତନାର ଉତ୍ସ ।
* ଚିତ୍ରକଳାରେ ସେମାନଙ୍କର ସୌନ୍ଦର୍ଯ୍ୟାନୁଭବର ପରିଚୟ ମିଳିଥାଏ ।
* ଚିତ୍ରକଳାରେ ସେମାନଙ୍କର ଲୌକିକ ବିଶ୍ୱାସ ପରିସ୍ଫୁଟିତ ହୋଇଥାଏ ।
* ଚିତ୍ରକଳା ସେମାନଙ୍କର ସାମାଜିକ ଜୀବନ ସହିତ ଓତଃପ୍ରୋତଃ ଭାବରେ ଜଡ଼ିତ ।

ଆଦିବାସୀମାନେ ବ୍ୟବହାର କରୁଥିବା ଲୁଗାପଟା, ଗୃହଉପକରଣ, ଅଳଙ୍କାର, ଧନୁଶର, ଅସ୍ତ୍ରଶସ୍ତ୍ର, ମାଠିଆ, ହାଣ୍ଡି, ପାନିଆ, ନାସଦାନି, ବାଦ୍ୟଯନ୍ତ୍ରରେ ମଧ୍ୟ ଚିତ୍ର କଳା ଦୃଶ୍ୟମାନ ହୋଇଥାଏ । ଏପରିକି ସେମାନେ ନିଜ ଦେହର ବିଭିନ୍ନ ଅଂଶକୁ ଯଥା- ହାତ, ଗୋଡ଼, ପାଦ, ମୁଖମଣ୍ଡଳ ଇତ୍ୟାଦିରେ ବିଭିନ୍ନ ପ୍ରକାରର ଫୁଲ,

ପତ୍ର, ତାଳର ଚିତ୍ର କୁଟାଇ ଖୁବ୍ ଆନନ୍ଦ ପାଇଥାନ୍ତି ।

ଆଦିବାସୀମାନେ ଅତ୍ୟନ୍ତ ସୌନ୍ଦର୍ଯ୍ୟ ପ୍ରିୟ । ଏହି ଭାବନା ସେମାନଙ୍କ ଚିତ୍ରକଳାରେ ପରିପ୍ରକାଶ ହୋଇଥାଏ । କେତେକ ଆଦିବାସୀ ଘରର ସୌନ୍ଦର୍ଯ୍ୟ ପରି ବର୍ଦ୍ଧନ ନିମନ୍ତେ ଚିତ୍ର ଅଙ୍କନ କରିଥାନ୍ତି । ଉଦାହରଣ ସ୍ୱରୂପ ସାନ୍ତାଳ । ଏମାନେ ଅତ୍ୟନ୍ତ ପରିଷ୍କାର ଓ ପରିଛନ୍ନ । ଏହି ପରିଛନତା ତାଙ୍କ ବାସଗୃହରୁ ଜଣାପଡ଼ିଥାଏ ।

କେତେକ ଆଦିବାସୀମାନଙ୍କର ଚିତ୍ରକଳା ସେମାନଙ୍କର ଲୌକିକ ବିଶ୍ୱାସ ଉପରେ ଆଧାରିତ । ଯେପରି କିସାନ୍ ମାନଙ୍କର ବିଶ୍ୱାସ ଅଛି ଯେ କୃଷି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସେ ସେମାନଙ୍କର କାନ୍ଥରେ ବିଭିନ୍ନ ପ୍ରକାରର କୃଷିଭିତ୍ତିକ ଚିତ୍ର ଯଥା - ମଣିଷଟିଏ ହଳ କରୁଥିବାର ଚିତ୍ର, ଧାନ ବୁଣୁଥିବାର ଚିତ୍ର, ଧାନ କାଟୁଥିବାର ଚିତ୍ର ଅଙ୍କନ କଲେ ଦେବଦେବୀମାନେ ସନ୍ତୁଷ୍ଟ ହେବେ ଓ ସେମାନଙ୍କର ଭଲ ଫସଲ ହେବ । ଏହା ସେମାନଙ୍କର ସାମାଜିକ ଜୀବନ ସହିତ ମଧ୍ୟ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ।

**ପରିବର୍ତ୍ତନ ଧାରାରେ ଆଦିବାସୀ ଚିତ୍ରକଳା:**

ସରକାରଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ ଆଧୁନିକ ସଭ୍ୟତାର ସଂସ୍ପର୍ଶରେ ଆସି ଆଦିବାସୀମାନେ ଏବେ ପରିବର୍ତ୍ତନ ପଥରେ । ଜୀବନଶୈଳୀ, ସଂସ୍କୃତି, ପର୍ବପର୍ବାଣିରେ ପରିବର୍ତ୍ତନ ଘଟିବା ସହିତ ସେମାନଙ୍କର ପାରମ୍ପରିକ ଚିତ୍ରକଳାରେ ମଧ୍ୟ ଅନେକ ପରିବର୍ତ୍ତନ ଘଟିଛି । ଏହି ପରିବର୍ତ୍ତନ ସେମାନେ ବ୍ୟବହାର କରୁଥିବା ଉପକରଣରେ, ଚିତ୍ର ଅଙ୍କନ ବିଧିରେ ଓ ବିଷୟବସ୍ତୁ ନିର୍ବାଚନରେ ପରିଲକ୍ଷିତ ହୋଇଥାଏ । ଉଦାହରଣସ୍ୱରୂପ - "ଲାଞ୍ଜିଆସଉରା ଚିତ୍ରକଳା" । ପ୍ରାଚୀନ ପ୍ରଥା ଅନୁସାରେ ଲାଞ୍ଜିଆସଉରା ମାନଙ୍କର କାନ୍ଥ ଚିତ୍ର ଅର୍ଥାତ୍ 'ଉଡ଼ିତାଲ୍' ସଂପୂର୍ଣ୍ଣ ଭାବରେ ଧାର୍ମିକ ବିଶ୍ୱାସ ଉପରେ ଆଧାରିତ ଥିଲା ଏବଂ ଚିତ୍ର ଗୁଡ଼ିକ ଘରର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହୁଥିଲା । ଯେପରିକି ବାହ୍ୟବ୍ୟକ୍ତିଙ୍କ ଦୃଷ୍ଟିଗୋଚରକୁ ଆସିପାରୁନଥିଲା । ଏଥିରେ ବିଭିନ୍ନ ଦେବଦେବୀ, ପୂର୍ବପୁରୁଷଙ୍କ ଆତ୍ମାଙ୍କୁ ସ୍ଥାନ ଦିଆଯାଉଥିଲା । ଚିତ୍ର କରିବା ପୂର୍ବରୁ "ଇଡ଼ିତାଲ୍ ମାର୍" ବା ଚିତ୍ରକର ଉପବାସ ରହୁଥିଲେ ଏବଂ ଚିତ୍ର କରିସାରିବା ପରେ ସେହି ଚିତ୍ରରେ ଅବସ୍ଥାପିତ ପୂର୍ବପୁରୁଷଙ୍କ ଆତ୍ମା, ଓ ଦେବଦେବୀଙ୍କ ସନ୍ତୁଷ୍ଟିକରଣ ନିମନ୍ତେ ଛେଳି କିମ୍ବା କୁକୁଡ଼ା ବଳି ଦେଇ ପୂଜା ଅର୍ଚ୍ଚନା କରି ସାରିବା ପରେ ଉପବାସ ଭଙ୍ଗ କରୁଥିଲେ । କିନ୍ତୁ ବର୍ତ୍ତମାନ ଲାଞ୍ଜିଆ ସଉରା ଆଦିବାସୀମାନଙ୍କର ଏହି ଚିତ୍ର ଘରର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହିନାହିଁ । ସେମାନଙ୍କ ଅଞ୍ଚଳର ପ୍ରାୟ କିଛି "କୁଡ଼ାନମାର୍" ଓ କୁଡ଼ାନ୍‌ବୋଇ" (ଯେଉଁମାନେ ତାନ୍ତ୍ରିକ ବିଦ୍ୟା ରୋଗ ଭଲ କରିପାରନ୍ତି) ଙ୍କ ଘର କାନ୍ଥରେ ଛାଡ଼ିଦେଲେ ଆଉ ତାହା ଘରେ ଦେଖିବାକୁ ମିଳୁନାହିଁ । ଯେଉଁ ଚିତ୍ର ଦିନେ ସଂପୂର୍ଣ୍ଣ ଭାବେ ସେମାନଙ୍କର ଧାର୍ମିକ ଚେତନା ଉପରେ ଆଧାରିତ ଥିଲା; ତାହା ଏବେ ସୌନ୍ଦର୍ଯ୍ୟବୋଧ ପାଇଁ ଉଦ୍ଦିଷ୍ଟ । ସହରର ରାସ୍ତା ପାର୍ଶ୍ୱରେ, ବିଦ୍ୟାଳୟ କାନ୍ଥରେ, ସରକାରୀ ଅନୁଷ୍ଠାନ ପ୍ରାଚୀରରେ ଏବଂ ବିଭିନ୍ନ ଧନୀକ ଶ୍ରେଣୀ ତଥା ସୌଖିନ ଲୋକ ଘରର କାନ୍ଥରେ ଏହି ଚିତ୍ର ଅଙ୍କନ କରାଯାଉଅଛି । ଏହାବ୍ୟତୀତ ଏହି ଚିତ୍ର କାନ୍‌ଭାସ୍

କପଡ଼ାରେ, ମାଟି ନିର୍ମିତ ବିଭିନ୍ନ ପ୍ରକାରର ଆଧୁନିକ ରଙ୍ଗ ଦ୍ୱାରା ଚିତ୍ରିତ କରାଯାଉଅଛି । ଏହି କଳାର ବିକାଶ ନିମନ୍ତେ ଏବେ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କ ଦ୍ୱାରା ବିଭିନ୍ନ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇ ଜନଜାତି ଯୁବକ ଯୁବତୀମାନଙ୍କୁ ଏହି ଚିତ୍ରକଳାକୁ ନେଇ କିପରି ଜିବିକା ନିର୍ବାହ ଓ ଉପାର୍ଜନ ନିମନ୍ତେ ତାଲିମ୍ ପ୍ରଦାନ କରାଯାଉଅଛି । ଆଧୁନିକ ଓ ପୁରାତନର ସମନ୍ୱୟରେ ନୂତନ ଚିତ୍ରକଳା ସୃଷ୍ଟି ହେଉଛି ଯେଉଁଥିରେ କି ସେମିତି କିଛି ବିଷୟବସ୍ତୁ ଉପଲବ୍ଧି କରାଯାଇପାରୁନାହିଁ । ପ୍ରତିଯୋଗିତା ମନୋଭାବ ନେଇ ଏହାକୁ ଆଦୃତି କରାଯାଉଛି ।

**ଆଦିବାସୀ ଚିତ୍ରକଳାର ପ୍ରଚାର ଓ ପ୍ରସାର ପାଇଁ ନିଆଯାଉଥିବା ପଦକ୍ଷେପ :**

ଆଦିବାସୀମାନଙ୍କର ଚିତ୍ରକଳାର ଉନ୍ନତି, ପ୍ରଚାର ଓ ପ୍ରସାର ପାଇଁ ଏବେ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକ ବହୁତ ପଦକ୍ଷେପ ନେଉଛନ୍ତି । ବିଭିନ୍ନ ପ୍ରକାରର ତାଲିମ୍ ଶିବିର ଗଠନ କରାଯାଇ ବିଭିନ୍ନ ଆଦିବାସୀ ସଂପ୍ରଦାୟର ଯୁବକ ଯୁବତୀମାନଙ୍କୁ ତାଲିମ୍ ଦିଆଯାଉଛି ଯେପରିକି ଏହି ଚିତ୍ରକଳାକୁ ମାଧ୍ୟମ କରି ସେମାନେ ଜିବିକା ନିର୍ବାହ କରିପାରିବେ । ଚିତ୍ରଗୁଡ଼ିକ ମଧ୍ୟ ବିକ୍ରି କରିବାପାଇଁ ବିଭିନ୍ନ ସୁବିଧା ସୁଯୋଗ ଦିଆଯାଉଛି । ଏହି ପରପ୍ରେକ୍ଷୀରେ TRIFED ତଥା TDCCର ଭୂମିକା ଉଲ୍ଲେଖନୀୟ । ଏହି ଅନୁଷ୍ଠାନଗୁଡ଼ିକ ବିଭିନ୍ନ ସମୟରେ ମେଳା ଓ ତାଲିମ୍ ଶିବିର ଆୟୋଜନ କରୁଛି । ଏହି ଯାତ୍ରା ଓ ମେଳାର ମୂଳ ଲକ୍ଷ୍ୟ ଆଦିବାସୀ କଳାର ପ୍ରଚାର ଓ ପ୍ରସାର । ଓଡ଼ିଶା ପର୍ଯ୍ୟଟନ ନିଗମ ମଧ୍ୟ ଆଦିବାସୀ ଚିତ୍ରକଳାର ଉନ୍ନତି ନିମନ୍ତେ ତାଲିମ୍ ଶିବିର ଆୟୋଜନ କରି ଆସୁଛି ।

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନରେ ଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଉନ୍ନୟନ ଓ ପ୍ରଶିକ୍ଷଣ ସଂସ୍ଥା ଆଦିବାସୀ କଳାର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ ଜାରି ରଖିଛି । ଏହି ବିଭାଗ ପରିସରରେ ଅବସ୍ଥାପିତ ଆଦିବାସୀ ସଂଗ୍ରହାଳୟରେ ବର୍ଷର ବିଭିନ୍ନ ସମୟରେ ରାଜ୍ୟର ବିଭିନ୍ନ ଆଦିବାସୀ ସଂପ୍ରଦାୟର କଳାକାରମାନଙ୍କୁ ଆମନ୍ତ୍ରଣ କରାଯାଇ ସେମାନଙ୍କର ଚିତ୍ରକଳା କରିବାର କୌଶଳ ପ୍ରଦାର୍ଶନ କରାଯାଉଅଛି । ଏହି ଅନୁଷ୍ଠାନ ଦ୍ୱାରା ମଧ୍ୟ ଚିତ୍ରକାରମାନଙ୍କୁ ତାଲିମ୍ ଯୋଗାଇ ଦିଆଯାଉଅଛି । ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ମଧ୍ୟ ବିବିଧ ଆଦିବାସୀ ଚିତ୍ରକଳାର ବିକାଶ ଘଟାଇ ବିପଣନ ଉପଯୋଗୀ କରାଇଛି । ନିରନ୍ତର କର୍ମଶାଳା ଆୟୋଜନ କରି ସଉରା, ଗଣ୍ଡ, ସାନ୍ତାଳ, କନ୍ଧ, କିସାନ, ଭୂୟାଁ ଚିତ୍ରକଳାର ବିପଣନ ବ୍ୟବସ୍ଥା କରି ସଫଳତା ଅର୍ଜନ କରୁଛି । ଆଦିବାସୀ ଚିତ୍ରକରଙ୍କ ଜୀବିକାର୍ଜନ ପାଇଁ ଏହି ଚିତ୍ରକଳା ଏକ ମାଧ୍ୟମ ହୋଇପାରୁଛି । ପ୍ରତିବର୍ଷ ୟୁନିଟ୍ -୧ ସ୍ଥିତ ଆଦିବାସୀ ପଡ଼ିଆରେ ଆଦିବାସୀ ମେଳା ଅନୁଷ୍ଠିତ ହେଉଅଛି । ଯେଉଁଥିରେ ରାଜ୍ୟର ବିଭିନ୍ନ ଆଦିବାସୀ ସଂପ୍ରଦାୟର ଯୁବକ ଯୁବତୀ ନିଜର ପାରମ୍ପରିକ ଚିତ୍ରକଳାର ପ୍ରଦର୍ଶନ ସହିତ ବିକ୍ରି କରିବାର ସୁବର୍ଣ୍ଣ ସୁଯୋଗ ପାଇପାରୁଛନ୍ତି ।

***

# ଏକ ଆଦିବାସୀ ଗାଁରେ କିଛିଦିନର ଅନୁଭୂତି

ଲକ୍ଷ୍ମୀକାନ୍ତ ରଥ

୧୯୭୩ ମସିହାର କଥା ଶିକ୍ଷକ ନିଯୁକ୍ତି ପାଇଁ ମୁଁ ବୈପାରୀଗୁଡ଼ା ବ୍ଲକ୍‌ର ବଳିଗୁଡ଼ା ଗ୍ରାମକୁ ଗଲି । ସେ ସମୟରେ ଆଜି ପରି ଗ୍ରାମରେ ସ୍କୁଲ ଗୃହ ନଥିଲା । ଶିକ୍ଷକଙ୍କୁ କାହା ବାରଣ୍ଡାରେ କାହା ମେଲାଣ (ତିନି ପାଖେ ପାଚେରୀ (କାନ୍ଥ) ଓ ଗୋଟେ ପଟେ ଖୋଲା) ଜାଗାରେ ରହିବାର ଓ ପିଲାଙ୍କୁ ଡାକି ସ୍କୁଲ କରିବାର ଦାୟିତ୍ୱ ମିଳିଲା । ଗାଧୋଇବା, ରୋଷେଇ କରିବା ଓ ପିଇବା ପାଇଁ ଛୋଟ ନଈର ପାଣି । ମୁଁ ଯା' ଘରେ ରହୁଥିଲି, ତା' ନା' ଅଦିଆ ପାମିଆ । ଗାଦବା ଲୋକ । ଛେଳି, ମେଣ୍ଢା, ମଇଁଷି, ଗାଇ ଗୋରୁ ପାଳିଥାଏ । ତା ସ୍ତ୍ରୀ ଗାଦବା ଭାଷା ଭଲ ଭାବରେ କହେ । ମୁଁ ରହୁଥିବା ସ୍ଥାନଟି ଗାଁର ଶେଷପ୍ରାନ୍ତ । ଗାଁଟି ପାହାଡ଼ ତଳେ । ୫ରୁ ୭ ଜଣ ପିଲା ପଢ଼ିବାକୁ ଆସନ୍ତି । ଗାଁ ଆରମ୍ଭ ବରଗଛ ତଳେ କେତେକ ବଡ଼ ବଡ଼ ପଥର ଭଲ ଭାବରେ ପଡ଼ିଥାଏ । ଲୋକେ ବସନ୍ତି । ମୁଁ ରହୁଥିବା ଘରର ମାଲିକ ଅଦିଆ ପାମିଆର ଚାଷ ଥାଏ । ମକା, ବାଇଗଣ ବି ଲଗାଏ । ବଣରୁ କାଠ ଆଣି ଘରର ବାରିପଟେ ରଖିଥାଏ । ଘରେ ଝରକା ନଥାଏ । ଘର ଭିତରେ ପଶିଲେ ଅନ୍ଧାର ଆଉ ଅନ୍ଧାର । ରାତିରେ ବି ପରିବାରର ସମସ୍ତେ ବାରଣ୍ଡାରେ ଶୁଅନ୍ତି । ସକାଳ ହେବା ପୂର୍ବରୁ ପ୍ରାୟ ସାଢ଼େ ପାଞ୍ଚଟାରେ ଅଦିଆ ବିଲକୁ ଚାଲିଯାଏ ହଳ ଧରି । ନଈ କୂଳେ କୂଳେ ବାଇଗଣ ପ୍ରାୟ ଲାଗିଥାଏ । ମକା ଲାଗେ ବର୍ଷା ଋତୁରେ । ଗାଁକୁ ସଡକ ନଥିଲା । ପାଦଚଲା ରାସ୍ତାରେ ଯିବା ଆସିବା କରୁଥିଲେ ଗାଁ ଲୋକେ । ଗାଧୁଆ ପାଧୁଆ, ଲୁଗାପଟା ସଫା କରିବା, ରୋଷେଇ ପାଇଁ ପାଣିନେବା ପ୍ରତ୍ୟେକ କାର୍ଯ୍ୟରେ ନଈ ଉପରେ ନିର୍ଭର କରନ୍ତି । ଗାଁରେ ରହୁଥିଲେ ହରିଜନ ଲୋକ, ଗାଦବା ଲୋକ ଏବଂ ରଣା ଜାତିର ଲୋକ । ଗାଁଠୁ ଦୂରରେ କିଆବୁଦା ପାଖରେ ଥାଏ କୂଅଟିଏ । ପାଣି ଥାଏ । କେହି କେହି ବ୍ୟବହାର କରନ୍ତି ବିଶେଷ ଦରକାର ହେଲେ । ଖରାଦିନରେ କୂଅଟି କାମରେ ଆସେ ।

ଗାଁରେ ଝିଅଟି ପ୍ରାପ୍ତ ବୟସ୍କା ହେଲେ, ବାହା ହେଲେ, କାହା ଘରେ କିଏ ମରିଗଲେ ଗାଁ ସାରା ଲୋକେ ମିଳିମିଶି ତାହା ପାଳନ କରନ୍ତି । ଶୁଭ କାମରେ ଭୋଜି ହୁଏ । ବାଜା ବାଜେ ନାଚ ହୁଏ । ମଦ, ସଲପ୍, ହାଣ୍ଡିଆ ବ୍ୟବହାର କରନ୍ତି । ପ୍ରାୟ ସମସ୍ତଙ୍କ ବାରିପଟେ ଲମ୍ବା ସଲପ ଗଛଟାଏ ଥାଏ । ଶୀତ ଦିନରେ ସଲପ ରସ ନିର୍ଗତ ହୁଏ ତାକୁ ଏକ ମାଟି ପାତ୍ର କିମ୍ବା ରସପାତ୍ରରେ ସଂଗ୍ରହ କରାଯାଏ । ସେଇ ସଲପ ରସରେ କିଛି ଚେର ମିଶାଯାଏ । ଚେର ପଡ଼ିଲେ ନିଶାହୁଏ ବୋଲି କହନ୍ତି । ଗାଁରେ ସବୁ ପ୍ରକାର ପର୍ବପର୍ବାଣି ଚୈତପର୍ବ, ପୌଷ ପର୍ବ, ଧାନ ବୁଣା ଆରମ୍ଭ ବେଳେ ଏବଂ ଧାନ କଟା ବେଳେ ଗାଁ ଲୋକେ ବଡ଼ ଖୁସିରେ ପର୍ବପାଳନ କରନ୍ତି । ଢେମ୍‌ସା ନାଚନ୍ତି । ଜହ୍ନ ଆଲୁଅରେ ବସି ରାତିରେ ଗାଁର ଝିଅମାନେ ଗାଁର ଗୋଟାଏ ଜାଗାରେ ବସି ବଡ଼ ସୁମଧୁର

ସରରେ ଗୀତ ଗାଆନ୍ତି ଯାହା ଦେହ ମନକୁ ଛୁଇଁଯାଏ ଏବଂ ରାତିର ନିରବତାକୁ ଭଙ୍ଗକରି ଏକ ମନୋରମ ପରିବେଶ ସୃଷ୍ଟି କରିଥାଏ । ବିବାହ, ପିଲା ଜନ୍ମ କିମ୍ବା କାହାର ମୃତ୍ୟୁ ହେଲେ ବି ପରମ୍ପରା ଅନୁସାରେ ଭୋଜିର ଆୟୋଜନ କରାଯାଏ । ମୃତ ବ୍ୟକ୍ତିର ଦଶାହ ପାଳନ ପାଇଁ ଭୋଜିର ଆୟୋଜନ ପରେ ସମସ୍ତେ ଶୁଦ୍ଧ ହୋଇ ନାଟର ଆୟୋଜନ କରନ୍ତି । ମୃତ୍ୟୁ କ୍ଷେତ୍ରରେ ବି ଗ୍ରାମବାସୀ ଏ ଭଳି ଏକ ପ୍ରଥା ରଖିଥିବା କଥା ଆମକୁ ଆଶ୍ଚର୍ଯ୍ୟ ଲାଗେ । ଗାଁର ମଙ୍ଗଳ ପାଇଁ ଏକ ପୂଜାର ବିଧାନ ଥାଏ । ଏଥିରେ ପୂଜା, ବିଧାନ ସାରି କାଠରେ ଛୋଟ ଛୋଟ ରଥ ପରି ଗଢ଼ି ଗାଁ ଶେଷ ମୁଣ୍ଡରେ ନେଇ ତାକୁ ରଖି ଦେଇ ଆସନ୍ତି ।

ଜୀବନକୁ ସୁଖୀ କରିବା ପାଇଁ ଗାଁର ଆଦିବାସୀମାନେ ରାତିରେ ବସି ଗୀତ ଗାଇବା ସଙ୍ଗେ ସଙ୍ଗେ ଦେଶିଆ ନାଟ ଅଭ୍ୟାସ କରିବାର ପରମ୍ପରା ରହିଛି । ଗାଁର ସମସ୍ତ ଯୁବକ ଗଛ ପତ୍ରରେ କୁଡ଼ିଆଟିଏ କରିଥାନ୍ତି । କୁଡ଼ିଆଟି କେବଳ ରାତିରେ ନାଟ ଶିଖିବା ପାଇଁ ଉଦ୍ଦିଷ୍ଟ । ରାତିରେ ଖିଆପିଆ ସରିଲା ପରେ ଗାଁର ଯୁବକ ଓ ବୟସ୍କ ଲୋକମାନେ ସେଇ କୁଡ଼ିଆରେ ମେଳ ହୋଇ ଢୋଲ, ଗିନି, ମର୍ଦ୍ଦଳ ବଜାଇ ଆରମ୍ଭ କରନ୍ତି ନାଟ ଶିଖିବା କାମ । ଗାଁ ଲୋକେ ସେତେବେଳକୁ ଖାଇପିଇ ଶୋଇବାକୁ ପ୍ରସ୍ତୁତ ହେଉଥାନ୍ତି । ମୋର ଅଭିଜ୍ଞତା ଅଛି । ରୋଷେଇ ଚାଲିଥିବା ବେଳେ କିମ୍ବା ଭୋଜନ କରୁଥିବା ବେଳେ ମୋର ବାସସ୍ଥାନର ଖୁବ୍ ନିକଟରେ ଆରମ୍ଭ ହୁଏ ନାଟ ଶିଖିବାର କାର୍ଯ୍ୟକ୍ରମ । ପ୍ରାୟ ଦଶଟା ରାତି ପର୍ଯ୍ୟନ୍ତ ଏଇ ନାଟ ଶିଖିବା କାମ ଚାଲେ । ଏଇ ଆଦିବାସୀ ଗାଁର ଅନ୍ୟ ଏକ ପ୍ରଥା ଆଜିର ମଣିଷ ସଭ୍ୟତା ପାଇଁ ନିଶ୍ଚୟ ଏକ ଆଦର୍ଶ । ଆଦିବାସୀମାନଙ୍କର ଚଳଣି, ଆଚାର ବ୍ୟବହାର, ବିଧିବିଧାନ, ପ୍ରଥା ପ୍ରଭୃତିରେ କିଛିଟା ମାନବିକ ମୂଲ୍ୟବୋଧ ଥାଏ । ଯେମିତି ଗାଁରେ ଯିଏ ସମସ୍ତଙ୍କର ଗାଈଗୋରୁ, ଛେଳି ମେଣ୍ଢା ଚରାଏ, ସେ ପ୍ରତିରାତିରେ ସମସ୍ତଙ୍କ ଘର ଘର ବୁଲି ଭାତ, ତରକାରୀ ସଂଗ୍ରହ କରେ । ସେ ଆସିଲେ ପ୍ରତି ଘରର ସ୍ତ୍ରୀ ଲୋକେ ତା'ର ଏକ ଟୋକେଇ ଭଳି ପାତ୍ରରେ ଭାତ, ଡାଲି, ତରକାରୀ ଦିଅନ୍ତି । ସେ ସବୁକୁ ନେଇ ରାତ୍ରି ଭୋଜନ କରେ । ତାକୁ ଆଉ ରାତିରେ ରୋଷେଇ କରିବାକୁ ପଡ଼େ ନାହିଁ । ତା ଘରେ ଯେତେ ଜଣ ସଦସ୍ୟ ଥିବେ ସମସ୍ତେ ସେତିକି ସଂଗୃହୀତ ଖାଦ୍ୟ ପଦାର୍ଥକୁ ମିଳିତ ଭାବରେ ଆହାର କରନ୍ତି । ଏ ପ୍ରଥା କାହିଁ କେତେଦିନରୁ ଚଳି ଆସିଛି । ଗାଁରେ ଶଗଡ଼ କେତୋଟି ଥାଏ । ଏଗୁଡ଼ିକ ସହରକୁ ଧାନ ବିକ୍ରି କରି ନେବାକୁ କିମ୍ବା ହାଟକୁ ଧାନ ବିକ୍ରି କରି ନେବା କାର୍ଯ୍ୟରେ, କିମ୍ବା ଆବଶ୍ୟକ ପଡ଼ିଲେ କିଛି ଭାରୀ ବସ୍ତୁ ପରିବହନ କାର୍ଯ୍ୟରେ ବ୍ୟବହୃତ ହୁଏ ।

ଗ୍ରାମରେ ବଢ଼େଇ ଜଣେ, କମାର ଜଣେ, କୁମ୍ଭାର ଜଣେ ଥାଏ । ଏ ଗାଁରେ ଧୋବା ନାହିଁ । ହେଲେ ବଢ଼େଇ ଗାଁର ସମସ୍ତଙ୍କର ଆବଶ୍ୟକ ଖଟ, ପିଢ଼ା, ଶଗଡ଼ କାମ କରିଥାଏ । କମାର ଲୁହା କାମ କରିଥାଏ । ଗାଈଆଳ ଗାଈ ଚରାଏ ବର୍ଷା ସାରା । ଯେଉଁ ସମୟର କଥା କହୁଛି ସେ ସମୟରେ ଗାଁର ଚାରିଆଡ଼େ ବର୍ଷାଦିନେ କାଦୁଅ ହୁଏ । ଚାଲିବା କଷ୍ଟ ହୁଏ । ଭଲ ପାଣି ବ୍ୟବହାର ପାଇଁ ମିଳେ ନାହିଁ ।

ଏବେ ୨୦୧୧ ଯାଇ ୨୦୧୨ ଆସିଛି । ସେଇ ଗାଁର ଚିତ୍ର ବଦଳିଯାଇଛି । ଏବେ ମୁଁ ଆଗରୁ ରହୁଥିବା ଜାଗାରେ ସୁନ୍ଦର ସ୍କୁଲଟିଏ । ଏବେ ଗାଁକୁ ରାସ୍ତା ପଡ଼ିଚି । ଗାଁକୁ ଏବେ ଆସିଚି ବିଜୁଳି ଆଲୁଅ । ଗାଁ

ଲୋକେ ଏବେ ଆଉ ନିର୍ଭର କରୁନାହାନ୍ତି ନଈ ଉପରେ । ଏବେ ଗାଁରେ ହ୍ୟାଣ୍ଡପମ୍ପ ଥିବା ଜଳର ଉତ୍ସ ଅଛି । ଲୋକେ ଏବେ ଆଉ କଷ୍ଟ କରି ନଈ ପାରି ହେବାକୁ ପଡୁନାହିଁ । ନଈ ଉପରେ ପୋଲଟିଏ କଂକ୍ରିଟ ପୋଲଟିଏ ତିଆରି ହେଇଚି । ଅବଶ୍ୟ ନଈଟା ଏବେ ଆଉରି ବେଶୀ ଗଭୀର ଓ ଚଉଡ଼ା ହେଇଚି । ଏଇ ତିରିଶ ଚାଳିଶି ବର୍ଷର ବ୍ୟବଧାନରେ ବହୁତ କିଛି ବଦଳି ଯାଇଛି । ବଦଳିଯାଇଛି ଲୋକଙ୍କର ଜୀବନଶୈଳୀ । ଏବେ ଲୋକେ ସହଜରେ ଯା'ଆସ କରିପାରୁଛନ୍ତି । ଅବଶ୍ୟ ଆଜିବି ଗାଁର ଗଉଡ଼ ପିଲା, ଗାଈଆଳ ପିଲା ଗାଈ ଚରାଇ ନିଏ । ଅବଶ୍ୟ ପଲ୍ଲୀ ଗ୍ରାମରେ ଗଉଡ଼ ଜାତିର ଲୋକ ସବୁଠି ନାହାନ୍ତି କି ଏବେ ଗଉଡ଼ମାନେ ଗାଈଆଳ ହେବାର ପରମ୍ପରା ବି ଗାଁମାନଙ୍କରେ ନାହିଁ । ଛୋଟ ଗାଁରେ ବି ଏବେ ସହରୀ ସଭ୍ୟତାର ପ୍ରଭାବ । ଏବେ କାହାର ବେଳ ନାହିଁ ଟିକିଏ ଅଟକିଯିବାକୁ, କାହା ସହିତ କଥା ହେବାକୁ କି ଭଲମନ୍ଦ ବୁଝିବାକୁ । ହେଲେ ଏବେ ଗାଁର ପୂର୍ବର ଅବସ୍ଥା ନାହିଁ । ରାତିରେ ସେମିତି ପୁରୁଣା କାଳିଆ ପଦ୍ଧତିରେ କେହି ନାଟ ଗୁରୁ ଆସି ସେମାନଙ୍କଠାରୁ କିଛି ଚାଉଳ, ଟଙ୍କା ନେଇ ଆଉ ନାଟ ଶିଖାଇବାକୁ ଆସେ ନାହିଁ । ଲୋକେ ଏବେ ନୂଆ ପ୍ରକାର ନାଟ ଆଡ଼କୁ ମନ ବଳେଇଲେଣି । ଏବେ ନାଟରେ ଅନେକ ନୂତନ ଧରଣର ବାଦ୍ୟଯନ୍ତ୍ର ଯେପରି ହାରମୋନିୟମ, ବ୍ୟାଣ୍ଡ, ତୂରୀ, ଝାଞ୍ଜ ପ୍ରଭୃତି ବ୍ୟବହାର ହେଲାଣି । ଏବେ ସେଇ ଗାଁର ବରଗଛ ମୂଳେ ଗାଁ ଲୋକଙ୍କୁ କୃଷି ସଂପର୍କରେ କିଛି ପରାମର୍ଶ ଦେବା ପାଇଁ ଛୋଟିଆ କୃଷି କାର୍ଯ୍ୟାଳୟଟିଏ ଗଢ଼ି ଉଠିଲାଣି । ଏବେ ଆଦିବାସୀ ପିଲା ଯିଏ ଛୋଟିଆ ଗାମୁଛା ପିନ୍ଧି ସ୍କୁଲ ଆସୁଥିଲା ସିଏ ପ୍ୟାଣ୍ଟ୍ ପିନ୍ଧିଲାଣି । ସେମାନଙ୍କ ଭିତରୁ କେହି କେହି ଆଉ ଗାଁରେ ରହିବାକୁ ପସନ୍ଦ କରୁନାହାନ୍ତି । ସେମାନଙ୍କର ବେଶ, ପୋଷାକ, ପରିଧାନ, ଜୀବନଶୈଳୀ ବଦଳିଗଲାଣି । ଅବଶ୍ୟ ଏବେବ ବଳିଗୁଡ଼ା ଗାଁର ଅଧିକାଂଶ ଘର ଚାଳଘର, ଚାଳଛପର ଏବଂ ମାଟିର ଘର । କାଁଭାଁ ଗୋଟାଏ ଦୁଇଟା ପକ୍କା ଘର ହେଇଚି । ଏବେ ଆଦିବାସୀ ପରିବାରରେ ମୁଁ ସେଦିନ ଦେଖିବାର ଦୃଶ୍ୟ ବଦଳିଗଲାଣି । ଅବଶ୍ୟ ଢେଙ୍କି ଅଛି, ତଥାପି ବଢ଼େଇର କାମ ଆଉ ବେଶୀ ନାହିଁ । ଗାଁରେ ଆଉ ସେତେ ବେଶି ଜଙ୍ଗଲ ନାହିଁ । ରାସ୍ତାଘାଟ କିନ୍ତୁ ଖୁବ୍ ଭଲ ହୋଇଗଲାଣି । ଆଉ ସେଦିନ ନାହିଁ । ବିଦ୍ୟାଳୟରେ ବି ପିଲା ଆଗ ଦିନ ପରି ପଢ଼ିବାକୁ ନ ଆସି ରହୁନାହାନ୍ତି । ଗାଁ ଲୋକେ ବି ପାଠ ପଢ଼ିବାର ଆବଶ୍ୟକତା ଅନୁଭବ କଲେଣି ଯଦିଓ ଆହୁରି କିଛିଦିନ ଲାଗିବ ଆଦିବାସୀମାନଙ୍କର ଅଗ୍ରଗତି ପାଇଁ ।

***

# ଢେମ୍‌ସା ନାଚୁଥିବା ଧାଂଡ଼ୀ ଓଠର ଉହୁଡ଼ା ହସ:

ବିଜୟ ଉପାଧ୍ୟାୟ

ଆଦିବାସୀ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଂଗ ହେଉଚି ଢେମ୍‌ସା, ଅବିଭକ୍ତ କୋରାପୁଟ ଓ କଳାହାଣ୍ଡିରେ ବିଭିନ୍ନ ଆଦିବାସୀ ଗୋଷ୍ଠୀର ମୁଖ୍ୟ ଜୀବିକା ହେଉଛି ଚାଷ, ଶିକାର ଓ ଜଙ୍ଗଲ ଜାତ ଦ୍ରବ୍ୟର ସଂଗ୍ରହ । ଶ୍ରମ ବିଜଡ଼ିତ ଏଇ ଦୁଇ ଜୀବିକା ନିର୍ବାହ ପାଇଁ ଅଣ - ଆଦିବାସୀ ସଂପ୍ରଦାୟରେ ଆଗ୍ରହ କମି କମି ଚାଲିଥିବାବେଳେ ଆଦିବାସୀ ସଂପ୍ରଦାୟରେ ଏହା ବଢ଼ି ବଢ଼ି ଚାଲିଛି । କାରଣ ଶିକ୍ଷା ସେମାନଙ୍କ ମଧ୍ୟରୁ ମୁଖ୍ୟ ଭାଗ ଲୋକଙ୍କ ପାଇଁ ଏବେ ବି ଅପହଂଚ । ଯେଉଁ ୫/୧୦ ଭାଗ ମେଟ୍ରିକ୍ ଯାଉଛନ୍ତି ସେମାନେ ପ୍ରାୟତଃ ଗୋଷ୍ଠୀଠୁ ଅଲଗା ହୋଇଯିବାରେ ଅଧିକ ଆଗ୍ରହୀ । ବଡ଼ ବଡ଼ ସପ୍ନର କଥାତ ଦୂରର କଥା, ଛୋଟିଆ ସପ୍ନଟିଏ ମଧ ଦେଖିବା ସେମାନଙ୍କ ପକ୍ଷେ ଅସମ୍ଭବ । ତେଣୁ କଠିନ ଶ୍ରମମୟ ଜୀବିକା ସଂସାଧନ ସେମାନଙ୍କ ଆଗରେ ଏକମାତ୍ର ବିକଳ୍ପ ହୋଇ ଦେଖା ଦେଇଥାଏ । ସେ କୃଷି ପୁଣି ଏପରି କୃଷି ଯେ, ସେଥିରୁ ଗୋଟିଏ ପ୍ରକାର ହେଉଛି କୋଡ଼କିମାରୁ ପୋଡୁଚାଷ, ବା ଡଙ୍ଗର ଚାଷ, ଅନ୍ୟଟି ଅଣ ଜଳସେଚିତ ଜମିରେ ଜଙ୍ଗଲଚାଷ । ଯେଉଁଠି ଶହେକେ ଦଶ ଜମିରେ ଧାନ ରୁଆ ହୁଏ, ବାକି ସବୁରେ ବୁଣା । ଆଦିବାସୀ ଏଇ ଚାଷରୁ ଅଲ୍‌ସୀ, ମକା, ରାଶି, ଜନା, ସୁଆଁ, କାଙ୍ଗୁ, ମାଣ୍ଡିଆ ଓ ଧାନ୍ ଫଳାଇ ତା'ର ବର୍ଷକ ଗୁଜୁରାଣ ମେଣ୍ଟାଇବା ପାଇଁ ଚେଷ୍ଟା କରେ । କିନ୍ତୁ କଷ୍ଟେ କଷ୍ଟେ ଜୀବଜନ୍ତୁ ଓ ସାହୁକାର ଦାଉରୁ ଫସଲକୁ ରକ୍ଷା କରି ସେ ୬ ରୁ ୮ ମାସ ଚଳେ । ବାକି ୪ ବା ୬ ମାସ ପାଇଁ ତାକୁ ଜଙ୍ଗଲ ଭିତରକୁ ଯିବାକୁ ପଡ଼େ । ବନଦେବୀର ଶରଣ ନେବାକୁ ପଡ଼େ । ଦୁଇ ମାସ ସେ ମହୁଲ, ଟୋଲ ସଂଗ୍ରହ କରି ଓ କେନ୍ଦୁପତ୍ର ତୋଳି ଚଳେ ତ ଆଉ ଦୁଇ ଚାରି ମାସ ଶାଳମଂଜି, ଅଁଳା, ବାହାଡ଼ା, କନ୍ଦା, ଛତି, ବାଉଁଶ କରଡ଼ି ଇତ୍ୟାଦି ସଂଗ୍ରହ କରି ଓ କୁଲି ଭୁତି ଯାଇ ଭୋକେ ଉପାସେ ଚଳିବାକୁ ପଡ଼େ ନାହିଁ । ଯଦି ତଥାପି ଚୁଲି ନ ଜଳିଲା, ସେ ଗାଁ ଛାଡ଼ି ବିଦେଶକୁ ଦାଦନ ଯାଏ ହାଣ ମୁହଁକୁ ଛେଳି ଗଲାଭଳି ।

ଏହିଭଳି ଅଧାପୁରା ପେଟର ଭୋକକୁ ବହଲେଇବା ପାଇଁ ସାହୁକାରୀ ଶୋଷଣ ଓ ଅଧିକାରୀ ଜୁଲୁମ୍‌ର ଦୁଃଖକୁ ଭୁଲି ସେ ଢେମ୍‌ସା ନାଚେ, ଚଇତିଗାଏ, ପରବ ପରେ ପରବପାଳେ ବେଣ୍ଟକୁ ଯାଏ, ଦିସାରୀ ଗୁରୁମାୟୀର ଭବିଷ୍ୟବାଣୀ ଶୁଣିବାପାଇଁ ବୀରୁ କରେ । ଅଂଲେବ୍ରୀ ମାତାଠାରୁ ଆରମ୍ଭ କରି କେତେକେତେ ଡୁମା ଦେବ ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ କୁକୁଡ଼ା, ଛେଳି ବଳି ଦିଏ । ସଲପ ପିଏ ଓ ଢେମ୍‌ସା ନାଚି ନାଚି ରାତିପରେ ରାତି ବିତାଇ ଦିଏ । ଏଇ ନାଚ ଗୀତ ପାଲଟିଯାଏ ତା' ଜୀବନର ଏପରି ଏକ ଅବିଚ୍ଛିନ୍ନ ଅଙ୍ଗ ଯେ, ସେ ଅଲ୍‌ସୀ ମିଣ୍ଡିଲାବେଳେ, ଧାନ କାଟିଲାବେଳେ, ମାଣ୍ଡିଆ ବୁନ୍‌ଲାବେଳେ, ବେଣ୍ଟକୁ ଯିବାବେଳେ, ହାଟେ ବାଟେ ପୁନେଇ ପରବ ଗତିଆ ଘର ବିଭାମୃତ୍ୟୁ ସବୁ କାର୍ଯ୍ୟରେ ଗୀତ ହିଁ ଗୀତ ଗାଏ, ନାଟ ହିଁ ନାଟ ନାଚେ ।

ଏଇ ଗୀତ ଓ ନାଚର ଗୋଟିଏ ଅଲଗା ମହକ ଅଛି । ଜଣେ ଦେଶିଆ ଆଦିବାସୀ ପାଇଁ ତାହା ହେଉଚି ତା'ର ଜୀବିକାର ସଂଗୀତ । କିନ୍ତୁ ଜଣେ ହୃଦୟୀ ଅଣ ଆଦିବାସୀ ପାଇଁ ତାହା ସ୍ୱର ଓ ଛନ୍ଦରେ ଭରା ଦୁଃଖୀ ପାସୋରା ଏକ ଇମେଜ୍ । ଜଣେ ବ୍ୟବସାୟୀ -ସାହୁକାର ପାଇଁ ତା ହେଉଚି ବେପାର ପସରା ବା ଶୋଷଣ ପସରା ମେଲାଇବାର ଏକ ମଉକା । ଗୋଟିଏ ଅଲଗା କଥା - ସେଠାକାର ଉନ୍ମାଦନା ଦେଖିଲେ ଜଣକର ମନପ୍ରାଣ ଉଭଲା ହେବ ହିଁ ହେବ । କିନ୍ତୁ ସେଇ ନାଚକୁ ବ୍ଲକ୍ ବା ଜିଲ୍ଲା ମୁଖ୍ୟ ସହର ବା ରାଜ୍ୟ ମୁଖ୍ୟ ସହରକୁ ଆମଦାନୀ କଲେ ସେଥିରୁ ଯାହା ହଜିଯାଏ ତା' ହେଉଚି କାର୍ଯ୍ୟକାରଣ ସଂପର୍କ । ଯାହା ପାଇଁ ଯିଏର ସଂପର୍କ । ଢେମ୍‌ସା ନାଚ ଓ ଗୀତ abstract ବି ବିଶୁଦ୍ଧ ପାଲଟି ଯାଏ । ଆଉ ତୁମେ ସହଜରେ ଉପଲବ୍ଧି କରିବ ଯେ ଢେମ୍‌ସା ନାଚୁଥିବା ଆଦିବାସୀ ଧାଂଡ଼ା ଧାଂଡ଼ୀଙ୍କ ମୁହଁରୁ ଉଜୁଡ଼ି ଯାଇଚି ହସ - ଠିକ୍ ଅତିବୃଷ୍ଟି ବା ଅନାବୃଷ୍ଟି ସକାଶେ ତା କ୍ଷେତରୁ ଫସଲ ଉଜୁଡ଼ିଯିବାଭଳି ।

କାର୍ଯ୍ୟକାରଣ ସଂପର୍କ ରହିତ ପରବ, ମଣ୍ଡେଇ, ଚଇତି ବା ମାଲ୍ୟବନ୍ତ ମହୋତ୍ସବ ଇତ୍ୟାଦି ପ୍ରାୟୋଜିତ ନାଟ ଗୀତ ଓ ପ୍ରତିଯୋଗିତାମାନଙ୍କରେ ତାହାହିଁ ଘଟୁଛି । ଧାଂଡ଼ା ଧାଂଡ଼ୀମାନଙ୍କ ଢେମ୍‌ସା ନାଚଗୀତ ବା ଦେଶିଆନାଟ ସବୁ କୃତ୍ରିମ ଲାଗୁଛି । ସତେ ଯେପରି ସେଠି ହଜିଯାଇଚି ଜୀବନସ୍ପନ୍ଦ । ଭାଗ ନେଉଥିବା ଅଧିକାଂଶ ନଟନଟୀ ମଧ ସରକାରୀ ଆଶ୍ରମ ସ୍କୁଲର ଛାତ୍ରଛାତ୍ରୀ ବା ନୂଆକରି ସରକାରୀ ସାହାଯ୍ୟରେ ସୁଧଖୋରୀ କାରବାର ଆରମ୍ଭ କରିଥିବା ସ୍ୱୟଂ ସହାୟକ ଗ୍ରୁପ୍‌ମାନଙ୍କର ଦଳ ।

ଅନ୍ୟ ଏକ କାରଣ ହେଉଚି ଆଦିବାସୀ ସମାଜ ଉପରେ ମାଡ଼ି ଆସୁଥିବା ବିଭିନ୍ନ ସରକାରୀ, ବେସରକାରୀ ପ୍ରକଳ୍ପର ଦନ୍ତାହାତୀ ଆକ୍ରମଣ । ଜଳ, ଜଙ୍ଗଲ ଓ ଜମି ଉପରେ ଫରେଷ୍ଟ କର୍ପୋରେସନ ଓ ବିଭିନ୍ନ କଂପାନୀ / କର୍ପୋରେଟ୍‌ମାନଙ୍କ ଆକ୍ରମଣ ଏମିତି ଏକ ଅବସ୍ଥାରେ ପହଞ୍ଚିଗଲାଣି ଯେ ସେଠି ନିର୍ବାଚିତ ପଞ୍ଚାୟତ କର୍ମକର୍ତ୍ତା ଓ ଗ୍ରାମସଭାଠାରୁ ଆରମ୍ଭ କରି ବିଧାନସଭା ଓ ସଂସଦର ପ୍ରତିନିଧି ପର୍ଯ୍ୟନ୍ତ ସମସ୍ତେ ଡରିମରି କାକୁସ୍ଥ । ତୁମ ଜମି, ଜଙ୍ଗଲ, ଡଙ୍ଗର, ପର୍ବତ ଦେବ କି ନ ଦେବ ସେ ଆଇନ୍‌ଗତ ହକ୍ ତୁମକୁ ଦିଆଯାଇଛି । କିନ୍ତୁ ତୁମେ 'ନା' କହିପାରିବ ନାହିଁ । ନା କହିଲେ ଅବସ୍ଥା ଗୋଲ୍ - ଜିଲ୍ଲାପାଳଙ୍କ ରିପୋର୍ଟ ଯିବ - ଠିକ୍ ଭାବେ ଗ୍ରାମସଭା - ପଞ୍ଚାୟତ ସଭା ଡକାଯାଇନି । ଯେହେତୁ ସେକ୍ରେଟେରୀ ବା ଭିଏଲ୍‌ଡବ୍ଲୁମାନେ ସରକାରୀ କର୍ମଚାରୀ - ତେଣୁ ଅଲିଖିତ ସରକାରୀ ଆଦେଶନାମାରେ ଦାସ । ସୁତରାଂ ସରପଞ୍ଚ ସସ୍‌ପେଣ୍ଡ୍ ହେବ କିମ୍ବା ଗିରଫ ହେବ - ଯାହା ଘଟିଛି ଦେଓମାଳୀ ଅଞ୍ଚଳରେ । ଘଟିଛି ପୋସ୍କୋରେ, କାଶୀପୁରରେ । ତେଣୁ ପେସା (PESA) ଆଇନ୍ ପାଲଟିଛି ଧର୍ମକୁ ଆଖିଠାର । ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ୍ ତ ଆଦିବାସୀମାନଙ୍କୁ ଆଦିବାସୀ ବୋଲି ମାନିବାପାଇଁ ନାରାଜ, କାରଣ ତାହା କରାଗଲେ ଅଧିକାଂଶ ଦଖଲୀ ଜଙ୍ଗଲଜମି ବନବାସୀମାନଙ୍କ ହାତକୁ ଚାଲିଯିବ । ତେଣୁ ସେଇ ଆଇନ୍‌ରେ ଆଦିବାସୀ ଅଣ ଆଦିବାସୀମାନଙ୍କ ମଧରେ ଯୋଜନେ ଦୂରତ୍ୱ ସୃଷ୍ଟି କରାଯାଇ ଅଣ ଆଦିବାସୀ ଦଖଲକାରୀମାନଙ୍କୁ ୩ ପୁରୁଷ ବା ୭୫ ବର୍ଷର ଦଖଲଦାରୀର ପ୍ରମାଣ ଦେବାପାଇଁ କୁହାଯାଇଚି, ଯାହା ସରକାରୀ ରେକର୍ଡ଼ ରୂପେ ଉପସ୍ଥାପିତ କରାଯିବା ଏକାନ୍ତ

ଅସମ୍ଭବ । କାରଣ ସେତେବେଳେ ଅର୍ଥାତ୍ ସ୍ୱାଧୀନତା ପୂର୍ବରୁ ଜଙ୍ଗଲ ଜମି ଅଧିକାରର କୌଣସି ପ୍ରକାର ରେକର୍ଡ଼ ହିଁ ନଥିଲା । ତେଣୁ ସବୁ ଜମି ଅବଧାରିତ ଭାବେ କଂପାନୀ - କର୍ପୋରେଟ୍‌ମାନଙ୍କ ହାତକୁ ଯିବ ହିଁ ଯିବ । ଏହି ଭୟାନକ ଭବିଷ୍ୟତ ସବୁ ସଂପ୍ରଦାୟର ଆଦିବାସୀମାନେ ଜଳଜଳ କରି ଦେଖିପାରୁଛନ୍ତି । ତେଣୁ ଢେମ୍‌ସା ନାଚର ସ୍ୱାଭାବିକତାକୁ ଏହା ଧୀରେ ଧୀରେ ଗ୍ରାସ କରିବାରେ ଲାଗିଛି । ଗୋଟିଏ ପଟେ ରାଷ୍ଟ୍ର କାପଟ୍ୟ ଓ ଅନ୍ୟପଟେ ସେମାନଙ୍କ ଅର୍ଥନୈତିକ ଜୀବନ ଉପର ନାତ୍ - ଏହାରି ଭିତରେ ସନ୍ତୁଳିତ ଆଦିବାସୀର ସ୍ୱଭାବ ଢେମ୍‌ସା ନାଚ ଆଜି ରାହୁଗ୍ରାସ୍ତ ହେବାରେ ଲାଗିଛି ।

ସ୍ୱାଭାବିକ ଭାବେ ଏହି ସଂକଟ ଗ୍ରସ୍ତ ଅର୍ଥନୈତିକ ଭବିଷ୍ୟତକୁ ସମ୍ଭାଳିବାକୁ ଯାଇ ଧାଂଡ଼ା ଧାଂଡ଼ୀମାନେ ବହୁ ସଂଖ୍ୟାରେ ଦାଦନ ଯିବାକୁ ଆରମ୍ଭ କରିଛନ୍ତି । ଏଡା ଉପରେ ଯଦିଓ ବିଧିବଦ୍ଧ ଅଧ୍ୟୟନ ଆଜି ପର୍ଯ୍ୟନ୍ତ ହୋଇନାହିଁ, ତେବେ ପ୍ରତି ଗାଁରେ ପ୍ରାୟ ୨୦ରୁ ୨୫ ଭାଗ କିଶୋରୀ ଓ ଯୁବ ଯୁବତୀ ପ୍ରତିବର୍ଷ ମରଣ ତୀର୍ଥ ଗଲାଭଳି ଦାଦନ ଯାଉଛନ୍ତି । ଫଳରେ ୨/୩ଟି ବିଶିଷ୍ଟ ପରବ ଯଥା ଚଇତି, ପୁଷ୍ ପରବ ଓ ଆସା ପରବକୁ ଛାଡ଼ି ଦେଲେ ବାକୀ ସବୁ ପରବ କେବଳ ବିଧି ବିଧାନ ରକ୍ଷାରେ ସୀମିତ ହେବାରେ ଲାଗିଛି । ଢେମ୍‌ସା ନାଚର ମୁଖ୍ୟ ନାୟକ ନାୟିକାମାନଙ୍କ ଅନୁପସ୍ଥିତି ଫଳରେ ଯାହା ବା ନାଚଗୀତ ହେଉଚି ତାହା ମୁଖ୍ୟତଃ କୃଷି କାର୍ଯ୍ୟରୁ ଛୁଟି ମନାଇବାରେ ପର୍ଯ୍ୟବେସିତ ହୋଇଯାଇଛି ।

ତା' ସାଙ୍ଗକୁ ଆଧୁନିକ ଟି.ଭି. ଓ ଭିଡ଼ିଓ ସଂସ୍କୃତିର ଆକ୍ରମଣ ତା'ର ଚମତ୍କାରିତା ଦେଖାଇବାରେ ଲାଗିଛି । ଯେଉଁ ସବୁ ସାମାଜିକ କର୍ମ ଯଥା ବିଭା, ପିଲା ଜନ୍ମ ଓ ମୃତ୍ୟୁର ବେଳେ ଢେମ୍‌ସା ଏକ ଅପରିହାର୍ଯ୍ୟ ଅଙ୍ଗଥିଲା, ତା'ର ସ୍ଥାନ ନେଇଯାଇଚି ରାତି ରାତି ଭିଡ଼ିଓ ପ୍ରଦର୍ଶନ । ଦିନଥିଲା, ଯେତେବେଳେ ଜହ୍ନରାତିରେ ଢେମ୍‌ସା ନାଚ ଥିଲା ଭାରୀ ସ୍ୱାଭାବିକ । କିନ୍ତୁ ଏବେ ଜହ୍ନ ରାତି ସବୁ ଟିଭି ଓ ଭିଡ଼ିଓ ପ୍ରଦର୍ଶନର ଚମତ୍କାରିତା ଭିତରେ ବେକାର କଟୁଚି । ଏପରିକି ଅଭ୍ୟନ୍ତରରେ ଥିବା ଗାଁମାନଙ୍କରେ ମଧ୍ୟ ଏହି ପ୍ରଭାବ ପ୍ରଚୁର ଅନୁଭୂତ ହେଲାଣି ।

ପରବର୍ତ୍ତୀ ସମସ୍ୟା ହେଉଚି ତା'ର ଖାଦ୍ୟ ବିପର୍ଯ୍ୟୟ । ଅର୍ଥାତ୍ କୃଷି ବିପର୍ଯ୍ୟୟ ଓ ଶୀକାର ବିପର୍ଯ୍ୟୟ । ଶୀକାର ବିପର୍ଯ୍ୟୟ କଥାଟି ସହଜରେ ବୁଝିହୁଏ । ଜଙ୍ଗଲ ସଂକୋଚନ, ଜୀବଜନ୍ତୁଙ୍କର ସଂଖ୍ୟା ହ୍ରାସ ଓ ବନ୍ୟଜନ୍ତୁ ଶୀକାର ଉପରେ କଟକଣା ଧୀରେ ଧୀରେ ଆଦିବାସୀର ଚଇତି ବେଣ୍ଟ ପରବକୁ କେବଳ ଏକ ଆନୁଷ୍ଠାନିକତାରେ ପରିଣତ କରିଛି । ଦିଶାରି, ନାୟକ, ପୁଜାରି ଓ ବାରିକଙ୍କର ସହଯୋଗରେ ଆନୁଷ୍ଠାନିକ ବୀରୁ ଓ ଲାଖିବିନ୍ଧା ଇତ୍ୟାଦି ସରିବାପରେ ଲୋକେ ଜଙ୍ଗଲକୁ ଯାଆନ୍ତି ସତ, କିନ୍ତୁ ୩ ଦିନ ବା ସାତ ଦିନ ବଦଳରେ ଗୋଟିଏ ଦିନ ମଧରେ ଗାଁକୁ ଫେରି ଆସନ୍ତି । କେବେ କେମିତି ଗୋଟେ ଅଧେ ବାରିହା, ଖାରା କିମ୍ବା ବଣ ମୂଷା ସିନା ଶୀକାର ହୁଏ । କିନ୍ତୁ ପ୍ରାୟତଃ ଶୀକାରୀ ଦଳ ଖାଲି ହାତରେ ହିଁ ଫେରନ୍ତି ଓ ଗାଁରେ ଧାଂଡ଼ୀ ଓ ଡୋକ୍ରୀମାନଙ୍କର ଟଅଡ଼େ ଗୀତ ଓ ଗୋବର ମାଡ଼ର ଗଂଜଣା ସହନ୍ତି । କିନ୍ତୁ ଶେଷ ପର୍ଯ୍ୟନ୍ତ ଛେଳି କିମ୍ବା ଘୁଷୁରି ବା ମଇଁଷି ବଳି ଦେଇ ବେଣ୍ଟ୍ ପରବର ବିଧି ସମ୍ପୂର୍ଣ୍ଣ କରିବାକୁ ପଡ଼େ । ଏଥିରେ ଆଦିବାସୀର ଦିନକର ଖାଦ୍ୟ କଷ୍ଟ ମଧ ଭରଣା ହୁଏ ନାହିଁ ।

ଦ୍ୱିତୀୟରେ କୃଷିକ୍ଷେତ୍ରରେ ବିପର୍ଯ୍ୟୟ ସାର ଓ ଔଷଧ ନିର୍ଭର ହାଇବ୍ରିଡ୍ ବିହନ ବା ବିଦେଶୀ ବିହନ ଧୀରେ ଧୀରେ ଦେଶୀ ବିହନକୁ ଦୂରେଇ ଦେଲାଣି । ଅବିଭକ୍ତ କୋରାପୁଟ ଜିଲ୍ଲାର ବେଡ଼ା, ଡଙ୍ଗର, ପାହାଡ଼, ଅଟାଲ୍ ଓ ଗନ୍ଧି ଇତ୍ୟାଦି ବିଭିନ୍ନ ପ୍ରକାର ଜମିରେ ପାରଂପରିକ ଭାବେ ବିଭିନ୍ନ ପ୍ରକାର ପାଚି ଉତ୍ପାଦନ କରାଯାଉଥିଲା । ଏଥିପାଇଁ ଲୋଡ଼ା ହେଉଥିବା ଭୂମିର ଗୁଣ ତଥା ପାଗ ଯୋଗ ଇତ୍ୟାଦି ବିଷୟରେ ଆଦିବାସୀର କୃଷି ଜ୍ଞାନ ବେଶ୍ ପୁଷ୍କଳ ଥିଲା । ବିଭିନ୍ନ ପ୍ରକାର ପାଚି ପରସ୍ପରକୁ ଅର୍ଥାତ୍ ପରସ୍ପରର ଅଭିବୃଦ୍ଧିକୁ ସାହାଯ୍ୟ କରୁଥିଲେ । ଏପରିକି ପରସ୍ପରର ରୋଗ ଓ ପୋକକୁ ମଧ୍ୟ ନିୟନ୍ତ୍ରଣ କରୁଥିଲେ । । ଏହିସବୁ ପାରମ୍ପରିକ ଶସ୍ୟ ମଧ୍ୟରେ ମାଣ୍ଡିଆ, ସୁଆଁ, କାଙ୍ଗୁ, ଜନା, ଖେଡ଼୍ଚଣା, ଡଙ୍ଗର, ରାଗୀ, କୋଶଲା, ରେଙ୍ଗୋଇ, ଗୁଲ୍ଜୀ, ଅଲ୍ସୀ, ମକା, ଜୁଡ଼ଙ୍ଗ, କାନ୍ଦୁଲ, ବିରି, କୋଳଥ, ବାଜରା, ରାଶି, ସିମ୍, ବୁଟାସିମି, ସାମେଲ୍, ଜିପା, କୁୟାଁ, ବାଇଲ, କଦ ଇତ୍ୟାଦି ପ୍ରଧାନ । ତାକୁ ଛାଡ଼ି ରହିଛି ବିଭିନ୍ନ ପ୍ରକାରର ମାଟିଆଳୁ, ହଳଦୀ, ଅଦା, ପିପଲ୍, ପାଲୁଅ ଇତ୍ୟାଦି ମାଟି ତଳର ଫସଲ ଏବଂ କଦଳୀ, ଅମୃତଭଣ୍ଡା, ସଜନା, କୁମୁଡ଼ା ଓ ଚାରକୁମୁଡ଼ା ଇତ୍ୟାଦି ପରିବା ଫସଲ । ଦେଶୀ ଧାନ ସହ ମିଶ୍ର ଚାଷ ପାଇଁ କାନ୍ଦୁଲ, କୋଳଥ, ଖେଡ଼ଚଣା, ଜନା ଓ ମକା ଇତ୍ୟାଦି ପ୍ରାୟତଃ ସବୁଆଡ଼େ ନିୟମିତ ଭାବେ ବ୍ୟବହାର କରାଯାଉଥିଲା । ସମୟ ଅନୁଯାୟୀ ବିଭିନ୍ନ ମାସରେ ୫ ପ୍ରକାରର ମାଣ୍ଡିଆ ଓ ୭ ପ୍ରକାରର ସୁଆଁ ଉତ୍ପାଦାନ ହେଉଥିଲା । ମେ ଅଧାରୁ ସେପ୍ଟେମ୍ବର ଅଧା ଯେଉଁ ଆଦିବାସୀ ଅତି ଅଭାବରେ ଥାଏ, ସେହି ଚର୍ତୁମାସିଆ ସମୟରେ ସାନ ମାଣ୍ଡିଆ ଅମଳ ହୁଏ । ଗୁରୁଡ଼ି, ସୁଆଁ ଓ ବୁରି ସୁଆଁର ମଧ୍ୟ ସାନ ଅମଳ - ଅର୍ଥାତ୍ ଏପ୍ରିଲ୍‌ରେ ବୁଣା ଓ ଜୁଲାଇରେ ଅମଳ । ଗୁଲ୍ଜୀ ମଧ୍ୟ ବର୍ଷକୁ ଦୁଇଥର ଅମଳ ହେଉଥିଲା । ଏପରିକି ଯେଉଁ ଦେଶୀ ଧାନ ସବୁ ଚାଷ ହେଉଥିଲା, ଜମି ଅନୁଯାୟୀ ସେ ସବୁ ଭିନ୍ନ ଭିନ୍ନ କିସମର ଥିଲା ଏବଂ ଭିନ୍ନ ଭିନ୍ନ ସମୟରେ ବୁଣା ଓ ଅମଳ ହେଉଥିଲା । ବିଶେଷ କରି ମହୁଲ କୁଂଚି ଓ ଦଶରାବାଟି ଧାନ ସାନ ଅମଳ କିସମର ବିହନ । ସେପ୍ଟେମ୍ବର ସୁଦ୍ଧା ଏହାର ଅମଳ ହୋଇଯାଏ । ଫଳରେ ଖାଦ୍ୟଭାବ ପଡ଼େ ନାହିଁ । କିନ୍ତୁ ବର୍ତ୍ତମାନ ସରକାରୀ ଓ କମ୍ପାନୀ ବିହନ - ସବୁ କିଛି ହେଉଛି ବଡ଼ ଅମଳ କିସମର । ଡିସେମ୍ବର - ଜାନୁୟାରୀ ମାସରେ କଟାହୁଏ । ପାରଂପରିକ ସବୁ ପ୍ରକାର ବିହନ ବିଲୋପ ପଥରେ । ମାଲ୍‌କାନ୍‌ଗିରିର ଅନ୍ୟାନ୍ୟ ପ୍ରାୟ ୧୦/୧୫ କିସମର ଧାନ ବିଲୁପ୍ତପ୍ରାୟ । ସେହିପରି ମିଶ୍ର ଚାଷ ପ୍ରଥା କମି କମି ଚାଲିଛି । ମାଣ୍ଡିଆ, ସୁଆଁ ଓ ଜନାର ଚାଷ ମଧ୍ୟ କମି ଚାଲିଛି ।  ଦିନେ ମାଣ୍ଡିଆ ଜାଉ ମିଳିବା କଷ୍ଟକର ହୋଇପଡ଼ିବ । ମାଣ୍ଡିଆ ଓ ସୁଆଁର ଗୋଟିଏ ଲେଖାଏଁ କିସମ ଉପଲବ୍ଧ । ତାହା ପୁଣି ଅବିଭକ୍ତ କୋରାପୁଟର ଚାଷ ଯୋଗ୍ୟ ଜମିର ପ୍ରାୟ ୨୦ଭାଗରେ ହିଁ କରାଯାଉଥିବା ଅନୁମେୟ । ଫଳରେ ଖାଦ୍ୟ ଅଭ୍ୟାସରେ ମଧ୍ୟ ପରିବର୍ତ୍ତନ ଘଟୁଛି ।

ଏହି ଚାଷ ଯୋଗ୍ୟ ଜମିର ଗୋଟିଏ ବେଶ୍ ବଡ଼ ଅଂଶ କାଗଜକଲମାନଙ୍କର କାଗଜବୃକ୍ଷ ଚାଷ ପାଇଁ ବେଆଇନ୍ ଲିଜ୍ ମାଧ୍ୟମରେ କମ୍ପାନୀର ଦଲାଲ୍‌ମାନଙ୍କ ହାତକୁ ଚାଲିଯାଇଛି । ରାୟଗଡ଼ାର ଜେ. କେ. ପେପରମିଲ୍, ଜୟପୁରର ବାଲାରପୁର କାଗଜକଳ, ନବରଂଗପୁର ମଙ୍ଗଳମ୍ ଟିମ୍ବରସ୍, ବିଭିନ୍ନ ତଥା କଥିତ ଏନ୍.ଜି.ଓ. ଓ ସ୍ଥାନୀୟ ଦଲାଲ୍‌ମାନଙ୍କର ସାହାଯ୍ୟ ନେଇ ଚାରି ଜିଲ୍ଲାର ହଜାର ହଜାର ଏକର ଜମି ହସ୍ତଗତ

କରି ଏଥିରେ ଆକାଶିଆ, ୟୁକାଲିପଟାସ୍ ଓ ଗଜୁଣ୍ଡା ଚାଷ କରି ଆସୁଛନ୍ତି । ଏହି ପ୍ରକ୍ରିୟାରେ ଚାରି ଜିଲ୍ଲାରେ ଚାରି ଚାରିଟି ବଡ଼ ବଡ଼ ନଦୀ ବନ୍ଧ ପ୍ରକଳ୍ପର ଅତ୍ୟାଚାର ପରେ ବଂଚି ଯାଇଥିବା ସୀମିତ ଚାଷ ଜମି ଆହୁରି ସଂକୁଚିତ ହୋଇଛି । ଠିକ୍ ଏତିକି ବେଳେ ଧୂମକେତୁ ଭଳି ଦେଖା ଦେଉଛନ୍ତି ନାଲ୍‌କୋ ଭଳି ସରକାରୀ ଖଣିଭିତ୍ତିକ ଶିଳ୍ପ ଓ ତା' ସାଙ୍ଗକୁ R.C.B., ଆଲ୍‌କାନ୍ ଓ ବେଦାନ୍ତ ଆଦି ବେସରକାରୀ ଅର୍ଥାତ୍ ଘରୋଇ ପୁଞ୍ଜିଦ୍ୱାରା ପରିଚାଳିତ ଖଣିଭିତ୍ତିକ ଶିଳ୍ପ । ଏହି ମାଲିକମାନେ ସରକାରୀ କଳ ଓ ତଥାକଥିତ ଜନମଙ୍ଗଳକାରୀ ଆଇନ୍‌ର ସାହାଯ୍ୟ ନେଇ ତଥା ବିଭିନ୍ନ ଦମନମୂଳକ ପନ୍ଥା ଆପଣେଇ ଗାଁ ପରେ ଗାଁ ଦଖଲ କରିବାରେ ଲାଗିଛନ୍ତି । ଆଉ ତାକୁ ବିରୋଧ କରି ଚାରିଆଡ଼େ ଜୁଆର ଭଳି ମାଡ଼ି ଉଠୁଥିବା ଲୋକଙ୍କ ସଂଗ୍ରାମକୁ କେମିତି ନୂଆ ନୂଆ ଉପାୟରେ ଦମନ କରାଯିବ । ସେଥିରେ ସରକାରୀ କଳ ବ୍ୟସ୍ତ ରହୁଛି । ତେଣୁ ଅର୍ଥରାଜନୈତିକ ସଂକଟର ଚକ୍ରବ୍ୟୂହ ମାଡ଼ ସାଙ୍ଗକୁ ଖାଦ୍ୟାଭାବର ଯାତନା ସବୁ ସଂପ୍ରଦାୟର ଆଦିବାସୀଙ୍କୁ ମ୍ରିୟମାଣ କରି ଦେବାରେ ଲାଗିଛି ।

ଅନ୍ୟ ପକ୍ଷରେ ଅଧିକ ଅମଳକ୍ଷମ ଧାନ ସାଂଗକୁ ସେହି ୧୯୯୦ ଆଡ଼କୁ ବ୍ୟାପକଭାବେ ଆନ୍ଧ୍ର ବ୍ୟବସାୟୀମାନଙ୍କର ଅର୍ଥକାରୀ କୃଷି ଯଥା : ମରୀଚ, କପା, ଲେମନ୍ ଗ୍ରାସ୍, ଧୂଆଁପତ୍ର ଓ ଆଖୁ ଏହି ଅଞ୍ଚଳରେ ପ୍ରବେଶ କଲା । ଅର୍ଥ ଲୋଭ ଦେଖାଇ ବାହାରର ଚାଷୀମାନେ ଶହ ଶହ ଏକର ଜମି ବେଆଇନ୍ ଲିଜ୍ ଜରିଆରେ ଅଧିକାର କରିନେଲେ ଓ ଚାଷ କରିବାକୁ ଲାଗିଲେ । ଏତେବଡ଼ ସାମାଜିକ, ଅର୍ଥନୈତିକ ଦୁର୍ଦ୍ଦଶାର ପରିଣତିକୁ ସାମୟିକ ଭାବେ ଘୋଡ଼ାଇ ଦେବାପାଇଁ କାର୍ଯ୍ୟକଲା ବି.ପି.ଏଲ୍. ଯୋଜନା । ଜମି ହରାଉଥିବା ଆଦିବାସୀ ଗତ ୧୦/୧୨ ବର୍ଷ ଭିତରେ ବି.ପି.ଏଲ୍ ଯୋଜନାକୁ ଏକ ଅର୍ଥ-ରାଜନୈତିକ ବାସ୍ତବତା ରୂପେ ଗ୍ରହଣ କରି ନେଇ ତା' ଉପରେ ନିର୍ଭର କରିବାକୁ ଶିଖିଲା । ତଥାପି ବି.ପି.ଏଲ୍. ତାଲିକାର ପେଞ୍ଚରେ ପଶି ନ ପାରି କେତେ ନା କେତେ ଭୂମିହରା ବାସ୍ତୁହରା ଆଦିବାସୀ ଦେଶାନ୍ତରୀ ଦାଦନ ହେବାକୁ ବାଧ୍ୟ ହେଲେ । ଫଳରେ ଡେମ୍‌ସା ସଂସ୍କୃତିର ମଧ୍ୟ ଧୀରେ ଧୀରେ ଅବକ୍ଷୟ ଘଟିବାରେ ଲାଗିଲା ଓ ଲାଗିଛି ।

ଏଇ କ୍ଷେତ୍ରରେ ଶିକ୍ଷାର ନକାରାତ୍ମକ ପ୍ରଭାବ କିଛି କମ୍ ନୁହେଁ । ପାଠ ପଢ଼ିବାପାଇଁ ଗାଁ ଛାଡ଼ି ପାଖ ଆଖର ହଷ୍ଟେଲ୍ କିମ୍ବା ଦୂର ସହରକୁ ଯାଉଥିବା ପିଲାମାନେ ଧୀରେ ଧୀରେ ନିଜ ଭାଷା ଓ ସଂସ୍କୃତିଠାରୁ ଦୂରେଇ ଯାଇ ଅନ୍ୟ ଭାଷା ଓ ସଂସ୍କୃତିକୁ ଆପଣେଇବା ଶିଖିଲେ; ଆଉ ମଧ୍ୟ ନିଜ ଭାଷା ଭୁଲିଯିବାର ପ୍ରବଣତା ସେମାନଙ୍କ ମଧ୍ୟରେ ଦେଖା ଦେଲା । ଅନେକ ଡିଡ଼ାୟୀ ଓ କୋୟା ଗାଁରେ, ପରଜା ଓ ଭୂମେୟା ଗାଁରେ ଆମେ ଦେଶିଆ ଭାଷାର ପ୍ରଚଳନ ଦେଖୁଛୁ । ନିଜ ଭାଷା କହୁଛନ୍ତି କେବଳ ଡୋକ୍ରା ଓ ଡୋକ୍ରୀମାନେ ।

ପରବମାନଙ୍କ ପ୍ରତି ଦୃଷ୍ଟି ଦେଲେ ଏହି କଥାଟି ଆହୁରି ସୁସ୍ପଷ୍ଟ ହୋଇଯିବ । ସାମୂହିକ ଭାବେ ସମସ୍ତ ଆଦିବାସୀ ସଂପ୍ରଦାୟର କୃଷି ବର୍ଷ ଭିତରେ ଯେତେ ଯେତେ ପର୍ବ କରୁଥିଲେ ତାହା ସଂକୁଚିତ ହୋଇ ମାତ୍ର ୩ଟି ମୁଖ୍ୟ ପରବରେ ପହଞ୍ଚିଛି । ପ୍ରଥମ ପର୍ବ ହେଉଛି ଅମେଇସା ପର୍ବ ବା ଡିଷ୍ଟି/ଦୃଷ୍ଟି ପରବ । ଆଷାଢ଼. ଅମାବାସ୍ୟା ଦିନ ଏହା ପଡ଼େ । ଏହାକୁ କୁହାଯାଏ ଜନମ୍ ପରବ । ଅର୍ଥାତ୍ ଏଇ ପରବ ବର୍ଷଯାକର ଅନ୍ୟ ସମସ୍ତ

ପର୍ବକୁ ଜନ୍ମ ଦେଇଛି । ଚାଷ କର୍ମ ଶେଷ ହେଲା ବୋଲି ଏହା ସୂଚାଇ ଦେଇଥାଏ । ଦେଓବାଟ୍‌ନୀ, ବଣ ହଳଦି, ବଣ ଗାଂଜେଇ, କଦୁଆଫଳ, ଭାଲିଆପତ୍ର, ବାଉଁଶଛିଟ୍‌କି ଇତ୍ୟାଦି ସର୍ବନିମ୍ନ ଚାରିପ୍ରକାରର ଶାଗ ଡାଳ ସଂଗ୍ରହ କରି ଜମି ହିଡ଼ରେ ଗାଡ଼ି ଦିଆଯାଏ । କେନ୍ଦୁ ଡାଙ୍ଗକୁ ବାନା ରୂପେ ପୋତି ତା'ର ଛାଲିକୁ ଖୋଳି ଚିତ୍ରକରା କରାଯାଏ । ଲିଆ ଓ ପିଠା ସହ ବେଣ୍ଡା (ଖିଟା ଭେଣ୍ଡି) ତରକାରୀ କରି ତାହା ଡୁମାଙ୍କୁ ସମର୍ପଣ କରାଯାଏ । ପରେ ପରେ ଆସେ ଆସା ପରବ । ଏହା ଭାଦ୍ରବ ମାସରେ ପଡ଼େ । ଏହାକୁ ମକା ପରବ ବା ନୂଆଖିଆ ପରବ ମଧ୍ୟ କୁହାଯାଏ । ଭାତ ସହ ଧାନପତ୍ର, ସାରୁ ପତ୍ର, କୁମୁଡ଼ା ପତ୍ର ଓ କଞ୍ଚା ତେନ୍ତୁଳିକୁ ସିଝାଇ ଚରୁ ରନ୍ଧା ଯାଏ ଓ ଆନିଦାଦିମାନଙ୍କ ନାମଧରି କୁକୁଡ଼ା ବଳି ଦେଇ ବୀରୁ କରାଯାଏ । ଏଠି ମଧ୍ୟ ସେଇ ଡୁମାଙ୍କୁ ସମର୍ପଣ । ତା'ପରେ ଯାଇ ସେଇ ସବୁ ନିର୍ଦ୍ଦିଷ୍ଟ ଦ୍ରବ୍ୟ ଆଦିବାସୀମାନେ ଖାଇଥାନ୍ତି । ତେବେ ଅନେକ ଜାଗାରେ ଅମେଇସା ପରବ ସହ ଏହା ପାଳନ କରାଯାଏ । ପରେ ପରେ ଆସୁଥିବା ପୁଷ୍ ପରବ ତଥା ଦିଆଲି ପରବ ପାଚି ଅମଳ ସହ ପ୍ରତ୍ୟକ୍ଷ ଭାବେ ସଂଯୁକ୍ତ ହୋଇଥିବା ଯୋଗୁଁ, ଏବଂ ବୃଷ୍ଟିର ଅନିଶ୍ଚିତତା ଫଳରେ ପାଚି ଉତ୍ପାଦନ ବିଳମ୍ବ ହେଉଥିବା ଯୋଗୁଁ, ବେଶ୍ କିଛି ସ୍ଥାନରେ ଏହାର ପାଳନ ବନ୍ଦ ହୋଇଗଲାଣି କିମ୍ବା ମାଙ୍ଗନୀ / ଛେର୍ ଛେରା ଗୀତ ମଧ୍ୟରେ ସୀମିତ ହୋଇ ଗଲାଣି । ତୃତୀୟ ବଡ଼ ପର୍ବ ରୂପେ ଏବେ ଚଇତିକୁ ଗ୍ରହଣ କରାଯାଇଚି, ଯାହା ଅନ୍ତତଃ ପକ୍ଷେ ଫସଲ ଉତ୍ପାଦନର ଏକ ନିଶ୍ଚିତ ନିର୍ଣ୍ଣାୟକ ମାସ ରୂପେ ପହଞ୍ଚିଛି । ଏହାପରେ ମୁଖ୍ୟ ଫସଲ ଆଉ ପାଚିବାର ନାହିଁ । ତେଣୁ ଚଇତି ପରବ / ବେଣ୍ଟ୍ ପରବ୍ ବର୍ଷର ଶେଷ ମୁଖ୍ୟ ପରବ ରୂପେ ପାଳନ କରାଯାଏ । ଏହିପରି ଭାବେ ୧୨ ମାସରେ ତେର ପରବ ପାଳୁଥିବା ଆଦିବାସୀ ମାତ୍ର ୨ ବା ୩ଟି ପରବରେ ନିଜକୁ ସୀମିତ ରଖିବାକୁ ବାଧ୍ୟ ହେଲାଣି ।

ପରିବର୍ତ୍ତନଶୀଳ ଆଦିବାସୀ ସଂସ୍କୃତିରେ ଆଜି ଏହାହିଁ ସବୁଠାରୁ ବଡ଼ ବିଡ଼ମ୍ବନା ।

ଏଇ ଅବସରରେ ସବୁ ପରବକୁ ମାଡ଼ି ମକତି ଗୋଟିଏ ପରବ କରିବାର ଯେଉଁ ଚେଷ୍ଟା ଚାଲିଛି ସେଥିରେ ମଧ୍ୟ ବଳି ପଡୁଚି ଆଦିବାସୀର ନିଆରା ପଣନିଆରା ସଂସ୍କୃତି/ ଅବଶ୍ୟ ସେଥିରେ ଆଦିବାସୀ ସଂପ୍ରଦାୟମାନଙ୍କର ଅଂଶଗ୍ରହଣ ଏଯାଏ ନିଆଯାଉଚି । ସେଠି ସେମାନେ ଆପଣାକୁ କିଂଭୂତ କିମାକାର ଓ ଅପାଂକ୍ତେୟ ମନେ କରୁଛନ୍ତି । ନାଚ ଓ ଗୀତ ସେଠି କାର୍ଯ୍ୟକାରଣ ରହିତ ଓ ବ୍ୟବସାୟିକ 'ଇକୋଟୁରିଜମ୍'ର ବାର୍ତ୍ତା ବହନ କରୁଥିବାରୁ ସ୍ୱାଭାବିକତା ହରାଇବସିଛି । ପୁଣି ବା ଅଛି ସେଠି ଦିଶାରି-ଗୁରୁମାୟୀ-ପୂଜାରୀ-ନାୟକ- ବାରିକଙ୍କର କିଛି ଭୂମିକା, ନା କିଛି ବିଧିବିଧାନ । ଆଉ ମଧ୍ୟ କ୍ରୀଡ଼ା, କୁଇଜ୍, ଏସେ, ଡିବେଟ୍ ଏପରିକି ସୁନ୍ଦରୀ ପ୍ରତିଯୋଗୀତା ତଥା ବହିରାଗତ ସାଂସ୍କୃତିକ ଟିମ୍‌ମାନଙ୍କର ପ୍ରୋଗାମ୍ ଭିତରେ ସ୍ଥାନୀୟ ଆଦିବାସୀମାନଙ୍କ ତୁଳନାରେ ଅଣ ଆଦିବାସୀମାନଙ୍କ ଅଂଶଗ୍ରହଣ ଓ ଗୁରୁତ୍ୱ ଧୀରେ ଧୀରେ ବଢ଼ି ଚାଲିଛି । ଯାହା ବି କିଛି ଅଣଆଦିବାସୀ ବିଚାରକମାନେ । ତେଣୁ ଷ୍ଟେଜ୍ ଉପରେ ବିଚାରକ ହେଉଛନ୍ତି ଏଇ ଅଣ ଆଦିବାସୀ ବିଚାରକମାନେ । ତେଣୁ ଷ୍ଟେଜ୍ ଉପରେ ଢେମ୍‌ସା ନାଚ ହେଲାବେଳେ ଭାରି ସ୍ୱାଭାବିକ ଭାବେ ଧାଂଡ଼ୀର ପ୍ରାଣବନ୍ତ ଜୀବନୋଚ୍ଛନ୍ଦ ମନଲୋଭା ହସ ଟିକକ ଲିଭି ଯାଉଚି । ପାରିବା କି ଆମେ ତା ହୃଦୟତଳ ଦାବାନଳକୁ ପ୍ରଶମିତ କରି ? ପାରିବାକି ଅର୍ଥ ସାମାଜିକ ଜୀବନରେ ଥିବା ବୈଷମ୍ୟ ଦୂର କରି ?

ଯେଉଁ ଖଣ୍ଡା ତା'ର ଭବିଷ୍ୟତ ଉପରେ, ତା'ର ଜମି ଓ ଜଙ୍ଗଲ ଉପରେ ଝୁଲି ରହିଛି । ତାକୁ ଆମେ

ହଟାଇ ଦେଇ ପାରିବାକି ? ପୁଣି ଉଦ୍ଧାରି ପାରିବାକି ବେଆଇନ୍ ଭାବେ କଂପାନୀ, କର୍ପୋରେଟ୍ ସରକାରୀ ବେସରକାରୀ ସଂସ୍ଥା ତଥା ନୂଆ ପୁରୁଣା ସାହୁକାରମାନେ ଅପହୃତ କରି ନେଇଥିବା ସବୁ ଆଦିବାସୀ ଜମି ? ବନ୍ଦ କରି ପାରିବା କି ତଥାକଥିତ କମ୍ଯୁନିଜନିତ ଦମନଲୀଳା ଓ ମିଥ୍ୟା ଗିରଫଦାରୀ ? ଏବଂ ସର୍ବଶେଷରେ ସେମାନଙ୍କୁ ତାଙ୍କରି ପ୍ରାକୃତିକ ପରିବେଶରେ ସ୍ୱାଭାବିକ ଭାବେ ସେମାନଙ୍କର ଧର୍ମବିଶ୍ୱାସ, ସାମାଜିକ ବିଧିବିଧାନ ଓ ଦିଶାରୀ-ନାୟକ-ପୂଜାରୀ-ବାରିକ-ଗୁରୁମାୟୀ ସମନ୍ୱିତ ପରବ ପାଳିବା ପାଇଁ ଛାଡ଼ିଦିଆଯାଇପାରିଲେ ରାଷ୍ଟ୍ରକୃତ ସଂକଟ କିଛି ପରିମାଣରେ ହଟିପାରିବ । ଅଣ ଆଦିବାସୀର ମାପକାଠିରେ ତାଙ୍କୁ ମୂଲ୍ୟାୟନ ନ କରି କିମ୍ବା ସେମାନଙ୍କ ନାଚଗୀତର କୁଶଳତାକୁ ବଢ଼ାଇ ଅଧିକ ବ୍ୟବସାୟିକ କରିବାର ଯୋଜନା ନ କରି କାଲିର ଶ୍ରମପାଇଁ ଶକ୍ତି ସଂଗ୍ରହର ଉତ୍ସ ରୂପେ ସେ ସବୁକୁ ବ୍ୟବହାର କରିବା ଲାଗି ଆଦିବାସୀମାନଙ୍କୁ ଛାଡ଼ି ଦିଆଯାଉ । ତଥାପି ପରିବର୍ତ୍ତନ ଆସିବ । ଯେଉଁ ଜମି ସଂଘର୍ଷ ଜାରି ରହିଛି, ତାହା ଜାରି ରହିବ । କିନ୍ତୁ ତାହାରି ଭିତରୁ କେତେ ନା କେତେ ନୂଆ ଢଙ୍ଗରେ ନୂଆ ନାଟ ଓ ଗୀତ ଉବୁରି ଉଠିବ - "ଏ ବେଡ଼ା ଛାଡ଼ିବୁ ନାହିଁ, ଡଙ୍ଗର ଛାଡ଼ିବୁ ନାହିଁ, ମାଟିର ପୋକ ମାଟି ଛାଡ଼ି ଦେଲେ ଆମେ ବଂଚିବୁ କାହିଁ ? ଏଇଭଳି କେତେ ନା କେତେ ଗୀତ ଉବୁରି ଆସିଛି ଏବଂ ଆସିବ। ଢେମ୍‌ସା ବାଦ୍ୟ, ଗୀତ ଓ ନାଟ ଆହୁରି ଜୀବନୋଚ୍ଛନ୍ଦ, ତୀକ୍ଷ୍ଣ ଓ ନୂଆତେଜରେ ତେଜସ୍ୱର ହୋଇ ଉଠିବ ।

❋❋❋

# ଅବକ୍ଷୟର ସନ୍ଧିକ୍ଷଣରେ ଆଦିବାସୀ ସଂସ୍କୃତି

ଡକ୍ଟର ରାଜେନ୍ଦ୍ର ପାଢ଼ୀ

ଲୋକଜୀବନର ଚିନ୍ତାଚେତନା, ଭାବଭାବନା, ପ୍ରଥାପରଂପରା, ରୀତିନୀତି କଳାତ୍ମକ ଅଭିରୁଚିକୁ ନେଇ ଭୂଖଣ୍ଡର ଲୋକସଂସ୍କୃତି ସମୃଦ୍ଧ ଓ ପରିପୁଷ୍ଟ । ଏହା ଲୋକଙ୍କ ସାମାଜିକ, ରାଜନୈତିକ, ଧର୍ମୀୟ ଓ ସାଂସ୍କୃତିକ ଭିତ୍ତି ଉପରେ ପ୍ରତିଷ୍ଠିତ । ଯୁଗଯୁଗର ପରଂପରା, ଅଭ୍ୟାସ, ଅନୁଭୂତି, ଜ୍ଞାନକୌଶଳ ଆଦିକୁ ପୁରୁଷାନୁକ୍ରମେ ଏହି ସଂସ୍କୃତିର ଉତ୍ତରାଧିକାରୀମାନେ ଲାଭ କରିଥାନ୍ତି । ଏହାକୁ ନିଜ ଜୀବନକାଳ ମଧ୍ୟରେ ଅଭ୍ୟାସ ଓ ଚଳଣିରେ ପକାଇ ଆଗାମୀ ପିଢ଼ିଙ୍କ ପାଇଁ ସାଇତି ରଖିଥାନ୍ତି । ଏହା ଲୋକଙ୍କ ସାମାଜିକ ଜୀବନକୁ ଶୃଙ୍ଖଳିତ ଓ ସୁସଂଜତ କରିବାରେ ଯେତିକି ସହାୟକ, ମଣିଷକୁ ବଞ୍ଚିବାର କୌଶଳ ବତାଇବାରେ ତତୋଧିକ ଉପାଦେୟ । ଏହା ଲୋକଙ୍କ ବଞ୍ଚିବାର ଶୈଳୀକୁ ସହଜ ଓ ସୁନ୍ଦର କରିଥାଏ । ଗୋଟିଏ ଭୂଖଣ୍ଡର ଭୌଗୋଳିକ ପରିମଣ୍ଡଳ, ପରିବେଶ ଓ ଲୋକ ଜୀବନ ଚର୍ଯ୍ୟାକୁ ନେଇ ସେଠାକାର ଲୋକସଂସ୍କୃତି ଗଠିତ ଓ ବିକଶିତ । ଲୋକ ସମାଜରେ ପୁରୁଷାନୁକ୍ରମେ ପ୍ରଚଳିତ ଅଭ୍ୟାସମାନ କଳା ଓ ଶିଳ୍ପମାଧ୍ୟମରେ ମୌଖିକ ଭାବେ ଆତ୍ମପ୍ରକାଶ କରିଥାଏ ।

ଆଦିବାସୀ ଜନଗୋଷ୍ଠୀଙ୍କ ଚଳଣି, ପ୍ରଥାପରଂପରା, ଧର୍ମଧାରା, ମୌଖିକ ସାହିତ୍ୟ ଓ କଳାତ୍ମକ ଅଭିରୁଚି ଅନ୍ୟମାନଙ୍କଠାରୁ ଭିନ୍ନ ଓ ବୈଚିତ୍ର୍ୟମୟ । ଭାରତର ବିଭିନ୍ନ ଆଦିବାସୀ ସଂପ୍ରଦାୟଙ୍କ ସଂସ୍କୃତିର ଆଙ୍ଗିକ ଦିଗଟି ଭିନ୍ନ ହୋଇଥିଲେ ହେଁ ଆତ୍ମିକରେ ବହୁ ସାମଞ୍ଜସ୍ୟ ବିଦ୍ୟମାନ । ଏମାନଙ୍କ ଜୀବନଚକ୍ର ଓ ଋତୁଚକ୍ରରେ ପାଳିତ ପର୍ବପର୍ବାଣୀ ଓ ଉତ୍ସବାନୁଷ୍ଠାନ, ସାମାଜିକ ରୀତିନୀତି, ଖାଦ୍ୟ ସଂଗ୍ରହ, ଶିଳ୍ପକଳା, କଳାତ୍ମକ ଅଭିରୁଚି ଆଦି ମୌଖିକ ବା ଅଲିଖିତ ପରଂପରା ଭାବେ ଗଢ଼ିଆସିଥାଏ । ପ୍ରତ୍ୟେକ ଆଦିବାସୀ ଗୋଷ୍ଠୀରେ ପ୍ରକୃତି ପୂଜା, ଧରଣୀମାତାଙ୍କ ପୂଜା, ପରଲୋକଗତ ଆତ୍ମାଙ୍କ ଆବାହନ, ପଶୁପକ୍ଷୀ ବଳି ମାଧ୍ୟମରେ ଦେବଦେବୀଙ୍କୁ ସନ୍ତୋଷବିଧାନ, ନୃତ୍ୟଗୀତକୁ ମୁଖ୍ୟ ଅବଲମ୍ବନ କରି ଜୀବନକୁ ଉପଭୋଗ କରିବା, ବର୍ତ୍ତମାନ ସର୍ବସ୍ୱ ଚିନ୍ତାଧାରା ଆଦି ମୁଖ୍ୟ ବୈଶିଷ୍ଟ୍ୟ ।

ଜୀବନକୁ ସରସ ଓ ସାବଲୀଳ ଆଦିବାସୀ ସଂସ୍କୃତିର ବିଭିନ୍ନ ବିଭବ ଯଥା: ନୃତ୍ୟ, ସଂଗୀତ, କାହାଣୀ, ଢ଼ଗଢ଼ମାଳି ଓ ନାଟକଳା ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏମାନଙ୍କ ମୌଖିକ ପରଂପରାର ସାମାଜିକ ଆବେଦନ ଓ ଉପାଦେୟତା ଯଥେଷ୍ଟ । ଅରଣ୍ୟରେ ଏମାନଙ୍କ ସୃଷ୍ଟି, ସ୍ଥିତି ଓ ବିଲୟ । ଏଣୁ ଏମାନଙ୍କ ସାମାଜିକ, ଧର୍ମୀୟ, ସାଂସ୍କୃତିକ ଓ ଆର୍ଥିକ ଜୀବନ ମୁଖ୍ୟତଃ ଅରଣ୍ୟଭିତ୍ତିକ ବୋଲି କୁହାଯାଇପାରେ । ବସ୍ତୁତଃ, ଅରଣ୍ୟକୁ ନେଇ ଆଦିବାସୀ ମଣିଷର ଜୀବନ, ଜୀବିକା ଓ ସଂସ୍କୃତି । ଯେଉଁଦିନରୁ ଅରଣ୍ୟ କ୍ରମଶଃ

ଧ୍ୱଂସ ପାଇ ଆସିଲା ଓ ଅରଣ୍ୟ ଉପରୁ ଆଦିବାସୀଙ୍କ ଅଧିକାରକୁ ଉଚ୍ଛେଦ କରାଗଲା, ସେହିଦିନଠାରୁ ଆଦିବାସୀର ସଂସ୍କୃତି ଉପରେ ଆକ୍ରମଣ ଆରମ୍ଭ ହୋଇଗଲା ବୋଲି ଧରି ନେବାକୁ ହେବ । ଆଦିବାସୀର ଜମି, ଜଳ ଓ ଜଙ୍ଗଲ ଉପରେ ପୁଞ୍ଜିପତି ଓ ଶିଳ୍ପପତିଙ୍କ ଲୋଲୁପଦୃଷ୍ଟି ରହିଥାଏ । କଳକାରଖାନା, ନଦୀ ବନ୍ଧ ଯୋଜନା ପାଇଁ ଚିନ୍ତା କଲାବେଳେ ପ୍ରଥମେ ଆଦିବାସୀର ଜମି ଉପରେ ଆଖି ପଡ଼ିଥାଏ । ଏ ପ୍ରସଙ୍ଗରେ ଜ୍ଞାନପୀଠ ବିଜୟିନୀ ବିଶିଷ୍ଟ ଲେଖିକା ମହାଶ୍ୱେତା ଦେବୀ ଇଣ୍ଡିୟାନ ଏକ୍ସପ୍ରେସର ଏକ ସାକ୍ଷାତକାରରେ କହନ୍ତି "ଯେତେବେଳେ ଯେଉଁଠି ଗୋଟିଏ ବୃହତ୍ ନଦୀବନ୍ଧ ବା ବିଜୁଳି ଉତ୍ପାଦନ ଯୋଜନା କାର୍ଯ୍ୟକାରୀ ହୁଏ, ସେତେବେଳେ ଆଦିବାସୀର ଜମି ହିଁ ବଳି ପଡ଼େ । ସାମାନ୍ୟ କ୍ଷତିପୂରଣ ମାଧମରେ ସେମାନଙ୍କୁ ସନ୍ତୁଷ୍ଟ କରାଯାଏ । ଅଥଚ ଆଦିବାସୀମାନେ କେବେ ବି ଜମି ବା ଜଙ୍ଗଲ ବା ଜଳକୁ ନଷ୍ଟ କରି ନାହାନ୍ତି" । ତାଙ୍କ ଜମିରେ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରାଯାଏ, କିନ୍ତୁ ସେମାନେ ଅନ୍ଧାରରେ ରହନ୍ତି । ବିଭିନ୍ନ ନଦୀବନ୍ଧ ଯୋଜନା ଓ କଳକାରଖାନା ପ୍ରତିଷ୍ଠା ନାମରେ ଏହି ପ୍ରକୃତିର ସନ୍ତାନମାନେ ନିଜ ଭିଟାମାଟିରୁ ଉଚ୍ଛେଦ ହେଲେ । ଏମାନଙ୍କ ବିସ୍ଥାପନ ଫଳରେ ନିଜ ଶହ ଶହ ବର୍ଷର ସାଂସ୍କୃତିକ ପରଂପରାରେ ଅବକ୍ଷୟର ଉଇ ଚରିଗଲା । ପୁନଶ୍ଚ ୧୯୯୦ ପରବର୍ତ୍ତୀ ଜଗତିକରଣ, ଉଦାରୀକରଣ ପ୍ରଭାବ ହେତୁ ବହୁଦେଶୀୟ କମ୍ପାନୀଗୁଡ଼ିକ ମନଲୋଭା ବିଜ୍ଞାପନ ମାଧମରେ ଗାଆଁଗଣ୍ଡାର କୋଣ ଅନୁକୋଣରେ ସେମାନଙ୍କ ସାମଗ୍ରୀଗୁଡ଼ିକର ପସରା ମେଲି ଦେଲେ । ଦେଶୀ ଭାଷା, ଦେଶୀ ଜ୍ଞାନ କୌଶଳ, ସଂସ୍କୃତି, ସାମଗ୍ରୀ ଓ ମୂଲ୍ୟବୋଧ ସବୁକୁ ଅସାର, ନ୍ୟୁନ, ଅଲୋଡ଼ା ବୋଲି ସଜମାଛରେ ପୋକ ପକାଇବା ପରି ବିବେଚନା କରାଗଲା । ଲୋକେ ବହୁରାଷ୍ଟ୍ରୀୟ କମ୍ପାନୀଙ୍କ ବିଦେଶୀ ଦ୍ରବ୍ୟ, ପୋଷାକ, ପ୍ରସାଧନ, ନୃତ୍ୟ, ଗୀତ ଓ କଳା ଅଭିରୁଚିର ବିଜ୍ଞାପନରେ ପ୍ରଲୋଭିତ ହୋଇଗଲେ । ନିଜ ଅସଲ ଚହାଣୀ, ଚଳଣି ଓ ଚମକରେ ଅପସଂସ୍କୃତି ଦେଖାଦେଲା । ବିଶେଷତଃ, ଆଦିବାସୀ ଜୀବନର ଛନ୍ଦରାଗିଣୀ ବେସୁରା ହେବାକୁ ଲାଗିଲା । ନିଜ ପାରଂପରିକ ମୂଲ୍ୟବୋଧ ଭିତ୍ତିକ ସଂସ୍କୃତି ପ୍ରତି ଉଦାସୀନତା ଓ ଘୃଣା ଭାବ ପୋଷଣ କରିବା ଆରମ୍ଭ ହୋଇଗଲା । ଏବେ ଏଇ ଅପସଂସ୍କୃତି ଓ ଅବକ୍ଷୟର ଝଡ଼ ଭୟଙ୍କର ରୂପ ଧାରଣ କଲାଣି ।

ଆଦିବାସୀଙ୍କ ପରଂପରା, ମୂଲ୍ୟବୋଧ, ସଂସ୍କୃତି ସମ୍ବଳିତ ବିଷୟ ପାଠ୍ୟପୁସ୍ତକରେ ନ ରହିବା ହେତୁ ଏମାନଙ୍କ ଯୁବପୀଢ଼ି ନିଜ ଭାଷା, ସଂସ୍କୃତି ଓ ପରଂପରାକୁ ଅଲୋଡ଼ା, ଅପାଙ୍‌କ୍ତେୟ ଓ ଘୃଣ୍ୟ ବୋଲି ବିବେଚନା କଲେ । ସେମାନେ ଭୋଗବାଦ ଓ ବ୍ୟକ୍ତିବାଦ ଉପରେ ଅଧିକ ଗୁରୁତ୍ୱ ଦେଲେ । ଏହା ଫଳରେ ଏମାନଙ୍କ ସମାଜରେ ସୁଦୃଢ଼ ରହିଆସିଥିବା ଐକ୍ୟ ଓ ସଂହତିର ମୂଳଦୁଆ ଭାଙ୍ଗିବାକୁ ଲାଗିଲା । "କିନ୍ତୁ କଳା ଯେ ମଣିଷ ଓ ତା' ଚାରିପାଖର ଜଗତ ଭିତରେ ଥିବା ଅନୈକ୍ୟକୁ ଦୂର କରି ଏକ ଆତ୍ମିକ ଐକ୍ୟ ପ୍ରତିଷ୍ଠା କରେ, ଏଥିରେ ସନ୍ଦେହ ନାହିଁ ।" ଆଦିବାସୀ ପିଲାଙ୍କୁ ପ୍ରାଥମିକ ସ୍ତରରେ ସେମାନଙ୍କ ନିଜ ଭାଷାରେ ଶିକ୍ଷାଦାନ କରିବାକୁ ରାଷ୍ଟ୍ରୀୟ ପାଠ୍ୟକ୍ରମ ଆଧାର -୨୦୦୫ରେ ଉଲ୍ଲେଖ ଥିଲେ ହେଁ, ଅଦ୍ୟାବଧି ଏହି କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ । ଯାହା ଫଳରେ ଆଦିବାସୀ ପିଲାଙ୍କ ଭାଷା ସଂସ୍କୃତି ଓ ସ୍କୁଲର ଭାଷା ସଂସ୍କୃତି ମଧରେ ଏକ ବିରାଟ ବ୍ୟବଧାନ ରହିଯାଇଛି । ଏଥିପାଇଁ ପିଲାଙ୍କ ଶିକ୍ଷାପ୍ରତି ଆଗ୍ରହ କମିଯାଇ ଅଧାରୁ ପାଠ ଛାଡ଼ିବା ପିଲାଙ୍କ

ହାର ବଢ଼ି ବଢ଼ି ଚାଲିଛି । ଆଦିବାସୀ ପିଲାଙ୍କୁ ସେମାନଙ୍କ ଭାଷା, ସଂସ୍କୃତି ଓ ପରିବେଶ ଭିତ୍ତିକ ଶିକ୍ଷା ଦିଆଯାଉ ନଥିବାରୁ ନିଜ ସଂସ୍କୃତି ପ୍ରତି ସେମାନଙ୍କ ହେୟ ମନୋଭାବ ସୃଷ୍ଟି ହେଉଛି । ଆଦିବାସୀ ଅଞ୍ଚଳରେ ଯେଉଁ ନବ୍ୟଶିକ୍ଷିତ ଯୁବଗୋଷ୍ଠୀଙ୍କ ଆବିର୍ଭାବ ଘଟିଛି, ସେମାନେ ଅଧିକାଂଶ ନିଜ ଗୋଷ୍ଠୀର ମୂଲ୍ୟବୋଧ, ସଂସ୍କୃତିର ଉତ୍କର୍ଷତା ପ୍ରତି ସଚେତନ ନୁହନ୍ତି । ଏଣୁ ସେମାନେ ନିଜ ସଂସ୍କୃତି ଓ ମୂଲ୍ୟବୋଧକୁ ଅସୀକାର କରି ବଜାର ସଂସ୍କୃତିର ଚାକଚକ୍ୟ ମୋହରେ ପଡ଼ି ଭୋଗବାଦ, ବ୍ୟକ୍ତିବାଦ ଓ ନକାରାତ୍ମକ ଚିନ୍ତାଧାରା ବଶବର୍ତ୍ତୀ ହେଉଛନ୍ତି । ଯାହାକି ମାନବିକ ମୂଲ୍ୟବୋଧ ଓ ମହାନ୍ ସଂସ୍କୃତିର ଅବକ୍ଷୟର ପଥ ଉନ୍ମୁକ୍ତ ହୋଇଯାଇଛି । ସୁତରାଂ, ଆଦିବାସୀ ସମାଜରେ ରହିଥିବା ଦୟା, କ୍ଷମା, ବଦାନ୍ୟତା, ଆତିଥ୍ୟ, ପରୋପକାର, ସହଭାଗିତା, ଐକ୍ୟ, ଭାତୃତ୍ୱ ଆଦି ସଦଗୁଣାବଳୀ ଏମାନଙ୍କ ମୂଲ୍ୟବୋଧର ଅଟ୍ଟାଳିକାରୁ ଗୋଟିଏ ପରେ ଗୋଟିଏ ଇଟା ଖସିବା ପରି କ୍ରମଶଃ ଧୂଳିସାତ୍ ହେବାରେ ଲାଗିଛି ।

ଅତୀତରେ ଆଦିବାସୀ ଗ୍ରାମରେ ପରାଂପରିକ ଗ୍ରାମଶାସନ ବ୍ୟବସ୍ଥା, ଧାଙ୍ଗଡ଼ା ଧାଙ୍ଗଡ଼ୀ ବସା (ଯୁବ ପ୍ରମୋଦ ଅନୁଷ୍ଠାନ), ବସୁଧୈବ କୁଟୁମ୍ବକମ୍ ଭାବନା, ଆଦର୍ଶ ବିବାହ ପ୍ରଥା, ନାରୀ ସାଧୀନତା ଆଦି ପ୍ରଥା କ୍ରମଶଃ ହଜିଗଲାଣି । ଆଜି ଗ୍ରାମରେ କୌଣସି ମନୋମାଳିନ୍ୟ, ଗଣ୍ଡଗୋଳ କିମ୍ବା ସମସ୍ୟା ଦେଖାଗଲେ ଗ୍ରାମରେ ସମାଧାନ ନ ହୋଇ ଥାନା ଓ କୋର୍ଟ କଚେରୀରେ ପହଞ୍ଚୁ ଯାଉଛି । ଗରୀବ ଆଦିବାସୀମାନେ ସର୍ବସାନ୍ତ ହେଉଛନ୍ତି ।

ଆଦିବାସୀର ପାରଂପରିକ ନୃତ୍ୟଗୀତ, ନାଟ୍ୟକଳା ତଥାକଥିତ ଆଧୁନିକ ସଂସ୍କୃତିର ଆକ୍ରମଣରେ ସତ୍ତା ହରେଇ ବସିଛି । ଏମାନଙ୍କ ଜୀବନର ପ୍ରତ୍ୟେକ ପର୍ଯ୍ୟାୟ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ରହିଆସୁଥିବା ଏହି କଳାତ୍ମକ ଅଭିରୁଚି ଆଜି ଅଲୋଡ଼ା ହୋଇଯାଇଛି । ଯେଉଁ ସମାଜରେ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକଟି ପର୍ଯ୍ୟାୟ ନୃତ୍ୟଗୀତ ବିନା ସଂପନ୍ନ ହେବା ଅସମ୍ଭବ ଥିଲା । ଆଜି ତାହାକୁ ଅପସଂସ୍କୃତିର ଶସ୍ତା ସଂପନ୍ନ ହେବା ଅସମ୍ଭବ ଥିଲା । ଆଜି ତାହାକୁ ଅପସଂସ୍କୃତିର ଶସ୍ତା ମନୋରଂଜନ ସାମଗ୍ରୀ ଦାଖଲ କରିଛି । ଜୀବନ ଓ କଳା ପରସ୍ପର ପରିପୂରକ ରହିଆସିଥିବା ସମାଜରେ ସମ୍ପର୍କର ସୂତ୍ର ଛିଣ୍ଡିଯାଇଛି । ନିତି ପ୍ରତିଦିନ ଅଙ୍ଗେ ନିଭେଇଥିବା ମୋର ଏକ ଘଟଣା । କୋରାପୁଟ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ଆଦିବାସୀ ପରଜା ସଂପ୍ରଦାୟ ଅଧୁଷିତ ଏକ ଗାଆଁ । ଗୁଣ୍ଡୁଗୁଡ଼ା । ଗ୍ରାମରେ ଶହେରୁ ଅଧିକ ପରିବାର । ୩/୪ଟି କମାର ଓ ଗୌଡ଼ ପରିବାରଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ପରଜା ସଂପ୍ରଦାୟର । ଦିନେ ବଡ଼ି ଭୋର ସମୟରେ ଏହି ଗାଁକୁ ମୋତେ ଯିବାକୁ ପଡ଼ିଲା । ମୁଁ ଯାଇ ଗାଆଁର ମଝିଦାଣ୍ଡରେ ପହଞ୍ଚିଲି । ଗାଆଁର ଆବାଳବୃଦ୍ଧ ବନିତା ସମସ୍ତେ ସି.ଡ଼ି. ପକେଇ ହିନ୍ଦୀ ଚଳଚ୍ଚିତ୍ର ଦେଖୁଥିଲେ । ଏହି ଗ୍ରାମରେ ବିଦ୍ୟୁତ ସଂଯୋଗ ନଥିଲେ ବି ଭଡ଼ାରେ ଜେନେରେଟର୍, ଟି.ଭି. ଅଣାଯାଇଥିଲା । ରାତିସାରା ସମସ୍ତେ ବସି ଚଳଚ୍ଚିତ୍ର ପରେ ଚଳଚ୍ଚିତ୍ର ଏପରି ୪/୫ଟି ଦେଖିଥିଲେ । ଧାଙ୍ଗଡ଼ା ଧାଙ୍ଗଡ଼ିମାନେ ଚଳଚ୍ଚିତ୍ର ଗୀତର ତାଳେ ତାଳେ ନାଚୁଥିଲେ । ମୁଁ ପଚାରିଲି ଆଜି କ'ଣ କାହାର କିଛି କାର୍ଯ୍ୟ ଅଛି କି ? ଜଣେ ବୟସ୍କ ଲୋକ କହିଲେ "ଆଜ୍ଞା କାଲି ଦଶରଥର ପିଲାର ନାଦିଆନିଥିଲା ।" ମୁଁ ପଚାରିଲି, "ତମର ପରଜା ନାଟଗୀତକୁ ଧାଙ୍ଗଡ଼ାଧାଙ୍ଗିଡ଼ୀମାନେ ମନ କରୁନାହାନ୍ତି । ସି.ଡ଼ି. ପକେଇ ଦେଖିଦେଲେ

ସେଥିରେ ନାଟଗୀତ ସବୁ ରହିଛି ।" ମୋ ପାଟିରୁ ପଦେ ବି କଥା ବାହାରିଲା ନାହିଁ । ଏହି ଅବସ୍ଥା ପାଇଁ ମୁଁ ସେମାନଙ୍କୁ ଦାୟୀ ନକରି ଆମ ବ୍ୟବସ୍ଥାକୁ ଦାୟୀ କରି ଫେରି ଆସିଲି । ଏବେ ଏହିପରି ଘଟଣା ଆଦିବାସୀ ଗ୍ରାମମାନଙ୍କରେ ନିତିଦିନ ଦେଖିବାକୁ ମିଳେ ।

ଆଦିବାସୀ ଅଞ୍ଚଳର ଲୁକ୍କାୟିତ ପ୍ରତିଭା ଅନୁସନ୍ଧାନ ନିମନ୍ତେ 'ପରବ' ଉତ୍ସବ କୋରାପୁଟର ପଞ୍ଚାୟତ ସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ପ୍ରତିବର୍ଷ ପାଳିତ ହୋଇଥାଏ । ଏଠାରେ ଆଦିବାସୀ ନୃତ୍ୟ ସଂଗୀତର ଯେଉଁ ପ୍ରତିଯୋଗିତା ହୋଇଥାଏ, ସେଥିରେ ୨/୩ଟିକୁ ଛାଡ଼ିଦେଲେ ଆଧୁନିକ କ୍ୟାସେଟ୍ ଗୀତର ତାଳେ ତାଳେ ନୃତ୍ୟ କରାଯାଇଥାଏ । ଆଦିବାସୀ ଗୀତ ନାମରେ ବଜାରରେ ମିଳୁଥିବା କ୍ୟାସେଟ୍ ଗୀତ ଗାନ କରାଯାଏ । ଆଜିକାଲି ଆଦିବାସୀ ଅଞ୍ଚଳରେ ହିନ୍ଦୀ, ଇଂରାଜୀ ମିଶ୍ରିତ ଦେଶିଆ ଭାଷାର ବହୁ କ୍ୟାସେଟ୍ ଶୁଣାଯାଉଛି । ଏଥିରେ କିଛି ଆଦିବାସୀ ଗୀତର ଛନ୍ଦ ସହ ଅନ୍ୟ ଭାଷାର ଗୀତର ଛନ୍ଦ ମିଶ୍ରଣ ଘଟିଥାଏ । ଏହିସବୁ କ୍ୟାସେଟ୍ ବିକ୍ରି କୋରାପୁଟ ଅଞ୍ଚଳରେ ଅଧିକ । ଏସବୁ ଗୀତପ୍ରତି ଯୁବପୀଢ଼ିଙ୍କ ଆଦର କହିଲେ ନସରେ । ଅଧିକାଂଶଙ୍କ ହାତରେ ମୋବାଇଲ୍ ଫୋନ୍‌ରେ ଏହି ସବୁ ଗୀତ ବାଜୁଥାଏ । ଏମାନେ କିଛି ରୋଜଗାର କଲେ, ପ୍ରଥମେ ମୋବାଇଲ୍ ଫୋନ୍ କିଣନ୍ତି ଓ ପୋଷନ୍ତି, ତା'ପରେ ବଳକା ହେଲେ ନିଜ ଖର୍ଚ୍ଚ କରନ୍ତି । ଏହି ଫୋନ୍ କେବଳ ଅଧିକାଂଶ କ୍ଷେତ୍ରରେ ଗୀତ ଶୁଣିବା ପାଇଁ କିଣାଯାଇଥାଏ । ଆଦିବାସୀଙ୍କ ସରସ ଓ ଭାବମୟ ସଂଗୀତକୁ ସମୂଳେ ଧ୍ୱଂସ କରିବା ପାଇଁ ଏହା ଏକ ମାରଣଯନ୍ତ୍ର ପାଲଟି ଯାଇଛି ।

କୋରାପୁଟ ଜିଲ୍ଲାର ପାରଂପରିକ ନାଟ୍ୟକଳା "ଦେଶିଆ ନାଟ" ଅତ୍ୟନ୍ତ ସମୃଦ୍ଧ ଓ ମୌଳିକ କଳାଭାବେ ପରିଚିତ । ଏହାର ସାମାଜିକ ଆବେଦନ ଓ ରସବୋଧ ଥିଲା ଅନନ୍ୟ । ଏହି ନାଟର ବାର୍ତ୍ତାଥିଲା । 'ଧର୍ମର ଜୟ ପାପର କ୍ଷୟ' । ଏହି ନାଟରେ ଉଦ୍‌ବୁଦ୍ଧ ହୋଇ ଆଦିବାସୀମାନେ ଅନ୍ୟାୟ ଓ ପାପ କାର୍ଯ୍ୟ କରିବାକୁ ପଛଘୁଞ୍ଚା ଦେଉଥିଲେ । ଏହାଥିଲା ମନୋରଂଜନ ଓ ଲୋକଶିକ୍ଷାର ପ୍ରକୃଷ୍ଟ ମାଧମ । ଆଜି ଉପକୂଳବର୍ତ୍ତୀ ଅଞ୍ଚଳର ଅପେରା, ଗୀତିନାଟ୍ୟର ପ୍ରଭାବରେ କୋରାପୁଟର ଦେଶିଆମାନେ ନିଜସ୍ୱ ରୂପ, ରସ ଓ ରଂଗ ହରାଇ କିମ୍ଭୂତକିମାକାର ପାଲଟି ଯାଇଛି । ଏବେ ଆଉ ପୌରାଣିକ, କାଳ୍ପନିକ ନାଟ ପେଟାପରଶୁ, ଲିଟିକୁମର, କଳାପାଣି, ଖୁଲଣାସୁନ୍ଦରୀ, ସୁଭଦ୍ରାହରଣ, ରାମବନବାସ, ସୀତା ଚୋରୀ, ବୀରବାହୁ ବଧ, ଅଭିମନ୍ୟୁ ବଧ ଆଦି ସ୍ଥାନରେ ଯାତ୍ରା /ଅପେରା ଓ ଗୀତିନାଟ୍ୟ ଛାୟାରେ ରଚିତ ମନ ଚୋରୀ କଲା ମୋବାଇଲ ବାଲି, ମଶାଣିରେ ମଧୁଶଯ୍ୟା, ମା' ହଜିଗଲା ଗାଆଁ ଦାଣ୍ଡରେ, ସିନ୍ଦୂର ପାଇଁ ଭାଙ୍ଗିଲି ଶଙ୍ଖା, ବିଧବା ମଥାରେ ସିନ୍ଦୂରଚିତା, ବାବୁ ନୁହେଁ ମୁଁ ଅପାରବର, ପ୍ରେମ ମୋର ଶତ୍ରୁ ଆଦି ନାମରେ ବିକୃତ ସଂଳାପ, ସଂଗୀତ ଓ ଅଭିନୟର ନାଟମାନ କୋରାପୁଟର ଗ୍ରାମମାନଙ୍କରେ ଦେଖିବାକୁ ମିଳେ । ଥରେ କୁନ୍ଦ୍ରାଠାରେ ପରବ ପାଳନ ଅବସରରେ ଦେଶିଆନାଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ୧୫ଟି ନାଟଦଳ ଅଂଶଗ୍ରହଣ କରିଥିଲେ । ୧/୨ଟି ଛାଡ଼ିଦେଲେ ଅନ୍ୟ ସବୁ ଅପେରା, ଗୀତିନାଟ୍ୟର ବିକୃତ ରୂପରେ ପରିବେଷିତ ହୋଇଥିଲା । ଏ ସଂପର୍କରେ ନାଟଗୁରୁମାନଙ୍କୁ ପଚାରିବାରୁ ସେମାନେ ଯାହା କହିଥିଲେ ତାହା ହେଲା: ପାରଂପରିକ ନାଟ ଦେଖିବାକୁ ଯୁବଗୋଷ୍ଠୀ ଆଉ ପସନ୍ଦ କରୁନାହାନ୍ତି । ପୌରାଣିକ କିମ୍ବା କାଳ୍ପନିକ ନାଟ

ପାଇଁ ଏମାନେ ଆଦୌ ରାଜି ନୁହଁନ୍ତି । ଅପେରା ଷ୍ଟାଇଲ୍‌ରେ ନାଟ ଶିଖାଇବାକୁ ଆମକୁ ବାଧ କରୁଛନ୍ତି, ଏଣୁ ଆମେ ଲୋକଙ୍କ ମନକୁ ନେଇ ନାଟ ଶିଖାଇ ପେଟ ପୋଷୁଛୁ ।"

ବିଜ୍ଞାନର ଦ୍ରୁତ ଅଗ୍ରଗତି, ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ସହଜ ଉପଲବ୍ଧ, ଗମନାଗମନର ସୁବିଧା, ଶିକ୍ଷାର ପ୍ରସାର ଫଳରେ ଆଦିବାସୀ ମଣିଷର ଜୀବନଶୈଳୀ ସରସ ଓ ସହଜ ହେବା, ପରିବର୍ତ୍ତେ ଜଟିଳ, ସମସ୍ୟାବହୁଳ ଓ ଅବକ୍ଷୟ ଆଡ଼କୁ ଗତି କରୁଛି । ସେମାନଙ୍କ ମଣିଷ ପଣିଆ ହଜିଯାଉଛି । ଏମାନଙ୍କ କର୍ମକ୍ଲାନ୍ତ ଜୀବନରେ ଅଫୁରନ୍ତ ଆନନ୍ଦ ପ୍ରଦାନ କରି ଐକ୍ୟ, ସଂହତି, ଶାନ୍ତି, ମାନବିକତାର ଭିତ୍ତିକୁ ସୁଦୃଢ଼ କରି ଆସିଥିବା କଳାତ୍ମକ ଅଭିରୁଚିର ଅବକ୍ଷୟ ସମୟରେ ଆମ ସମସ୍ତଙ୍କ ଗୁରୁଦାୟିତ୍ୱ ହେଲା ;

- ଆଦିବାସୀ ଯୁବପୀଢ଼ିଙ୍କୁ ସେମାନଙ୍କ ସଂସ୍କୃତିର ଉତ୍କର୍ଷତା ସଂପର୍କରେ ସଚେତନ କରିବା ।
- ପ୍ରାଥମିକ ସ୍ତରରୁ ଆଦିବାସୀ ଭାଷା ଓ ସଂସ୍କୃତିଭିତ୍ତିକ ଶିକ୍ଷା ପ୍ରଦାନ ।
- ବର୍ଷର ବିଭିନ୍ନ ସମୟରେ ପାଳିତ ପର୍ବପର୍ବାଣୀ ଅବସରରେ ନୃତ୍ୟଗୀତର ଆସର କରିବା ।
- ଆଦିବାସୀ ଅଞ୍ଚଳରେ ରହିଥିବା କଳା ବିଶେଷଜ୍ଞମାନଙ୍କୁ ବର୍ଷର ବିଭିନ୍ନ ସମୟରେ ସମାବେଶର ଆୟୋଜନ କରିବା ।
- କୋରାପୁଟର ସମୃଦ୍ଧ ଲୋକନାଟ୍ୟ ପରଂପରା 'ଦେଶିଆ ନାଟ' ଗବେଷଣା କେନ୍ଦ୍ରର ପ୍ରତିଷ୍ଠା ।
- ସର୍ବଜନଦୃତ 'ଢେମ୍‌ସା ନାଚର ସଂରକ୍ଷଣ ନିମନ୍ତେ ଅଭିଜ୍ଞ ନୃତ୍ୟ ବିଶାରଦମାନଙ୍କୁ ନେଇ ଶିକ୍ଷା କେନ୍ଦ୍ର ପରିଚାଳନା କରିବାକୁ ହେବ ।

*(ନାଟଗୁରୁ ହରିହର ପ୍ରଧାନ, କୁତୁମପଦର, ପିତାମ୍ବର ସେଠୀ, କୁସୁମଗୁଡ଼ା କୁନ୍ଦ୍ରା, ଓ ଶ୍ରୀଯୁକ୍ତ ବିଜୟ ଉପାଧ୍ୟାୟଙ୍କ ନିକଟରେ ଲେଖକ ବିଶେଷ ଋଣୀ)*

# ପରିବର୍ତ୍ତନଶୀଳତା ଭିତରେ ଗଣ୍ଡ ଆଦିବାସୀ ପରମ୍ପରା :

ସୁବାସ ଚନ୍ଦ୍ର ମିଶ୍ର

ଆଦିବାସୀମାନଙ୍କ ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ଜୀବନରେ ପରିବର୍ତ୍ତନମାନ କିପରି ସଂଘଟିତ ହେଉଛି ତାହାରି ଏକ ପରିଦୃଶ୍ୟ ପ୍ରସ୍ତୁତ କରିବାର ଚେଷ୍ଟା କରାଯାଇଛି, ନବରଙ୍ଗପୁର ଜିଲ୍ଲା ରାଇଘରସଂପ୍ରତି ବ୍ଲକ୍ ଅନ୍ତର୍ଗତ ଗଣ୍ଡ ଆଦିବାସୀ ଗୋଷ୍ଠୀଙ୍କ ସମାଜରେ ସଂପ୍ରତି କିପରି ଅନ୍ୟ ସମାଜ ଓ ସଂସ୍କୃତିର ପ୍ରଭାବ ଜନିତ ପରିବର୍ତ୍ତନମାନ ଦୃଶ୍ୟମାନ ତାହା ନିମ୍ନରେ ଆଲୋଚନା କରାଯାଇଛି ।

ନବରଂଗପୁର ଜିଲ୍ଲା ଉମରକୋଟ, ରାଇଘର ଓ ଝରିଗାଁ ବ୍ଲକରେ ଗଣ୍ଡ ଜନଜାତି ଦେଖାଯାନ୍ତି । ରାଇଘର ଅଞ୍ଚଳର ୨୪ଟି ଗ୍ରା.ପ. ମଧ୍ୟରୁ ସୋନପୁର, ଉଦୟପୁର, ଗୋନା, ରାଇଘର, କୁଳେଇ, କୁମୁଲି, କାଉଡ଼ଲା ଖଲେଲି, ମହଣ୍ଡ ଆଦି ଅଞ୍ଚଳରେ ପ୍ରାୟ ଦୁଇଲକ୍ଷରୁ ଉର୍ଦ୍ଧ୍ୱ ଗଣ୍ଡ ଜନଜାତି ବାସ କରୁଛନ୍ତି (୧୯୯୧-୨୦୦୧ ଜନଗଣନା ରିପୋର୍ଟ) । ଏମାନେ ମୂଳ ଗୋଣ୍ଡଓ୍ୱାନା (ମଧ୍ୟଭାରତ, ମହାରାଷ୍ଟ୍ର) ଭୂଖଣ୍ଡରୁ ସାମାଜିକ ଓ ରାଜନୈତିକ କାରଣ ବଶତଃ ବିସ୍ତରିତ ହୋଇ ରାଇଘର ଅଞ୍ଚଳର ବିସ୍ତୀର୍ଣ୍ଣ ଭୂଭାଗରେ ବସତି ସ୍ଥାପନ କରିଛନ୍ତି । ଏଠି ସାଧାରଣତଃ ରାପି ଗଣ୍ଡ, ଧୁରୁଆ ଗଣ୍ଡ ଓ ମାଡିଆ ଗଣ୍ଡ ଗୋଷ୍ଠୀ ଓ ସେମାନଙ୍କ ବହୁ ଉପଗୋଷ୍ଠୀ ବାସ କରୁଛନ୍ତି । ସଂପ୍ରତି ଏହି ମୂଳ ଅଧିବାସୀମାନେ ଛତିଶଗଡ଼ ଲୋକ ସଂସ୍କୃତି, ଓଡ଼ିଆ ସଂସ୍କୃତି ଓ ବଙ୍ଗୀୟ ଶରଣାର୍ଥୀଙ୍କ ସଂସ୍କୃତିର ଆବର୍ତ୍ତ ଭିତରେ ଏବଂ ସେମାନଙ୍କ ସହ ସହାବସ୍ଥାନ ଯୋଗୁଁ ସାମାଜିକ - ଅର୍ଥନୈତିକ- ରାଜନୈତିକ-ସାଂସ୍କୃତିକ ସଂକ୍ରମଣକୁ ପ୍ରତିହିତ କରି ସେମାନଙ୍କ ମୌଳିକତା ବଜାୟ ରଖିବା ଯେ ସମ୍ଭବ ହୋଇ ପାରୁନାହିଁ, ଏହା ପ୍ରତ୍ୟେକ ପ୍ରତ୍ୟକ୍ଷଦର୍ଶୀ ଅନୁଭବ କରିପାରିବେ ।

ସମୟ ସ୍ରୋତରେ ସମସ୍ତ ମାନବ ସମାଜରେ ପରିବର୍ତ୍ତନ ଆସିଲା ଭଳି ଆଦିବାସୀ ସମାଜରେ ମଧ୍ୟ ପରିବର୍ତ୍ତନ ଆସିବା ସ୍ୱାଭାବିକ ଏବଂ ଗଣ୍ଡ ଗୋଷ୍ଠୀ ସେମାନଙ୍କ ରକ୍ଷଣଶୀଳତା ସତ୍ତ୍ୱେ ନୂଆ ଅର୍ଥନୀତି ଓ ରାଜନୈତିକ ସ୍ରୋତଦ୍ୱାରା ପ୍ରଭାବିତ ହୋଇଛନ୍ତି ଏବଂ ଗଣ୍ଡମାନଙ୍କ ସଂସ୍କୃତି ଓ ଜୀବନଶୈଳୀକୁ ଏହା ଯେ ସଂକ୍ରମଣ କରି ଏକ ନୂଆ ସମୀକରଣ ସୃଷ୍ଟି କରୁଛି ଏଥିରେ ସନ୍ଦେହ ନାହିଁ । ଏହା ହିଁ ସାମାଜିକ ଗତିଶୀଳତାର ନିୟମ ।

ବର୍ତ୍ତମାନ ରାଇଘର ଗଣ୍ଡ ଗୋଷ୍ଠୀର ଦୃଶ୍ୟମାନ କେତେକ ପରିବର୍ତ୍ତନକୁ ଆଲୋଚନା କରିବା ଉଚିତ ହେବ । ସର୍ବପ୍ରଥମେ ଗ୍ରାମ ସଂଗଠନ ଓ ଶାସନର କଥା ନିଆଯାଉ । ସମାଜରେ ଗୋଟିଏ ପରିବାର ସର୍ବନିମ୍ନ ଏକକ ଭାବେ ଗୃହୀତ । ପରିବାର ସମୂହକୁ ନେଇ ଗୋଟିଏ ଗ୍ରାମ ଗଠିତ ହୁଏ । ଗଣ୍ଡ ଗ୍ରାମଗୁଡ଼ିକର ନିଜ ଗୋଷ୍ଠୀ

ସଂଖ୍ୟାଧିକ ତଥା ଅନ୍ୟ କେତେକ ଗୋଷ୍ଠୀ ଓ ସଂପ୍ରଦାୟର ଘର ମଧ୍ୟ ଦେଖାଯାଏ । ଗ୍ରାମଗୁଡ଼ିକୁ ସୁଶୃଙ୍ଖଳ ଓ ସୁଶାସନ କରିବା ପାଇଁ ଗାଁ ଲୋକେ ଜଣେ ଗ୍ରାମ ମୁଖିଆ, ନାୟକ, ଚଲାଣ, ପାଇକ, ଇତ୍ୟାଦି ପଦବୀଧାରୀ ବ୍ୟକ୍ତିଙ୍କୁ ମନୋନୀତ କରିଥାନ୍ତି । ଗ୍ରାମର ଶାନ୍ତି ଶୃଙ୍ଖଳା, ଚୋରୀ-ହାରୀର ବିଚାର, ଯୌନ ବ୍ୟଭିଚାର କିମ୍ବା ପ୍ରେମଜନିତ କୌଣସି ସାମାଜିକ ବିଧିବିଧାନର ବ୍ୟତିକ୍ରମ ଜନିତ ବିବାଦ, ଜମିବାଡ଼ି ବିବାଦ, ପାରିବାରିକ କଳହ ଆଦିର ସମାଧାନ କରିବା, ଗାଁକୁ କୌଣସି ରାଜା ବା ସରକାରୀ ପଦାଧିକାରୀ, ଅନ୍ୟଗ୍ରାମର ଲୋକେ ଆସିଲେ ସେମାନଙ୍କୁ ଆତିଥ୍ୟ ଯୋଗାଇ ଦେବା, ରଖାଇବାର ବ୍ୟବସ୍ଥା ଆଦି କାମ ଏମାନଙ୍କ ଦାୟିତ୍ୱାଧୀନ ଥିଲା । କିନ୍ତୁ ୧୯୫୮ ମସିହାଠାରୁ ପଞ୍ଚାୟତରାଜ ପ୍ରଚଳନ ଫଳରେ ଏବଂ କାଳକ୍ରମେ ତ୍ରିସ୍ତରୀୟ ପଞ୍ଚାୟତିରାଜ ହେବା ଯୋଗୁଁ ୱାର୍ଡ଼ମେମ୍ବର, ସରପଞ୍ଚ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପଞ୍ଚାୟତ ସମିତି ସଭ୍ୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଜିଲ୍ଲା ପରିଷଦ ସଭ୍ୟ ଓ ସଭ୍ୟାମାନେ ରାଜନୈତିକ ଓ ପ୍ରଶାସନିକ କ୍ଷମତା ବଳୟର କେନ୍ଦ୍ରବିନ୍ଦୁ ହେବା ଫଳରେ ଗ୍ରାମ ଶାସନର ପୂର୍ବ ଢାଞ୍ଚାରେ ବହୁ ପରିବର୍ତ୍ତନ ଆସିଲା । ଗ୍ରାମ ଶାସନରେ ପୂର୍ବେ ଯେଉଁ ସାମାଜିକ ବିଧିବିଧାନ, ପ୍ରତିବିଧାନ ମାନ ଦୃଷ୍ଟି ଗୋଚର ହେଉଥିଲା ତାହାର ବିଘଟନ ହେଲା । ବହୁ କୈନ୍ଦ୍ରିକ ଶାସନର ହସ୍ତକ୍ଷେପ ଫଳରେ ଯଥା :- ପୋଲିସ୍ ଶାସନ, ବନାଧିକାରୀଙ୍କ ଶାସନ, ରାଜସ୍ୱ ଅଧିକାରୀଙ୍କ ଶାସନ, ରାଜନେତାଙ୍କ ପ୍ରତିକ୍ଷେତ୍ରରେ ହସ୍ତକ୍ଷେପ; ଗ୍ରାମ-ସଂଗଠନ ଓ ଗ୍ରାମଜୀବନକୁ ଯେ ଅସନ୍ତୁଳିତ କରିଦେଲା ।

ଏହି ପରିବର୍ତ୍ତନ ଗଣ୍ଡ ଗୋଷ୍ଠୀ ବା ଜନଜାତିର ବ୍ୟାବହାରିକ ବୃତ୍ତି, ମୂଲ୍ୟ ଓ ନୀତି ତଥା ଲୋକାଚାର ଗୁଡ଼ିକରେ ମଧ୍ୟ ଲକ୍ଷ୍ୟ କରିହୁଏ । ପୂର୍ବେ ସେମାନଙ୍କ ମଧ୍ୟରେ ଥିବା ସାମୂହିକତା, ଏକତା ଓ ସମସ୍ତ ମଣିଷ ମଧ୍ୟରେ ସମାନତା ଥିବା ଦୃଷ୍ଟିକୋଣ ଭିତରେ ବ୍ୟକ୍ତି ସତ୍ତାର ପ୍ରଭୁତ୍ୱ, ନିଜକୁ ବଡ଼ ମନେ କରିବାର ପ୍ରବୃତ୍ତି ତଥା ସାମାଜିକ ବିଭେଦକତା ଅନୁପ୍ରବେଶ କରିବା ଫଳରେ ଗଣ୍ଡମାନଙ୍କ ସଂସ୍କୃତି ଓ ଜୀବନ ଶୈଳୀରେ ସାଂଘାତିକ ପରିବର୍ତ୍ତନମାନ ଅନୁଷ୍ଠିତ ହେଉଛି । ପୂର୍ବର ସହଯୋଗ, ସାମୂହିକ ଦାୟିତ୍ୱ, ଘରକାର ତଥା ପରମ୍ପରାବଲମ୍ବନ ପ୍ରତିଦ୍ୱନ୍ଦିତା, ବ୍ୟକ୍ତିଗତ ଅଧିକାର, ନିଜର ସ୍ୱାତନ୍ତ୍ର୍ୟ ଓ ବ୍ୟକ୍ତି କୈନ୍ଦ୍ରିକତାରେ ପରିଣତ ହୋଇ ମୂଲ୍ୟ ଓ ନୀତିଗୁଡ଼ିକର ସଂହତି ସଂଗଠନରେ ଜାତି କ୍ରମ ସୃଷ୍ଟି ହେଉଛି । ଗଣ୍ଡ ଗୋଷ୍ଠୀ ନିଜ ଅସ୍ତିତ୍ୱ ପାଇଁ ସଂଘର୍ଷ କରିବାର ପ୍ରବୃତ୍ତି ବଦଳରେ ବର୍ତ୍ତମାନ ସଂଘର୍ଷ କରି ଅସ୍ତିତ୍ୱ ପ୍ରତିପାଦନ କରୁଛେ । ଯେଉଁ ଗଣ୍ଡ ଗୋଷ୍ଠୀର ମୂଳ ପ୍ରକୃତିପ୍ରାଣତା ତାକୁ ପ୍ରକୃତି ସହିତ ଏକକାର କରିଥିଲା, ପ୍ରକୃତି ମୋହରେ ନିୟନ୍ତ୍ରଣର ବାଟକୁ ଶ୍ରେୟ ମଣୁଛି ଏବଂ ସର୍ବୋପରି ଅନୁଭାବାତ୍ମକ ଜନସମାଗମ ଭାବେ ପରିଚିତ ଗଣ୍ଡ ଜନଜାତି ସଂପ୍ରତି ପ୍ରୟୋଗଧର୍ମୀ ନଗର ସମାଜ ବା ପ୍ରୟୋଗଧର୍ମୀ ସହର ସଭ୍ୟତାକୁ ଆପଣେଇ ନେବାକୁ ଶ୍ରେୟ ମନେ କରୁଛି, ଏହାର ବହୁ ପ୍ରମାଣ ଗଣ୍ଡ ଜନଜାତିର ସାଂପ୍ରତିକ ଜୀବନ ଶୈଳୀରେ ପ୍ରତିଭାତ ହେଉଛି ।

ଆଉ ଯେଉଁ କ୍ଷେତ୍ରରେ ଗଣ୍ଡ ଜନଜାତିର ଜୀବନ କ୍ଷେତ୍ରରେ ଯେଉଁ ପରିବର୍ତ୍ତନ ଦେଖାଯାଏ ତାହା ହେଲା ଭାବ ଅଭିବ୍ୟକ୍ତର କ୍ଷେତ୍ର । ଗୋଣ୍ଡି ହେଉଛି ଗଣ୍ଡ ଜନଜାତିର ମୂଳଭାଷା କିନ୍ତୁ ଏହି ସମୃଦ୍ଧ ଭାଷାର

ପ୍ରୟୋଗ କେବଳ ପରିଣତ ବୟସ୍କ ଗଣ୍ଡ ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ପ୍ରଚଳିତ ଥିବାରୁ ଏବଂ ସଂପ୍ରତି ଶିକ୍ଷା କ୍ଷେତ୍ରରେ ଓଡ଼ିଆ ମାଧ୍ୟମର ପ୍ରୟୋଗ ଏବଂ ପଡ଼ୋଶୀ ଛତିଶଗଡ଼ର ଛତିଶଗଡ଼ୀ ଭାଷା ଓ ଲରିଆ ଭାଷାର ପ୍ରଭାବ, ସାଂପ୍ରତିକ ଗଣ୍ଡସମାଜ ମାନସିକତାରେ ଓଡ଼ିଆ ଓ ଛତିଶଗଡ଼ୀ ଭାଷାକୁ ନିଜର କରି ନେବାର ପ୍ରବଣତା ବହୁଳ ଭାବରେ ଦେଖାଯାଏ । ପ୍ରାଥମିକ ଶିକ୍ଷାଶେଷ ଯାଏ ବିଦ୍ୟାଳୟରେ ଗୋଷ୍ଠି ଭାଷାର ପ୍ରଚଳନ, ପରିବାରରେ ଗୋଷ୍ଠି ଭାଷାର ବ୍ୟବହାର ନ ହେବା ଫଳରେ ଯେ ଏହି ପରିବର୍ତ୍ତନ ଘଟୁଛି, ଏହା ବର୍ତ୍ତମାନ ରାଇଘର ଅଞ୍ଚଳର ୧୫ ଗୋଟି ପଞ୍ଚାୟତର ୧୨ଟି ବିଦ୍ୟାଳୟକୁ ନେଇ କରାଯାଇଥିବା ବହୁଭାଷିକ କ୍ଷେତ୍ର ଅଧ୍ୟୟନରୁ ଜଣାପଡୁଛି । ସାଧୀନତାର ୬୫ ବର୍ଷ ଧରି ଗଣ୍ଡ ଜନଜାତିର ଛାତ୍ରମାନେ ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ଓଡ଼ିଆ ମାଧ୍ୟମରେ ପାଠ ପଢ଼ିବା ଓ ଜୀବନ ଓ ଜୀବିକା ପାଇଁ ଏହି ଭାଷାକୁ ଗ୍ରହଣ କରିବା ଫଳରେ ଗୋଷ୍ଠି ଭାଷାର ବିଘଟନ ଘଟିଛି ଏକ ସାଭାବିକ ପ୍ରକ୍ରିୟାରେ ପରିଣତ ହୋଇଛି ।

ଗଣ୍ଡ ଜନଜାତିଙ୍କ ସାମାଜିକ ଜୀବନରେ ବିଶେଷତଃ ଯୁବକ ଯୁବତୀମାନଙ୍କ ପାଇଁ ଗଣ୍ଡ ଜନଜାତିର ଶ୍ରେଷ ସାଂସ୍କୃତିକ ପୁରୁଷ (Culture Hero) ଲିଙ୍ଗୋପେନ୍ (ଲିଙ୍ଗ ଦେବତା - ମହାଦେବଙ୍କ) ପ୍ରତିଷ୍ଠିତ ଘୋଟୁଲ ଅନୁଷାନର ଯେଉଁ ଭୂମିକା ଥିଲା, ତାହା ଅନନ୍ୟ ଓ ପ୍ରଭାବଶାଳୀ ଥିଲା । ଘୋଟୁଲ ଦେବତାଙ୍କ ବାସସ୍ଥାନ । ଏହି ଅନୁଷାନରେ ସଦାସର୍ବଦା ଲିଙ୍ଗୋପେନ୍‌ଙ୍କ ଅଦୃଶ୍ୟ ଉପସ୍ଥିତି ରହୁଥିବାରୁ ଗଣ୍ଡ ଜନଜାତି ଘୋଟୁଲ ଅନୁଷାନକୁ ପବିତ୍ର ମନେ କରୁଥିଲା । ସାଧାରଣତଃ ମାଡ଼ିଆ ଗଣ୍ଡ ଗୋଷୀ ଘୋଟୁଲ ସଂସ୍କୃତିର ଧାରକ ଥିଲେ । ଘୋଟୁଲ ଅନୁଷାନ ଗଠନ ମୂଳରେ ଯୁବକ -ଯୁବତୀମାନଙ୍କୁ ଗଣ୍ଡ ଜନଜାତିର ପ୍ରଚଳିତ ମାନ୍ୟତା ଅନୁଷାନରେ ସଂସ୍କାରିତ କରିବା ଓ ବୈବାହିକ ଜୀବନରେ ପ୍ରବେଶ କରିବା ପୂର୍ବରୁ ସମାଜର ଯୋଗ୍ୟ ସଦସ୍ୟ ଭାବେ ଦାୟିତ୍ୱ ନେବାର ମୂଳଶିକ୍ଷା ସମାଜର ବୟସ୍କା ନାରୀମାନଙ୍କ ଦ୍ୱାରା ଦିଆ ଯାଉଥିଲା, ଯହିଁରେ ଯୌନଶିକ୍ଷା ସମ୍ମିଳିତ ଥିଲା ।

ବୟସ୍କ ସିୟାନ୍‌ମାନେ କହନ୍ତି ପୂର୍ବକାଳରେ ପରିବାରର ପିଲାମାନଙ୍କୁ ବାପା -ମା ଓ ଘରର ଅନ୍ୟ ସଦସ୍ୟମାନଙ୍କ ଯୌନ ସମ୍ବନ୍ଧୀୟ କ୍ରିୟା କଳାପ ନ ଦେଖିବା ଓ ନ ଜାଣିବା ପାଇଁ ଘୋଟୁଲକୁ ପଠାଇ ଦିଆଯାଉଥିଲା । ସେଠାରେ ବୟସର ବିକାଶ ସଙ୍ଗେ ସଙ୍ଗେ ଜୀବନ ଉପଯୋଗୀ ବିଷୟଗୁଡ଼ିକୁ ଯଥା- ଚାଷ ସମ୍ବନ୍ଧରେ, ଶିକାର ସମ୍ବନ୍ଧରେ, ବନ୍ୟ ପଦାର୍ଥ ସଂଗ୍ରହ, ବିବିଧ ଶିଳ୍ପ, ନୃତ୍ୟ-ସଂଗୀତ ସମ୍ବନ୍ଧରେ ଏବଂ ଯୌନଶିକ୍ଷା ସମ୍ବନ୍ଧରେ ଶିକ୍ଷା ଦିଆଯାଉଥିଲା । ସାମାଜିକ - ସାଂସ୍କୃତିକ ତଥା ସାମୂହିକ ଜୀବନ ଦୃଷ୍ଟିକୋଣରୁ ସାର୍ଥକ ବ୍ୟକ୍ତିତ୍ୱର ବିକାଶ ସାଧନ ଏବଂ ସର୍ବୋପରି ଜୀବନ ସାଥୀର ନିର୍ବାଚନ ପାଇଁ ସୁଅବସର ଓ ଅନୁଭବ ପ୍ରଦାନ କରିବା ଘୋଟୁଲର ମୁଖ୍ୟ ଲକ୍ଷ୍ୟଥିଲା ।

୧୯୭୨ ମସିହା ଯାଏ ରାଇଘର ଅଞ୍ଚଳର ଉପାନ୍ତରେ ଏହି ଘୋଟୁଲ କାର୍ଯ୍ୟ କରୁଥିଲା କିନ୍ତୁ ୧୯୭୨ ମସିହାରେ ଘୋଟୁଲ ଅନୁଷାନକୁ ଏକ ମୁକ୍ତ ଯୌନାଳୟ ଭାବେ ବିବେଚିତ କରାଗଲା ଏବଂ ରାଇଘର ଗଣ୍ଡ ସମାଜ ଏକ ଉପବିଧି ପ୍ରଣୟନ କରି ଏହି ଅନୁଷାନର ପ୍ରଚଳନକୁ ନିଷିଦ୍ଧ କରି ଦେଲେ ।

ଏହା ଅନ୍ୟ ସଂସ୍କୃତିର ଅନୁପ୍ରବେଶ ଓ ଘୋଟୁଲ ସଂସ୍କୃତିପ୍ରତି ଏହି ଦୃଷ୍ଟି ଯୋଗୁଁ ହୋଇଥିବାର ମନେହୁଏ । (ତଥ୍ୟ - ଘନଶ୍ୟାମ ଗଣ୍ଡ, ରାଇଘର ଗଣ୍ଡ ସମାଜର ୨୦୦୧- ସଭାପତିଙ୍କ ଠାରୁ ସଂଗୃହୀତ) ଗଣ୍ଡ ଜନଜାତିଙ୍କ ସମାଜରେ ଘୋଟୁଲର ପ୍ରଚଳନ ବୋଧହୁଏ ଏକ ସାମାଜିକ ଆବଶ୍ୟକତା ଥିଲା ସେତେବେଳେ, ଏଣୁ ଏହି ସଂସ୍କାର ଧର୍ମୀ ଗଣ୍ଡ ମାନସିକତାର ପ୍ରମାଣ ଏହି ଘଟଣାରୁ ଜଣାଯାଏ । ସାମାଜିକ ପ୍ରଥା ଓ ପରମ୍ପରାରେ ଏହିପରି ପରିବର୍ତ୍ତନମାନ ସଂଘଟିତ ହେବା ମୂଳରେ ଅନ୍ୟ ସଂସ୍କୃତିର ପ୍ରଭାବକୁ ଅସ୍ୱୀକାର କରିହେବ ନାହିଁ ।

ନଗର ସଭ୍ୟତାର ସଂକ୍ରମଣ ବା ସହରୀ ସଭ୍ୟତାର ସଂକ୍ରମଣ କିପରି ଗଣ୍ଡ ସାମାଜିକ ଜୀବନରେ ଅନୁପ୍ରବେଶ କରି ପୂର୍ବ ପ୍ରଚଳିତ ପ୍ରଥା ଓ ପରମ୍ପରାକୁ ପରିବର୍ତ୍ତିତ କରି ପାରୁଛି ତହିଁର ଚାକ୍ଷୁସ ଉଦାହରଣ ଏହି ଲେଖକ ନିଜେ । ଦିନେ ଉମରକୋଟ ସହର (ନବରଂଗପୁର ଜିଲ୍ଲା) ନିକଟସ୍ଥ ଭାଲୁଗୁଡ଼ା ଗ୍ରାମର ଏକ ଗଣ୍ଡ ପରିବାରର ମୁଖିଆ ନିଜ କନ୍ୟାର ବିବାହ ପାଣିଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଥିଲେ । ସଂଜ ବେଳେ ପହଞ୍ଚିଲି, ନିଜ ପତ୍ନୀଙ୍କ ସହିତ ଗୃହସ୍ୱାମୀ ସ୍ୱାଗତ ଜଣାଇଥିଲେ । ଚୌକିରେ ବସିଲୁ । ସେଠି ଦେଖିଲି ଅଗଣାରେ ସାମିୟାନ । ମାଇକ ବାଜୁଛି । ଘରଠାରୁ କିଛି ଦୂରରେ ଡମ ବାଇଦର ଲହରୀ - ମହୁରୀ, ଟିଡ଼ିବିଡ଼ି, ଟାମକ, ତାଙ୍କର ସମ୍ମିଳିତ ଧ୍ୱନୀରେ ମଙ୍ଗଳବାଦୀ ବାଜୁଛି । ଅଗଣାରେ ବେଦୀ । ବେଦୀ ମଝିରେ ମହୁଲ ଡ଼ାଳ । ହଳଦିଆ କନା ଗୁଡ଼ା ହୋଇଛି । ଗଣ୍ଡ ପରଂପରା ଅନୁସାରେ କଳସ ମଣ୍ଡଣି । ଶିକାରେ ଧରମ ପାଣି । ଘର ପିଣ୍ଡାରେ ଗୋଟିଏ ନୂଆଟାଟରେ ବିବାହ ହେବାକୁ ଯାଉଥିବା କନ୍ୟାକୁ ଝିଅର ମା, ମାଉସୀ, ପିଉସୀ, ଗାଁର ବୟସ୍କା ନାରୀମାନେ ତେଲ ଚେଘାନି ଗୀତ' ଗାଇ ଗାଁ ଗୁଡ଼ିରୁ ଆଣିଥିବା ଦେଓତେଲ (ଦେବନତାଙ୍କୁ ସମର୍ପିତ ତେଲ) ତାର ପାଦରୁ ମୁଣ୍ଡଯାଏ ତଳୁ ଉପର ଆଡ଼କୁ ଲଗାଇ ଗୀତ ଗାଉଛନ୍ତି, ହଳଦୀ ଲଗାଉଛନ୍ତି ପାରଂପରିକ ଭାବେ । ଗୈରିକ ବସନ୍ ଧାରୀ କେତେଜଣ ଗାୟତ୍ରୀ ପରିବାରର ମୁଖିଆ, ସେଠି ଗାୟତ୍ରୀ ବିଧିରେ ବିବାହ କର୍ମ ସମ୍ପାଦନ କରିବା ପାଇଁ ପ୍ରସ୍ତୁତି ଚଳାଇଥାନ୍ତି । ପାରମ୍ପରିକ ତେଲ ଚେଘାନି ତେଲ ଉତ୍‌ଲାନି କ୍ରିୟାପରେ ବର-ବଧୂ ହୋମ କୁଣ୍ଡ ନିକଟରେ ବସିଲେ । ଗାୟତ୍ରୀ ଯଜ୍ଞ ସମାପନାନ୍ତେ ବିବାହ କର୍ମ ସରିଲା । ବିବାହ ଉତ୍ସବ ସମୟରେ ଗାଁର ଯୁବକ - ଯୁବତୀମାନେ ଆନନ୍ଦରେ ବାଦ୍ୟର ତାଳେ ତାଳେ ନାଚିବା ପାଇଁ ପ୍ରସ୍ତୁତ ହେବାବେଳେ ଗୃହସ୍ୱାମୀ ବିବାହକାଳୀନ ନୃତ୍ୟ ନ ନାଚିବା ପାଇଁ ବାରଣ କରିଦେଲେ । ବାଇଦ କରିଆମାନେ ଚିମରା ଚପିଦେଲେ । (ନିସ୍ତବ୍ଧ ହୋଇଗଲେ), ଯୁବକ-ଯୁବତୀମାନେ ମୁରମୁରା ହେଲେ । (ବଇସ ଦିଶିଲେ), ମାଇକରୁ ଶୁଭୁଥିବା ଗାୟତ୍ରୀ ମନ୍ତ୍ରର ମନ୍ଦ୍ର ଉଚ୍ଚାରଣ । ରୀତି ବାହୁଥିଲା, ତା'ପରେ ଭୋଜିଭାତ ।

ଏଠି ମୁଁ ସେଇ ଗୃହସ୍ୱାମୀଙ୍କ ପରମ୍ପରାକୁ ଛାଡ଼ି ନପାରିବାର ମୋହ ତଥା ଏକ ନୂଆ ସଂସ୍କୃତିକୁ ଆପଣେଇ ନେବାର ଆଗ୍ରହ ଭିତରେ ଦୁଇ ସଂସ୍କୃତିର ମିଳନ ଦେଖୁଥିଲି, ସତେ ଯେମିତି ଏହା ଏକ ପରିବର୍ତ୍ତନକୁ ନିଜ ଭିତରେ ଅଙ୍ଗୀଭୂତ କରିବାର ଉନ୍ମେଷ ପର୍ବ ଥିଲା ସେହି ଗଣ୍ଡ ପରିବାର ପାଇଁ ।

ସାଧାରଣତଃ ଗଣ୍ଡମାନଙ୍କ ମଧ୍ୟରେ ମାଡ଼ିଆ ଗଣ୍ଡ ନୃତ୍ୟ-ଗୀତ ପ୍ରିୟ ଜନଜାତି । ଗଣ୍ଡ ଜନଜାତିର

ନୃତ୍ୟ ମଧ୍ୟରେ ସିଙ୍ଗ ମାଡ଼ିଆ ନୃତ୍ୟ, ଗୟଲ ନୃତ୍ୟ, ହୁଲକୀ ନୃତ୍ୟ, ଗେଡ଼ୀ ନୃତ୍ୟ, ସେଲା ନୃତ୍ୟ, ସେବାନୃତ୍ୟ, ଭୀମା ନୃତ୍ୟ, ସୁଆ ନୃତ୍ୟ, ମାନ୍ଦ୍ରୀ ନୃତ୍ୟ, ଖୁଟ ମାନ୍ଦର ନୃତ୍ୟ ଲୋକନୃତ୍ୟ ଭାବେ ବହୁଳ ପ୍ରଚଳିତ । ସଂପ୍ରତି ଉଦୟପୁର, ସୋନପୁର ପଞ୍ଚାୟତ (ରାଇଘର ବ୍ଲକ/ ର ମାନ୍ଦ୍ରୀ ନୃତ୍ୟ ଦଳ ଓ ଖୁଟ ମାନ୍ଦର ନୃତ୍ୟଦଳ ସେମାନଙ୍କ ବେଶଭୂଷା, ନୃତ୍ୟର ଛନ୍ଦ ଏବଂ ନୃତ୍ୟର ଏକରସତା ଭଙ୍ଗ କରି ଦର୍ଶକମାନଙ୍କ ମନୋରଞ୍ଜନ କରିବା ସକାଶେ ଦୁଇ ଜଣ ଜୋକର୍ ବା କାର୍ଟୁନ୍ ଯେଉଁମାନେ କି ପୁରାପେଣ୍ଟ, ପୁରାସାର୍ଟ ପିନ୍ଧି, ମୁହଁରେ ରଙ୍ଗମାରି, ହାତରେ ବନ୍ଧୁକ ଧରି ନୃତ୍ୟ ସମୟରେ ବିଭିନ୍ନ ପ୍ରକାର ଅଙ୍ଗଭଙ୍ଗୀ କରିଥାନ୍ତି, ଦେଖିବାକୁ ମିଳେ । ଏହା ଏକ ପ୍ରକାର ପ୍ରୟୋଗ ଯାହା ସାଂପ୍ରତିକ ପରିବର୍ତ୍ତନକୁ ଆତ୍ମସାତ୍ କରିଛି ।

ଆଉ ଏକ ପରିବର୍ତ୍ତନ ଦେଖିବାକୁ ମିଳେ ଯେ ସଂପ୍ରତି ଗଣ୍ଡ ଜନଜାତି ସାଧୀନତା ପୂର୍ବରୁ ନବଜାଗରଣ ଓ ସାମାଜିକ ଆନ୍ଦୋଳନ ଯାହା ଅଣ ଆଦିବାସୀ ଗୋଷ୍ଠୀର ସାମାଜିକ ସଂସ୍କାର ପାଇଁ ଉଦ୍ଧିଷ୍ଟ ଥିଲା, ସେହି ପ୍ରକ୍ରିୟାରେ ପ୍ରୋତ୍ସାହିତ ହୋଇ ନିଜ ସମାଜରେ ପ୍ରଚଳିତ ଥିବା ବିବାହ ସଂସ୍କାର, ବିଭିନ୍ନ କୁପ୍ରଥା ଓ ପରମ୍ପରା ନାମରେ ଅନାବଶ୍ୟକ କର୍ମାନୁଷ୍ଠାନ ଗୁଡ଼ିକରେ ସଂସ୍କାର ଆଣିବା ପାଇଁ ଗଣ୍ଡ ସମାଜ ଗଠନ କରି ଉପବିଧି ପ୍ରଣୟନ ପୂର୍ବକ ଅନେକ ସିଦ୍ଧାନ୍ତ ଗ୍ରହଣ କରି ନିଜ ସମାଜରେ ଲାଗୁ କରିବା ଫଳରେ ସେମାନଙ୍କ ମଧ୍ୟରେ ଗୋଷ୍ଠୀଗତ ଐକ୍ୟ, ଏକତା, ଶୁଦ୍ଧତା ଓ ସମୃଦ୍ଧିର ବାଟ ଫିଟି ପାରିଛି । ଶିକ୍ଷା, ସ୍ୱାସ୍ଥ୍ୟ, କୁସଂସ୍କାର ବିଲୋପ, ନିଶା ନିବାରଣ, ବିବାହ ବିଶେଷତଃ ସ୍ବୀରାକୃତ ବିବାହରେ ପୂର୍ବରୁ ପ୍ରଚଳିତ ମାହାତ୍ମ୍ୟ ହ୍ରାସ, ଝିଙ୍କା ବିବାହ ନିଷେଧ ଆଦି ଅନେକ ସାମାଜିକ ସଂସ୍କାର ହେବା ଫଳରେ ପୂର୍ବ ପ୍ରଚଳିତ ଅନେକରୁଢ଼ି ବିଶ୍ୱାସ ହ୍ରାସ ପାଇଛି । ସମାଜରେ ଯୌନ ବିଶୃଙ୍ଖଳାଜନିତ ଘଟଣାଗୁଡ଼ିକୁ ଶୃଙ୍ଖଳିତ କରିବା, ଅସଂଜତ ଆଚରଣକୁ ନିନ୍ଦା କରିବା ସହ ଏଥିରେ ଜଡ଼ିତ ମଣିଷଙ୍କୁ ସାମାଜିକ ବାସନ୍ଦ ଭଳି କଠୋର ଦଣ୍ଡ ଏବଂ ଆର୍ଥିକ ଦଣ୍ଡ ପ୍ରଦାନ କରିବାର ସାମାଜିକ ନ୍ୟାୟ ବ୍ୟବସ୍ଥା ଗଣ୍ଡ ସମାଜର ଏକ ନିଜସ୍ୱ ମୌଳିକ ନ୍ୟାୟ ବ୍ୟବସ୍ଥା, ଯାହା ସେମାନେ ନିଜ ସମାଜ ସଂଗଠନର ଉପବିଧିରେ ସନ୍ନିହିତ କରିଛନ୍ତି ।

ଭାରତ ସାଧୀନ ହେଲାପରେ ଗଣ୍ଡ ଜନଜାତି ଅନ୍ୟ ଜନଜାତିଙ୍କ ଭଳି ଅର୍ଥନୈତିକ, ଶିକ୍ଷାଗତ, ରାଜନୈତିକ ଓ ଆଇନଗତ କେତେକ ସୁବିଧା ସୁଯୋଗ ପାଇଲେ ଏବଂ ବିଶେଷତଃ ବିଭିନ୍ନ ସ୍ତରର ରାଜନୈତିକ ଦଳ ଗୁଡ଼ିକର ପ୍ରବଳ ହସ୍ତକ୍ଷେପ ଫଳରେ ଯେଉଁ ରାଜନୈତିକ ସଚେତନତା ସୃଷ୍ଟି ହୋଇ ଲୋକଙ୍କ ମନରେ, ଗଣତାନ୍ତ୍ରିକ ମୂଲ୍ୟବୋଧ ସୃଷ୍ଟି ହେବା କଥା ତାହା ନହୋଇ ଦଳଗତ ସଂକୀର୍ଣ୍ଣତା ଭିତ୍ତିରେ ଗଣ୍ଡ ସମାଜ ବିଭକ୍ତ ହୋଇ ସାମୂହିକତା ଛାଡ଼ି ବ୍ୟକ୍ତି କେନ୍ଦ୍ରିକ ହେବାର ଦେଖାଯାଇଛି, ଯାହା ଏକ ନକାରାତ୍ମକ ସ୍ଥିତିକୁ ସୁଦୃଢ଼ କରିଛି ମାତ୍ର ।

୧୯୭୧ ମସିହା ବେଳକୁ ବହୁ ବଂଶୀୟ ବାସ୍ତୁହରା ପରିବାରଙ୍କୁ ରାଇଘର ଅଞ୍ଚଳର ବିଭିନ୍ନ ଗ୍ରାମ ନିକଟରେ ଥଇଥାନ କରାଯିବା ଫଳରେ ସେମାନଙ୍କ ସହ ଗଣ୍ଡ ଜନଜାତି ସଂପର୍କରେ ଆସି ଏକ ନୂଆ ଭାଷା, ନୂଆ ସଂସ୍କୃତି, ନୂଆ ପ୍ରଦର୍ଶନ କଳା (ନୃତ୍ୟ-ଗୀତ-ସଂଗୀତ) କୃଷିକର୍ମର ନୂଆ ବୈଷୟିକ ଜ୍ଞାନ କୌଶଳ

ଗଣ୍ଡ ଜନଜାତିଙ୍କ ଅନୁଭବକୁ ଆସିଲା । ପୁଣି ବଙ୍ଗବାସୀଙ୍କ ଦଶହରା, ସମୟରେ କର୍ମୀଙ୍କ ମୃଣ୍ମୟୀମୂର୍ତ୍ତି ପୂଜାର ପ୍ରଚଳନ, କାଳୀପୂଜା ଅବସରରେ କାଳୀ ମୂର୍ତ୍ତି ପ୍ରତିଷ୍ଠା ଓ ପୂଜା ସେମାନଙ୍କ ପାଇ ଏକ ନୂତନ ବାତାବରଣ ଓ ପରିବେଶ ସୃଷ୍ଟି କଲା, ଯାହା ସେମାନଙ୍କ ଦୃଷ୍ଟିକୋଣକୁ ପରିବର୍ତ୍ତିତ କରିବାରେ ସହାୟକ ହେଲା ।

ସଂଖ୍ୟାରେ ସଳ୍ପ ହେଲେ ମଧ ଉଚ୍ଚ ଶିକ୍ଷିତ ଗଣ୍ଡ ଗୋଷ୍ଠୀର କେତେକ ସଦସ୍ୟ ସାମାଜିକ ସ୍ତରରେ ଆହୁରି ଉନ୍ନତ ସ୍ତରକୁ ଉନ୍ନୀତ ହେବା (Upword social mobility) ମାନସିକତାରେ ଆକ୍ରାନ୍ତ ହୋଇ ନିଜ ଗୋଷ୍ଠୀର କନ୍ୟାଙ୍କୁ ବିବାହ କରିବା ବଦଳରେ ସଂବର୍ଣ୍ଣ ଗୋଷ୍ଠୀର କନ୍ୟାଙ୍କୁ ବିବାହ କରିବାର ମଧ ଦେଖାଯାଉଛି, ଏହା ଶିକ୍ଷା, ଦକ୍ଷତା ଓ ଆନ୍ୟ ସାଂସ୍କୃତିକ ପ୍ରଭାବର ଫଳ ବୋଲି କୁହାଯାଇପାରେ ।

ପର ସଂସ୍କୃତିକୁ ଗ୍ରହଣ କରିବା, ଅନୁକରଣ କରିବା, ଅନୁସରଣ କରିବା, ସେହି ସଂସ୍କୃତିରୁ କିଛିକୁ ନିଜ ସମାଜରେ ଆତ୍ମଲୀନ କରିବାର ପ୍ରକ୍ରିୟା ଏକ ଯୌନ ମୌଳିକ ବାସ୍ତବତା ଅଟେ ଯାହା ପ୍ରାୟ ଆଦିବାସୀ ସମାଜରେ ଦେଖିବାକୁ ମିଳେ, ଗଣ୍ଡ ସମାଜ ମଧ ଏହାର ବ୍ୟତିକ୍ରମ ହୋଇପାରିବ ନାହିଁ । ପ୍ରତ୍ୟେକ ମଣିଷ ମନରେ ସାମାଜିକ - ସାଂସ୍କୃତିକ ସିଡ଼ିରେ ଉପରକୁ ଉଠିବାର ଏକ ପ୍ରାକୃତିକ ଅଭିଳାଷ ରହିଥାଏ, ଏଣୁ ନିଜ ସମାଜକୁ ମଧ ଉନ୍ନତ ଗୋଷ୍ଠୀର ସମକକ୍ଷ କରିବାର ପ୍ରକ୍ରିୟାରେ ସେ ସତଃ ସ୍ଫୁର୍ତ୍ତ ଭାବେ ଅଂଶଗ୍ରହଣ କରିଥାଏ ।

ସବୁଠାରୁ ବଡ଼ କଥା ହେଲା ଏସବୁ ବାହ୍ୟ ପରିବର୍ତ୍ତନ ସତ୍ତ୍ୱେ, ରାଜନୀତି କରଣ ସତ୍ତ୍ୱେ, ସାମାଜିକ ମୂଲ୍ୟବୋଧର ପରିବର୍ତ୍ତନ ସତ୍ତ୍ୱେ ଗଣ୍ଡ ସମାଜ ତା'ର ଧର୍ମ ବିଶ୍ୱାସ, ଜାନି - ଯାତ୍ରା, ଦେବ-ଦେବୀ ପ୍ରତି ତା'ର ଅଖଣ୍ଡ ବିଶ୍ୱାସ ଓ ନିଷ୍ଠା, ଗ୍ରାମର ନାୟକ, ଚଲାଣ, ପାଇକ, କୋଟଓ୍ୱାଲ, ଦିସାରୀ, ପୂଜେର (ପୂଜାରୀ), ପ୍ରତି ସମ୍ମାନ ସେମିତି ରକ୍ଷଣଶୀଳ ଭାବେ ବଜାୟ ରଖିଛି । ଜଡ଼ ପୃଥିବୀର ସମସ୍ତ ଜାଗତିକ ଆକର୍ଷଣ ସତ୍ତ୍ୱେ ସେ ତା ଆତ୍ମାରେ ସେଇ ପ୍ରାଚୀନତମ ମଣିଷ ହୋଇ ହିଁ ରହିଛି । ଏହା ହିଁ ବଡ଼ ଆଶ୍ୱାସନା ।

# "Changing Facet of Tribal Museum"

*Trilochan Sahoo*




***(The 'Museum of Tribal Arts and Artifacts', popularly called 'Tribal Museum', houses material culture and manifest the cradle of tribal life. The Museum complex comprises of broad components, like 'Display Halls'- showcasing different tribal arts and artifacts, 'Sacred arena of Tribal Shrine Crafts'- depicting tribal religious believes and practices and replicas of 'Tribal Habitats'- exhibiting architectural design of tribal housing pattern and an auditorium for showing films on tribal life and culture. Besides, the healing touch of herbal garden and the beauty of its surrounding attract the visitors round the year. The vision of the Museum includes providing facilities, like exclusive PTG galleries and Photographs and tribal paintings, an Information Center and a workshop on tribal art and craft and organizing annual tribal dance festival at national level. It exhibits excellent collections of as many as 3500 rare and beautiful tribal arts, crafts and artifacts, which are of artistic, cultural and historical interests. The mission of the Museum helps support the conservation of tribal material culture, and its changing facet indicates a movement of activities, like documentation and live demonstration by tribal arts and crafts, national tribal dance performance, exhibition of national tribal paintings, etc. It is a center of knowledge, a source of entertainment, and education, which provides guidance and glee to large number of esteem visitors from Indian and abroad. A visit to the Museum would help the visitors at Bhubaneswar feel the touch of tribal life and living in the Odishan remote country side. The internationally acclaimed Tribal Museum is a pride possession of Odisha State and now it has been placed in the World Tourism map.)***

## 1. Introduction

Bhubaneswar, the State capital of Odisha, is a terrain of tourists' interests. Temple culture and Tribal culture in Odisha draw the attention of visitors from all over the world. The establishment of different museums such as State Museum, Regional Museum of Natural History and Tribal Museum in Bhubaneswar city as the places of interests and attractions catches the eyes of the tourists most. Respecting tribal tourism, our concern here is to highlight the origin, need, form, functions and contemporary changes of "Tribal Museum" for the great cause of the tribal lovers and propagation of Odisha tribal tourism. The splendid exhibit in the Museum complex reflects the tribal culture and respects the valued contributions of the tribals of Odisha. The most the tribal communities of the State have contributed their precious lot for organizing the Museum's treasure of antiquity and ingenuity. The cultures of these tribes share the complex ethno-cultural mosaic of the State.

Each tribal community is unique in term of its material culture, house type, livelihood, religious institutions, folk dances and songs, music, costumes and adornments, tools and technology, arts and crafts, etc. Some of the indigenous tools, technologies, weapons, basketry, pottery, textiles, costumes, ornaments, ritual objects and articles have already been vanished and some are going to be vanished under the process of rapid changes. They are losing meaning to the modern man. Their protection and conservation in the museum have become a necessity to know the antecedents of human life and living. Thus, the State Government in STSC Development Department, Odisha has established a Tribal Museum in the premises of SCSTRTI, Bhubaneswar with the mission of offering to the visitors an understanding about the tribal life and living as well as to promote the tribal tourism.

To fulfill the objectives the tribal museum educates about the material and non-material dimension of tribal culture and civilization, which are of immense value to the public. It shares knowledge and enhances intensive interaction among tribals and non-tribals and acts like an observatory/ laboratory for the natural and social scientists and provides them a forum for intellectual discourse.

## 2. Organization of Tribal Museum

The Museum Complex has three components, like i) Main Building comprising 5 Display Halls, ii) Sacred arena of Tribal Shrines Crafts and iii) Tribal Habitats. Each of them has been endowed with its own splendid exhibits. Besides, the replicas of tribal shrines, deities, huts and dormitory, the "Tribal Museum" display an excellent collection of 3,485 tribal arts and artefacts. The Museum Complex provides the

visitors a picturesque tribal tradition in Odisha through its exhibits in 5 Displays Halls, which include 1903 tribal arts and artifacts.

2.1 Complex of 5 Displays Halls, the central attraction of the Museum, displays dress and ornaments, dhokra items, dance and musical instruments, hunting implements, fishing nets, weapons of offence and defense, personal belongings, arts and photographs.



Display Hall No. I houses the personal adornments of tribals including the Particularly Vulnerable Tribal Groups (PTGs). It tells about the man's fascination for jewellery, which dates back to pre-historic days. It displays the costumes and Ornaments ornaments section of the Museum, which comprises of 34 items of textiles of 8 tribes and 911 ornaments of ornaments of 17 tribes in 16 showcases. The traditional costumes include typical textile items like *Ringa* of Bonda, *Phuta Saree* of Santal, *Gatungkup* of Lanjia Saora etc. and the ornaments include bead necklaces like *Tangam* of Lanjia Saora, *Shaska* of Kutia Kondh, *Kunti* of Juang, coin necklace like *takamecodica* of Dongria Kondh, *Puste* of Koya, *Dabulubeida* of Bonda tribes.



Among the showcases of attire, the central focus are on Ringa, a piece of typical Bonda textile, prepared out of natural fibers collected from the bark of tree and spun, designed and weaved by the Bonda craftsperson in their own handloom and the textile of Dongria Kondh, a colourful embroidered cloth, specially designed and prepared by the maiden for presentation to the beloved ones.



The small Tribal cottages are decorated by them with personal belongings and wall paintings very nicely. The Museum captures the events and activities of the tribals, the paddy crafts and the paper arts,

the creation of the tribal students through the exhibits of its crafts and photo in the Display Hall No. II (Personal belongings, Arts & Photographs). Such collections numbering about 164 from contribution of 15 tribes find place there. The arts and photographs section comprises the snaps of tribal men and women and socio-religious activities. The attraction of the section includes photographs like Shaman and Anital of Saora, Koya dancing girl, Bonda and Dongria Kondh women with traditional costumes, and sketches drawn by the tribal pupils at schools.





Since time immemorial the tribal pursue hunting to fight against hunger and use weapons to protect themselves from the attack of wild animals and during indulging in warfare with other tribal groups. The **Display Hall No. III *(Hunting Implements, Fishing Nets & Traps, Weapons of Offence & Defence)*** through its 239 exhibits on hunting and fishing tools and weapon of offence and defence flashes back these events.

Among the display items, hunting implements of 22 Sch. Tribes including PTGs, 36 items of fishing nets and crafts of 15 tribes add the speciality of the block where axe of Kondh, spear of Parojà, sword of Oraon, knife of Dongria Kondh and Bonda, bow and arrows of all the tribes attract the research potentiality of the visitors. Also the presence of nets and traps of Mankirdia, Kutia Kondh, Santal, Kisan, gum stick of Juang, fish basket of Bonda, bird trap of Kolha reproduce the beauty of the block.

The tribals invent and use their own traditional but simple tools and technology. They themselves make most of their tools. These tools are made and designed suitable to the hill farm activities and hunting expeditions. A variety of hoes and











ploughs and other wooden agricultural implements not only explain the art of tribal carpentry and iron-smithy in the evolution process but also tell about their soil conditions and their art of tilling. The Museum tries to recollect different agricultural and hunting implements, which are the hand products from the tribal carpenters and local ironsmiths.

The **Display Hall No. IV** ***(Agricultural Implements & Household Objects)*** exhibits as many as 283 articles, like agricultural implements and household objects. A variety of hoes of PTGs, and wooden ploughs of progressive tribal farmers along with tribal household objects such as *Tumba*, gourd container, Siali net, Siali oil extractor and Siali fiber basket of Mankirdia, wine container of Paraja and wine pot of Lanjia Saora create scenic agrarian material culture in a remote area in the visitors mind.







The tribals make their musical instruments, but mostly the men play on them. Dhokra items are usually made by the neighboring Schedule d Castes and used by the tribals as gifts and ceremonial exchanges. The Hall exhibits three types of the musical instruments, like string instruments, percussion instruments and blowing instruments, which are basically influenced by their ecology and etiquette. The **Display Hall No. V** ***(Dhokra items, Dance and Musical Instruments)*** displays Dhokra and musical instruments. There are 117 Dhokra items such as Lionet, deer and snake charmers of Desia Kondh, ox-head of Bathudi and elephant of Bhuinya tribe which catch the eyes of most of the visitors. Besides, 113 musical instruments like horn trumpet of Kutia Kondh and Lanjia Saora, Santal, Bonda, double membrane drum of Holva, Santal, Dhelki Khadia, flute and violin of Santal, Changu of Juang, string







instruments of Santal, Lanjia Saora, Dongria Kondh attract all categories of visitors, especially the musicians.



The clay model of a Bonda couple in traditional costume and attire amidst the display of different dhokra items, musical drums has been the central attraction of the Hall.

2.2 ***Sacred Arena of Tribal Shrine Crafts:*** *All tribals seem to be craftsmen by nature and need. The tribes of Odisha, like, Bhumia, Bhottada, Dhurua, Kondh, Saora, Santal, etc. and Primitive Tribal Groups, namely Dongria Kondh, Juang, have contributed their precious lot for organizing the Shrine Crafts section of the Museum. The Museum has been gifted with the replicas of tribal Shrine Crafts and 14 such tribal deities have been enshrined in the sacred complex. The open-air display of Shrine Crafts spells tribal religion and adorns their deities in their shrines. All these reflect the tribals supernatural beliefs, their world of religion. The special appearance of Saora shrine crafts, like* Mandua Sum, Jananglo Sum *and Dongria Kondh, shrine crafts like* Koteyuwali, Meriah *post and Kodrumunda displayed on the open air platforms inside the Museum help support the splendors of the Museum and pleases all sections of the visitors.*



*Mandua Sum is an invisible village deity of the Saora. The villagers altogether construct this shrine outside the village. Also an individual family may construct this shrine inside his village. The wooden peacock decorated at the roof top acts as the shrine's watchman. The Saora do believe that the invisible deity inside the shrine protects their habitat and. up keep the health and well being of the people.*



*The shrine of Dharani Penu is known as the Kudi or Sadar–Ghar that is usually situated in the centre of the village in the village street and is a small thatched hut. Dharani Penu is represented by three long pieces of stones posted upright and another two pieces of stone placed horizontally over it. Sixteen pieces of stones lay scattered all around Dharani penu representing her sixteen disciples, who work for her. The Dharani Penu', the Earth Goddess, is the, supreme deity of the Dongria Kondh. She is recognized as the creator of the world and is venerated to protect them from evil and brings about happiness and prosperity in their society.*

**2.3 Museum of Mankind; Tribal Habitats:** This section of the museum comprises the replicas of five 'Tribal Huts', like Santal, Juang, Gadaba, Saora and Kondh. Each of these huts is manifested along with their shrine crafts, arts and artifacts, and household appliances so as to imagine the entireness of the habitat physical setting. The 'Museum of Mankind' was inaugurated in July 1986. Its main objectives are to give an opportunity to the tribal lovers of India and abroad to gain some knowledge about the life style and culture of the tribes through their houses in the village settings. A rich collection of varieties of artifacts, crafts and art objects belonging to the five tribes were displayed in the respective tribal huts as per the tribals' perception, prescription and practice, along their own genius. The followings highlight the individual tribe and its hut:



*The Santal hut stands a little distance away from the Jahera Era, sacred sal grove of a typical Santal village. The sacred sal grove with Marang Buru, Jaher Era and Maneko, Turiyeko deities at the outskirt of the village is a common place of worship. Their house built on a rectangular or 'L' shaped ground plan and thatched with straw or naria tiles is very attractive with spectacular multicolored wall paintings and drawings.*



*Conspicuous in a Juang village is the Mandaghar, hub of community life, a council chamber, a rest shed and a sleeping place for bachelors. The replica of Juang Mandaghar (Bachelors Dormitory) stands before the dancing arena. At the corner of the dancing arena is an upright piece of stone representing* Grama siri *fixed on the ground near by is a carved wooden pole fixed to the ground, which serves as the* Chheda Katha *(sacrifice post)*

The Gadaba hut stands before the *Sadar*. The Sadar is the Village meeting place where the elders gather and decide disputes and discuss problems concerning them. The typical Gadaba house is called *Chhendi Dien*, which is cylindrical in shape with a conical roof supported by a central sal post.

*The importance of the Saora hut lies with its wall paintings and the location of* Tanger Sum *and* Gosada Sum, *who are the watch gods of the Saora family and village respectively. Icon is an important wall painting drawn by the Shaman. It is meant for the edification of Gods and ancestors. Sitting in a merry go round Shrine in front of the main house, Tanger Sum wards off evil spirits. The Gosada Sum is installed in the out skirt of the Saora village to guard the village and protect the inhabitants from evil spirits.*



*The replica of Kondh hut stands close to the arena of Jhanker and Meriah Post. The interior decoration of the hut explains the material culture of the Kondh. Mother Goddess or Earth Goddess installed in a central place in the village street where buffalo is sacrificed during* Kedu *Festival. In this festival to the* **Meriah Post** *the sacrificial animal (buffalo) is tied.*

***3. Museum Movement:***

*Tribal museum started operating from a single room at the premises of TRB at Lewis road, near State Museum, Bhubaneswar. Then its venue shifted to the premises of SCSTRTI at CRPF square in 1982 which took a new expanding look with 5 Display galleries and equal number of tribal habitats in the year 2001.*



*From static to movement, the tribal dance festival along with the ingenious and melodious music from different musical instruments, composed and played by*



tribals, are now regular events through aural programme. The other movement of the Museum include extension of landscaping and beautification of complex, spreading of Open air display of tribal sculpting, Shrine crafts in the surrounding, audio-visual presentation of tribal life and culture in the Auditorium, organizing creative activities among the tribal artisans and craftsmen across the country workshops, seminars, symposium and special talk in regular intervals, and leveling it as an extension of information center with showcasing of museum related study materials, news letters, arranging exchange visits by the tribal students to other museums, like Indira Gandhi Rastriya Manava Sangrahalaya, Bhopal and the guide tours to the visitors.

To provide a glimpse into the rich tribal arts and dance and to portray their ways of living through dance performance of tribal communities of different states across the country, the SCSTRTI, ST and SC Development Department, Govt. of Odisha is hosting a three-day tribal dance festival every year. Live Demonstration







of Tribal Arts and Crafts programmes are being organised for tribal artists from different tribals of Odisha and outside states. The aim is to provide a platform to tribal artisans who can directly interact and sell their products to customers without interference of any middlemen and promotion and popularization their arts and crafts, like cloth embroidery and Siali fiber craft, bamboo craft, dhokra, jewellery making,mat making and wall paintings.



The healing touch of herbal garden and the Auditorium make the museum movement most enjoyable and entertaining for the public round the year.



## 4. Our Esteem Visitors:

*It is a matter of privilege, pleasure and proud that VIPs and dignitaries such as Shree Naveen Patnaik, Hon'ble Chief Minister of Odisha, Shri V. Kishore Chandra Deo, Hon'ble Union Cabinet Minister, Ministry of Tribal Affairs and Panchayati Raj, Shri Dilip Singh Bhuria, Chairman, Scheduled Areas & Scheduled Tribes Commission, New Delhi, Bhupinder Singh, Member, Scheduled Area and Scheduled Tribes Commission, and Mr. Zhang Yan, Ambassador of China to India have visited the Museum. Over the last one decade as many as 51258 visitors including 19644 foreigners had visited the Museum and given their words of warm appreciations and valuable suggestions. Over a gap of more than one decade, the number of visitors has swelled from 270 in 2001 to 51258 in 2011.* ***Numbers of visitors at Tribal Museum during 2001-2011*** *year- wise are presented in the following graph and statement.*




| Year | Indian | Foreigners | Total |
|---|---|---|---|
| 2001 | 123 | 147 | 270 |
| 2002 | 184 | 200 | 384 |
| 2003 | 368 | 359 | 727 |
| 2004 | 889 | 318 | 1207 |
| 2005 | 1513 | 497 | 2010 |
| 2006 | 2045 | 588 | 2633 |
| 2007 | 2933 | 675 | 3608 |
| 2008 | 5016 | 983 | 5999 |
| 2009 | 6393 | 1045 | 7438 |
| 2010 | 10565 | 1456 | 12021 |
| 2011 | 13376 | 1585 | 14961 |
| **Total** | **31614** | **19644** | **51258** |

The Tribal Museum has been placed in the World Tourism Map. Some of the esteem visitors' words of appreciation as recorded in the Visitor's Book are reproduced below.



***Shri Shree Naveen Patnaik, Hon'ble Chief Minister of Odisha visited the Tribal Museum on 5th March. 2001 and viewed, "Splendid Museum! It reflects the great pride of the tribal heritage".***

***Visit of Shri V. Kishore Chandra Deo, Hon'ble Union Cabinet Minister, Tribal affairs and Panchayati Raj***

***visited the Tribal Museum on 6th Nov. 2011 and viewed, "The collection of the museum provides an insight into the culture and tradition of our indigenous people. It is a very good effort and must be persuaded further. May I wish the Govt. of Odisha the very best in this endeavor".***



***5. Conclusion***

Tribal Museum is an internationally recognized Museum for its unique display of art and crafts, shrines, heritage and habitats, and activities of different tribal communities under the museum movement. Under the guidance of the Commissioner-cum- Secretary, ST&SC Development Department and Director, SCSTRTI a special drive is being taken to make the museum a movement with regular features, like organization of National Tribal Dance Festival, live demonstration of tribal arts and crafts of different states, beautification and sculpting of surrounding. The on-going attempts towards publication of a photo handbook and availability of all publications and reference materials in the Museum would be quite useful for the visitors. We gratefully acknowledge the helps and assistances of all, the Ministry of Tribal Affairs, Govt. of India, ST&SC Development Department, Govt. of Odisha, Sate Museum, Museum of Natural History, Project Administrators of ITDAs and Special Officers of Micro Projects, above all the contribution of tribals for the establishment of the Museum. Further, suggestions from any part for improvement of the Museum are most welcome. The Museum is located in the premises of SCSTRTI, at CRPF Square, Nayapalli, Bhubaneswar -751003 on the Kolkata- Chennai NH-5, Odisha. The Tribal Museum, SCSTRTI can be contacted through Tel. No. is **0674 – 2563649 and** FAX No is **0674 – 2561635 and E.mail Id– scstrti@yahoo.co.in.**

Please make visit and help nurture the Tribal Museum to help serve you better.

***References***


1. *SCSTRTI, 2001: Bulletin, Museum of Tribal Arts and Crafts (Unpublished)*
2. *SCSTRTI, 2005: Brochure, Museum of Tribal Arts and Crafts*
3. *Tribal Museum, 2011: Data Inputs from Sri B.K. Chinara, SA, Mrs. K. Patnaik, Sr. LA, Sri Sarabjeet Singh, Guide, Miss Anjana Kodamasingh, Guide, and Sri, Nilamadhaba Kanhar, Guide, photo from Miss. Bebina Pradhan, DEO, and Sri A.P. Roy.*

# SUSTAINABLE TRIBAL DEVELOPMENT THROUGH PRESERVATION OF CULTURE

*Dr. Jagabandhu Samal*

The Culture may be defined as the sum total of a nations' or Society's thinking and living. It is the way of life based on common traditions and environment. It is the common learned way of life shared by the members of a society. It implies the behaviour of the people, their ethos, views and value system.

